# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 43 ◆ISSUE-50 ◆WEDNESDAY ◆13 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୦ ◆ବୁଧବାର ◆୧୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




**ସୋନାକ୍ଷୀଙ୍କ ରୌଦ୍ର ରୂପ**

▶ଭିତର ପୃଷ୍ଠା ଦେଖନ୍ତୁ...

# 'ଆଧାର' ନାଗରିକତ୍ୱର ପ୍ରମାଣ ନୁହେଁ: ସୁପ୍ରିମକୋର୍ଟ

## ଅଦାଲତ ତର୍ଜମା କରିବେ ନିର୍ବାଚନ କମିସନଙ୍କ ନାଗରିକତ୍ୱ ନିର୍ଦ୍ଧାରଣ କ୍ଷମତା



■ **ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ମାମଲାର ଶୁଣାଣି ଆଜି ସୁପ୍ରିମକୋର୍ଟରେ ଆରମ୍ଭ ହୋଇଛି। ଶୁଣାଣି ବେଳେ ଉଭୟ ଆବେଦନକାରୀ ଏବଂ ନିର୍ବାଚନ କମିସନ ସେମାନଙ୍କର ଯୁକ୍ତି ଉପସ୍ଥାପନ କରୁଥିବା ବେଳେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଆଧାର କାର୍ଡକୁ ନାଗରିକତ୍ୱର ପ୍ରମାଣ ରୂପେ ଗ୍ରହଣ କରାଯାଇପାରିବ ନାହିଁ। ତେବେ ନାଗରିକିତ୍ୱ ନିର୍ଦ୍ଧାରଣ ପ୍ରସଙ୍ଗରେ ନିର୍ବାଚନ କମିସନର କ୍ଷମତା ରହିଛି କି ନାହିଁ ତାର ତର୍ଜମା କରାଯିବ। କୋର୍ଟ କହିଛନ୍ତି ଯେ ଏସ୍‌ଆଇଆରରେ କୌଣସି ପ୍ରକାର ବେଆଇନ କାମ ହୋଇଥିଲେ ଏହାକୁ ରଦ୍ଦ କରି ଦିଆଯିବ।

ଆଜି ମାମଲାର ଶୁଣାଣି ବେଳେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଭୋଟର ତାଲିକାରେ ନାଗରିକ ଓ ଅଣନାଗରିକମାନଙ୍କ ନାମ ସାମିଲ କରାଯିବା ଓ ବାଦ୍ ଦିଆଯିବାର କ୍ଷମତା କମିସନ ପାଖରେ ରହିଛି। ଆଧାର କାର୍ଡକୁ ନାଗରିକତ୍ୱର ଏକମାତ୍ର ପ୍ରମାଣ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କମିସନଙ୍କ ଯୁକ୍ତି ବି ଠିକ୍। ଆଧାର ଆଇନର ଧାରା ୯ ଅନୁଯାୟୀ ଏହାର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ତେବେ ଏସ୍‌ଆଇଆର୍ ବେଳେ କମିସନ ଯେଉଁସବୁ ପ୍ରମାଣପତ୍ର ଲୋଡ଼ିଛନ୍ତି ତାହା ଅଧିକାଂଶ ବିହାର ବାସିନ୍ଦାଙ୍କ ପାଖରେ ନାହିଁ ବୋଲି କୁହାଯାଇପାରିବନାହିଁ। ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କ ▶ପୃଷ୍ଠା-୭

# ଏସ୍‌ଆଇଆର୍ ପ୍ରସଙ୍ଗ: ଚାଲିପାରୁନି ସଂସଦ


## ବିରୋଧୀଙ୍କ ହଙ୍ଗାମା, ଗୃହରେ ଚିରିଲେ ଏସ୍‌ଆଇଆର୍ କାଗଜ



■ **ନୂଆଦିଲ୍ଲୀ, ୧୨।୮:** ବିହାରରେ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବା ଏସ୍‌ଆଇଆରକୁ ନେଇ ଆଜି ୧୭ ଦିନ ଧରି ସଂସଦ ଅଚଳ ରହିଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ଜିଦ ଧରିଥିବା ବେଳେ ସେମାନଙ୍କୁ ଏଥିପାଇଁ ଅନୁମତି ମିଳୁନାହିଁ। ଫଳରେ ସଂସଦର ଚଳିତ ଅଧିବେଶନ ଦୁଇ ଦିନ ଛାଡ଼ି ଅନ୍ୟସବୁ ଦିନ ଅଚଳ ରହିଛି। ବିରୋଧୀ ସଭ୍ୟମାନେ ଆଜି ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଗୃହମଧ୍ୟକୁ ଯାଇ ପାଟିତୁଣ୍ଡ କରିଛନ୍ତି। ସ୍ଲୋଗାନବାଜି କରିଛନ୍ତି। ପରିସ୍ଥିତି ଅଶାନ୍ତ ରହିବାରୁ ଗୋଟିଏ ଦୁଇଟି ବିଲ୍ ପାସ ହେବାପରେ ସଂସଦକୁ ମୁଲତବୀ କରିଦିଆଯାଇଛି।

ଆଜି ଲୋକସଭା ବୈଠକ ଆରମ୍ଭ ହେବାମାତ୍ରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ବିହାର ଭୋଟର ତାଲିକା ଉପରେ ଆଲୋଚନା ପାଇଁ ଦାବି କରିଥିଲେ। ବାଚସ୍ପତି ଅନୁମତି ନଦେବାରୁ ସେମାନେ ଗୃହର ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିଥିଲେ। କଳା ପୋଷାକ ପିନ୍ଧିବା ସହିତ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ସେମାନେ ଏସ୍‌ଆଇଆର୍ କାଗଜକୁ ଗୃହରେ ଚିରିବା ସହିତ ଏହାର ଟୁକୁଡ଼ାଗୁଡ଼ିକୁ ବାଚସ୍ପତିଙ୍କ ଆସନ ଆଡ଼କୁ ଫୋପାଡ଼ିଥିଲେ। ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ମୁଲତବୀ କରାଯାଇଥିଲା। ବୈଠକ ଅପରାହ୍ନ ୪ଟା ୩୦ ▶ପୃଷ୍ଠା-୭

### ବରଗଡ଼ ଛାତ୍ରୀ ଆତ୍ମଦାହ ଘଟଣାରେ ନବୀନଙ୍କ କ୍ଷୋଭ



# ବିଜେପି ସରକାରଙ୍କ ସ୍ଥାଣୁତା ଯୋଗୁ ରାଜ୍ୟରେ ଝିଅ ଅସୁରକ୍ଷିତ

> **ବ୍ୟବସ୍ଥାର ବିଫଳତା ପାଇଁ ବାରମ୍ବାର ଘଟୁଛି ଏପରି ଘଟଣା**
>
> **ଏପରି ଧାରାକୁ ରୋକିବା ପାଇଁ ସରକାର କେତେ ସମୟ ନେବେ**

■ **ଭୁବନେଶ୍ୱର,୧୨।୮ (ସମିସ):** ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପନ୍ନ ହୋଇ ପଡ଼ିଥିବା ବେଳେ ଜଣକ ପରେ ଜଣେ ନାବାଳିକା ଓ ଛାତ୍ରୀଙ୍କର ଜୀବନ ନିଆଁର ଆଁରେ ଚାଲିଯାଉଛି। ଏପରି ସ୍ପର୍ଶକାତର ଘଟଣା ରୋକିବା ଦିଗରେ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେଲାଣି। ଏହିକ୍ରମରେ ସୋମବାର ବରଗଡ଼ ଗାଇସିଲଟ ବ୍ଲକର ଫିରିଙ୍ଗିମାଳ ଗାଁରେ ଜଣେ ନାବାଳିକା ପେଟ୍ରୋଲ ଢ଼ାଳି ହୋଇ ନିଜକୁ ଜାଳି ଦେବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରି ହୃଦୟ ବିଦାରକ ଧାରାକୁ ରୋକିବା ପାଇଁ ବିଜେପି ସରକାର ଆଉ କେତେ ସମୟ ଅପେକ୍ଷା କରିବ? ବିଜେପି ସରକାରର ଏପରି ଅସ୍ୱାଭାବିକ ନୀରବତା ଏବଂ ସ୍ଥାଣୁତା ଓଡ଼ିଶାର ଝିଅମାନଙ୍କୁ ଆହୁରି ଅସୁରକ୍ଷିତ କରିଦେଉଛି ବୋଲି କ୍ଷୋଭର ସହ କହିଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ବରଗଡ଼ର ଗାଇସିଲଟରେ ଜଣେ ▶ପୃଷ୍ଠା-୭

### କେନ୍ଦ୍ରାପଡ଼ାରେ ଲଜ୍ଜା !

# ଦଶମ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

> **ଅଭିଯୁକ୍ତ ପିଇସାକୁ କୋର୍ଟ ଚାଲାଣ; ୪ ଯୁବକ ଅଟକ**

■ **ରାଜନଗର, ୧୨।୮ (ସମିସ):** ରାଜନଗର ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଏକ ଅମାନବୀୟ ଘଟଣା ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଠାକୁର ମୂର୍ତ୍ତି କିଣିବାକୁ ନେବା ବାହାନାରେ ଛାତ୍ରୀଙ୍କ ପିଇସା ଓ ଅନ୍ୟ ୪ଜଣ ଯୁବକ ଏକ ନିଛାଟିଆ ସ୍ଥାନରେ ତାଙ୍କୁ ଦୁଷ୍କର୍ମ କରିଛନ୍ତି।

ରାଜନଗର ପୁଲିସ୍ ଏହି ଘଟଣାରେ ୫ଜଣଙ୍କୁ ଉଠାଇ ଆଣିଛି। ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତ ପିଇସା ଚିତ୍ତରଞ୍ଜନ ମଲ୍ଲିକ ଓରଫ ହାପିଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି ବୋଲି ପୁଲିସ କହିଛି। ଏହି ଘଟଣାରେ ପୁଲିସ୍ ବିଏନ୍ଏସ୍ ଦଫା ୭୦(୨) (ଗଣଦୁଷ୍କର୍ମ), ୧୧୫(୨) (ମାରପିଟ୍), ୩୫୧(୩) (ଧମକଚମକ), ୨୦୧୨, ୨୦୧୯ ପୋକ୍ସୋ ଆକ୍ଟ ୬(୧)ରେ ନମ୍ବର ୨୬୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଗତ ଶନିବାର (ରାକ୍ଷୀ ପୂର୍ଣ୍ଣିମା) ଅପରାହ୍ନ ୫ଟାରେ ନିଜର ପିଇସା ସହ ପୀଡ଼ିତା ଛାତ୍ରୀଜଣଙ୍କ ଖୁଦୁରୁକୁଣୀ ଓଷା ନିମନ୍ତେ ମୂର୍ତ୍ତି ଆଣିବାକୁ ବାହାରିଥିଲେ। କିନ୍ତୁ ପିଇସା ଏକ ମଶାଣି ଆଡ଼କୁ ନେବାରୁ ନାବାଳିକାର ସନ୍ଦେହ ହୋଇଥିଲା। ଏ ସମ୍ପର୍କରେ ▶ପୃଷ୍ଠା-୭

### ସରକାରୀବାବୁଙ୍କ ଉପରେ ଲାଗିବ ଲଗାମ୍

# ଏଣିକି ସବୁ ଅଫିସରେ ଏଆଇ ଭିତ୍ତିକ ଉପସ୍ଥାନ

> **ଠିକ୍ ଦାୟିତ୍ୱ ନ ତୁଲାଇଲେ ଅବଧି ପୂର୍ବରୁ ଅବସର**

■ **ଭୁବନେଶ୍ୱର, ୧୨।୮ (ସମିସ):** ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ବିଳମ୍ବରେ ଆସୁଥିବା ଘଟଣାକୁ ଗୁରୁତର ଭାବେ ଗ୍ରହଣ କରିଛନ୍ତି ମୁଖ୍ୟ ଶାସନ ସଚିବ। ମଙ୍ଗଳବାର ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଛି। କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଭିତ୍ତିକ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ ଓ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ▶ପୃଷ୍ଠା-୭




ସକାଳ THE SAKALA



www.sakalaepaper.com

## ଗଣେଶ ପୂଜା ପାଇଁ ମାଟି ଉଠାଇବା ହେଲା କାଳ

# କାଠଯୋଡ଼ିରେ ୨ ଛାତ୍ରଙ୍କ ସଲିଳ ସମାଧି

କଟକ,୧୨।୮ (ସମିସ): ଗଣେଶ ପୂଜା ପାଇଁ ମୂର୍ତ୍ତି ଗଢ଼ିବା ନିମନ୍ତେ କାଠଯୋଡ଼ିରେ ମାଟି ଉଠାଇବା କାଳ ହୋଇଛି। ଗଣେଶ ଘାଟ ପାଖରେ ଆଜି ୨ଛାତ୍ର ମାଟି ଖୋଳିବା ସମୟରେ ପ୍ରବାହିତ ବନ୍ୟାଜଳରେ ବୁଡ଼ିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଲାଲବାଗ ଥାନା କାଳୀଗଳିର ଅକ୍ଷୟ ମହାନ୍ତିଙ୍କ ପୁଅ ସୌମ୍ୟରଂଜନ (୧୯) ଓ କାଜିବଜାରର ରାମଚନ୍ଦ୍ର ସାହୁଙ୍କ ପୁଅ ଶୁଭମ (୧୫)। ସୌମ୍ୟ +୨ରେ ପାଠ ପଢ଼ୁଥିବା ବେଳେ ଶୁଭମ୍ ୧୦ମ ଶ୍ରେଣୀର ଛାତ୍ର। ୨ଜଣ ସାଙ୍ଗ ହୋଇ ଗଣେଶ ପୂଜା ନିମନ୍ତେ ମୂର୍ତ୍ତି ତିଆରି କରିବାକୁ ଯୋଜନା କରି ମାଟି ଉଠାଇବାକୁ ଯିବା ବେଳେ ଏହି ଅଘଟଣ ଘଟିଥିଲା। ଅଗ୍ନିଶମ କର୍ମଚାରୀ ମୃତଦେହକୁ ଉଦ୍ଧାର କରିବା ପରେ ପୁରୀଘାଟ ଥାନା ଜିମା ଦେଇଥିଲେ। ଏହା ପରେ ମୃତଦେହ ୨ଟିକୁ ଏସ୍‌ସିବିରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।





ପୁଲିସ ସୂଚନାନୁସାରେ, ଆଜି ପୂର୍ବାହ୍ନରେ ୧୦ଜଣ ସାଙ୍ଗ ଗଣେଶଘାଟ ପାଖ ଏକ ପଡ଼ିଆରେ କ୍ରିକେଟ୍ ଖେଳୁଥିଲେ। ତନ୍ମଧ୍ୟରୁ ୫-୭ ଜଣ ସାଙ୍ଗ ଏକାଠି ହୋଇ ନଦୀ ପଠାରୁ ଗଣେଶ ମୂର୍ତ୍ତି ଓ ମଣ୍ଡପରେ ମାଟିର ପିଣ୍ଡି ତିଆରି କରିବା ପାଇଁ ଆବଶ୍ୟକ ଚିକିଟାମାଟି ଆଣିବା ପାଇଁ ନଦୀପଠାକୁ ଯିବାକୁ ଯୋଜନା କରିଥିଲେ। ଏହା ପରେ ସବୁ ସାଙ୍ଗ ନଦୀକୂଳରେ ମିଶି ଚିକିଟା ମାଟି ଖୋଳି ବାହାର କରିଥିଲେ। ତେବେ ଏହା ଭିତରେ ନଦୀ ମଝିରେ ଭଲ ମାଟି ମିଳିବ ବୋଲି ଅଳ୍ପ ପାଣିରେ ପଶି ସୌମ୍ୟ ଓ ଶୁଭମ ଭିତରକୁ ଯାଇଥିଲେ। ପାଣି ସ୍ରୋତକୁ ଅତିକ୍ରମ କରି ପ୍ରାୟ ଅଧ କିଲୋମିଟର ଭିତରକୁ ଯାଇ ମାଟି ଖୋଳିବା ବେଳେ ହଠାତ୍ ବାଲି ଭିତରେ ସୌମ୍ୟର ଗୋଡ଼ ଦବି ଯାଇଥିଲା। ସେ' ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବା ସହିତ ଚିତ୍କାର କରିଥିଲା। ପାଖରେ ଥିବା ଶୁଭମ ଏହା ଦେଖି ସୌମ୍ୟକୁ କାଢ଼ିବାକୁ ଉଦ୍ୟମ କଲା ବେଳେ ସେ' ମଧ୍ୟ ପାଣି ଓ ବାଲି ଭିତରେ ଦବିଯାଇଥିଲା। ଏହି ବିଷୟକୁ ଦୂରରେ ତଥା କୂଳରେ ଥାଇ ଅନ୍ୟ ସାଙ୍ଗମାନେ ଦେଖୁଥିଲେ। ୨ ଛାତ୍ର ବୁଡ଼ିଯିବା ଦେଖିବା ପରେ ଉଦ୍ଧାର ପାଇଁ ସମସ୍ତେ ସାହାର୍ଯ୍ୟ ଖୋଜିବାକୁ ନଦୀବନ୍ଧ ଉପରକୁ ଆସି ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କିଛି ମିନିଟ୍ ଭିତରେ ଅଗ୍ନିଶମ କର୍ମଚାରୀ ଆସି ପାଣି ଭିତରେ ପଶି ଖୋଜାଖୋଜି କରିବା ପରେ ୨ଜଣଙ୍କୁ ପାଣିରୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ଦୁହିଁଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ପରିବାରଲୋକ ଆସି ନଦୀପଠାରେ ପହଞ୍ଚିଥିଲେ। ୨ଜଣଙ୍କ ମୃତଦେହ ଦେଖି ନଦୀପଠା କାନ୍ଦବୋବାଳିରେ ଫାଟି ପଡ଼ିଥିଲା। କିଛି ସମୟ ମଧ୍ୟରେ ୨ଜଣଙ୍କୁ ସେଠାରୁ ପୁଲିସ ସହାୟତାରେ ଏସ୍‌ସିବି ନିଆଯାଇଥିଲା। ସେଠାରେ ଡାକ୍ତର ବିଧିବଦ୍ଧ ଭାବେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ବିଶ୍ୱରଂଜନ ନାୟକ ସୂଚନା ଦେଇଛନ୍ତି।

■ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ସ୍କୁଲ କଲେଜ ନିକଟରେ ନିୟମିତ ପାଟ୍ରୋଲିଂ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୮ (ସମିସ): ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଅପରାଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ସାଧାରଣ ଜନତା ଯେପରି ସୁରକ୍ଷିତ ଅନୁଭବ କରିବେ, ସେଥିପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ଉପାୟ ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି। ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ନୀତିକୁ ଆଧାର କରି ପୁଲିସ ସବୁ ସମୟରେ ଆକ୍ସନ ମୋଡରେ ରହୁ। ଏହାକୁ ସୁନିଶ୍ଚିତ କରିବା ପାଇଁ ଉଚ୍ଚ ପଦସ୍ଥ ଅଧିକାରୀମାନେ ଏହାର ନିୟମିତ ଅନୁଧ୍ୟାନ କରନ୍ତୁ । ପୁଲିସ ବିଭାଗରେ ଖାଲି ରହୁଥିବା ପଦବୀ ଗୁଡ଼ିକ ଯଥାଶୀଘ୍ର ପୂରଣ କରିବା ପାଇଁ ଏକ ସ୍ୱତନ୍ତ୍ର ପୁଲିସ ନିଯୁକ୍ତି ବୋର୍ଡ ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଜୋରଦାର କରିବା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ପଢୁଥିବା ପିଲାମାନଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ଭାବେ ପାଟ୍ରୋଲିଂ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ସୁନିୟନ୍ତ୍ରିତ କରିବା ପାଇଁ ସେ ପରାମର୍ଶ ଦେବା ସହ ପଡୋଶୀ ରାଜ୍ୟ ସୀମାରୁ ଓଡ଼ିଶାକୁ ବ୍ରାଉନସୁଗାର ଚାଲାଣକୁ ରୋକିବା ପାଇଁ ସ୍ୱତନ୍ତ୍ର ଏବଂ କଡ଼ାକଡ଼ି ପଦକ୍ଷେପ ନେବାର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଡ୍ରଗ୍ସ ଏବଂ ବେଆଇନ ଗଞ୍ଜେଇ ଚାଷ ରୋକିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ଦେଇ ଏହି ପଦକ୍ଷେପକୁ ଆହୁରି ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୁଲିସ ଅଧିକାରୀଗଣ ଯୋଗ ଦେଇଥିଲେ।

# ବିଧାନସଭା ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୧୨।୮ (ସମିସ): ଝିଅର ରୋଗ ଯନ୍ତ୍ରଣା ଅସହ୍ୟ ହେବାରୁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଦମ୍ପତି। ମଙ୍ଗଳବାର ବିଧାନସଭା ସମ୍ମୁଖରେ ଏଭଳି ଘଟଣା ଘଟିଥିବା ବେଳେ ଆତ୍ମହତ୍ୟା ଉଦ୍ୟମକୁ ପଣ୍ଡ କରିଛି ପୁଲିସ। ସୂଚନା ଅନୁସାରେ, ବୌଦ୍ଧ ଜିଲ୍ଲାର କୋଟାସିଙ୍ଗା ଅଞ୍ଚଳର ୭ ବର୍ଷୀୟା ଝିଅର ଅସୁସ୍ଥତା ପାଇଁ ଦମ୍ପତି ତୀର୍ଥ ମଲ୍ଲିକ ଓ ପତ୍ନୀ ରିନି ମଲ୍ଲିକ ମାନସିକ ଚାପରେ ରହୁଛନ୍ତି। ଝିଅଟି ବହୁତ ଦିନ ଧରି ଚିକିତ୍ସା ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ଆଜି ଦମ୍ପତି ନାବାଳିକା ଝିଅ ସହିତ ବିଧାନସଭା ଭବନ ଅଭିମୁଖେ ଯାଉଥିବା ସମୟରେ ମହାତ୍ମା ଗାନ୍ଧୀ ମାର୍ଗ ନିକଟରେ ପୁଲିସ ତାଙ୍କୁ ଅଟକାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ଦମ୍ପତି ଜ୍ୱଳନଶୀଳ ପଦାର୍ଥ ଧରି କରି ଆତ୍ମଦାହ କରିବାକୁ ଚାହୁଁଥିଲେ। ପୁଲିସ କର୍ମଚାରୀଙ୍କ ହସ୍ତକ୍ଷେପ ଫଳରେ ଅଘଟଣ ଆଶଙ୍କା ଟଳି ଯାଇଛି। ଦମ୍ପତିଙ୍କ କହିବା ଅନୁଯାୟୀ, ତାଙ୍କ ଝିଅର ଜନ୍ମରୁ ଚର୍ମ ରୋଗରେ ପୀଡ଼ିତ। ଗତ ସାତ ବର୍ଷ ଧରି ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ହେଉନାହିଁ। ଅନ୍ୟ କୌଣସି ବିକଳ୍ପ ନ ପାଇ ଦମ୍ପତି ଗାଁ ଲୋକଙ୍କଠାରୁ ଟଙ୍କା ଋଣ କରି ଝିଅଟିକୁ ନେଇ ଭୁବନେଶ୍ୱର ଆସିଛନ୍ତି। ଶେଷରେ ପ୍ରଶାସନ ହସ୍ତକ୍ଷେପ ପରେ ତାଙ୍କୁ ଏସସିବିକୁ ପଠାଇ ଦିଆଯାଇଛି।

# ନବୀନ ଆରମ୍ଭ କରିଥିଲେ ରାଜ୍ୟରେ ସେମିକଣ୍ଡକ୍ଟର ପ୍ରକଳ୍ପ ସ୍ଥାପନ ପ୍ରକ୍ରିୟା: ବିଜେଡି

ଭୁବନେଶ୍ୱର,୧୨।୮ (ସମିସ): ଓଡ଼ିଶାରେ ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ପ୍ରକ୍ରିୟା ଆରମ୍ଭ କରିଥିଲେ। ରାଜ୍ୟରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ କେନ୍ଦ୍ର କ୍ୟାବିନେଟ ନେଇଥିବା ନିଷ୍ପତ୍ତିର ମୂଳଦୂଆ ବିଜେଡି ସରକାର ଅମଳରେ ହୋଇଥିଲା ବୋଲି କହିଛନ୍ତି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର।

**■ ୨୦୨୩ରେ ସ୍ୱତନ୍ତ୍ର ପଲିସି ପ୍ରଣୟନ କରିଥିଲେ ବିଜେଡି ସରକାର**
**■ ମେକ୍ ଇନ୍ ଓଡ଼ିଶାର ୨ୟ ସଂସ୍କରଣରେ ପ୍ରସ୍ତାବ ଗ୍ରହଣ ହୋଇଥିଲା**

ମଙ୍ଗଳବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଥିଲେ ଯେ ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ନିବେଶକମାନଙ୍କୁ ଆକୃଷ୍ଟ କଲାଭଳି ପ୍ରସ୍ତାବ ମେକ୍ ଇନ୍ ଓଡ଼ିଶାର ୨ୟ ସଂସ୍କରଣ ୨୦୨୨ ଡିସେମ୍ବରରେ ଗ୍ରହଣ କରାଯାଇଥିଲା। ତଦନୁଯାୟୀ ୨୦୨୩ରେ ସେମିକଣ୍ଡକ୍ଟର ଓ ଏହାର ଆନୁଷଙ୍ଗିକ ଭିତ୍ତିଭୂମି ସ୍ଥାପନ ପାଇଁ ଏକ ସ୍ୱତନ୍ତ୍ର ପଲିସି ପ୍ରଣୟନ କରାଯାଇଥିଲା। ଲଗାତାର ଭାବେ ଅନ୍ତର୍ଜାତୀୟସ୍ତରରେ ବହୁ ନିବେଶକଙ୍କ ସହିତ ଏ ସଂପର୍କରେ ଆଲୋଚନା କରି ଓଡ଼ିଶାକୁ ଏକ ଅତ୍ୟାଧୁନିକ ଇଲୋକ୍ଟ୍ରୋନିକ ଉତ୍ପାଦ କେନ୍ଦ୍ର ରୂପେ ଗଢ଼ି ତୋଳିବା ପାଇଁ ଆବଶ୍ୟକ ଇକୋସିଷ୍ଟମ ପ୍ରତିଷ୍ଠା ନିମନ୍ତେ ସମସ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ୨୦୨୪ରେ ଅନ୍ୟ ରାଜ୍ୟରେ ସେମିକଣ୍ଡକ୍ଟର ସ୍ଥାପନ ପାଇଁ ଘୋଷଣା କରାଯାଇଥିଲା ବେଳେ ଆଜି ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ନିର୍ଦ୍ଧାରିତ ସମୟ



ମଧ୍ୟରେ ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ଆନୁଷଙ୍ଗିକ ଇକୋ ସିଷ୍ଟମ ଗଢିତୋଳିବା ନିମନ୍ତେ ତତ୍ପରତାର ସହ ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ମିଶ୍ର ଆଶା ପ୍ରକାଶ କରିଥିଲେ।

# ହକି ଷ୍ଟିକ୍‌ରେ ପିଟି ଯୁବକଙ୍କୁ ହତ୍ୟା

ରାଉରକେଲା,୧୨।୮ (ସମିସ): ସେକ୍ଟର୍-୧୯ ଇସ୍ପାତ ମାର୍କେଟ୍ ନିକଟ ତଥା ରିଙ୍ଗ ରୋଡରୁ ସଂଯୋଗ ହୋଇଥିବା ରାସ୍ତାରେ ଜଣେ ଯୁବକଙ୍କୁ ହକି ଷ୍ଟିକ୍‌ରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ, ଏସ୍.କେ ଲାଲଟୁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ କିଛି ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ସମାଧାନ କରିବାକୁ ଲାଲଟୁ ଯାଇଥିବା ବେଳେ ତାଙ୍କୁ ଉକ୍ତ ଯୁବକମାନେ ହକି ଷ୍ଟିକ୍‌ରେ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେକ୍ଟର୍-୧୯ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହତ୍ୟାକାରୀଙ୍କୁ ଧରିବା ପାଇଁ ପୁଲିସ ତନାଘନା ଆରମ୍ଭ କରିଛି।

# 'ଭୋଟ୍ ଚୋରି' ପ୍ରସଙ୍ଗକୁ ଜୋରଦାର କଲା କଂଗ୍ରେସ

ଭୁବନେଶ୍ୱର,୧୨।୮ (ସମିସ): ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ୭ ତାରିଖ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟ୍ ଚୋରି ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ କରିଛନ୍ତି। ନିର୍ବାଚନ ଆୟୋଗଙ୍କ ସହଯୋଗରେ ଭୋଟର କାର୍ଡରେ ବ୍ୟାପକ ହେରଫେର ଓ ଜାଲିଆତି କରି 'ଭୋଟ୍ ଚୋରି' ଜରିଆରେ, ବିଜେପି କିପରି ଏକାଧିକ ନିର୍ବାଚନ ଜିଣିଛି ତାହା ରାହୁଲ ବର୍ଣ୍ଣନା କରିଛନ୍ତି। ଏହାପରଠାରୁ ଦେଶବ୍ୟାପୀ ଏହି ପ୍ରସଙ୍ଗ ଆଲୋଡ଼ନ ସୃଷ୍ଟି କରିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀର ସ୍କ୍ରିନିଂ ଗତ ୯ ଓ ୧୧ ତାରିଖରେ ଯଥାକ୍ରମେ ରାଜ୍ୟ ଓ ଜିଲ୍ଲାସ୍ତରରେ କଂଗ୍ରେସ ପକ୍ଷରୁ କରାଯାଇଥିଲା। ଏହି ପ୍ରସଙ୍ଗକୁ ଆହୁରି ଆଗକୁ ନେବା ପାଇଁ କଂଗ୍ରେସ ଦଳ ଅଣ୍ଟା ଭିଡ଼ିଛି। ଏଥିପାଇଁ ଆସନ୍ତା ୧୪ରେ ମଶାଲ ଶୋଭାଯାତ୍ରା କରିବାକୁ ରାଜ୍ୟ କଂଗ୍ରେସ ନିଷ୍ପତ୍ତି ନେଇଛି। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ୧୪ ତାରିଖ ଗୁରୁବାର ସନ୍ଧ୍ୟା ୬ଟା ୩୦ରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନ୍ୟୁନ ୨ କିମିର ମଶାଲ ଶୋଭାଯାତ୍ରା କରିବା ପାଇଁ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପ୍ରସ୍ତୁତି କରିବା ପାଇଁ ପିସିସି ସଭାପତ ଭକ୍ତଚରଣ ଦାସ ସମସ୍ତ ଜିଲ୍ଲାର ସଂଯୋଜକ/ଆବାହକ, କର୍ମକର୍ତ୍ତା, ରାଜ୍ୟର ଛାମୁଆ ସଂଗଠନକୁ ନିର୍ଦ୍ଦେଶ ଦେଇଛନ୍ତି।

**୧୪ରେ ମଶାଲ ଶୋଭାଯାତ୍ରା**

## ଦରବୃଦ୍ଧିକୁ ନେଇ ସାଂସଦ ମାନସ ମଙ୍ଗରାଜଙ୍କ ଉଦ୍‌ବେଗ

# ସରକାରଙ୍କ ଦରଦାମ୍ ନିୟନ୍ତ୍ରଣ ଘୋଷଣା ଧର୍ମକୁ ଆଖିଠାର

ଭୁବନେଶ୍ୱର, ୧୨।୮ (ସମିସ): ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦରଦାମ୍ ବୃଦ୍ଧିକୁ ନେଇ ରାଜ୍ୟସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାଂସଦ ମାନସ ମଙ୍ଗରାଜ। ସରକାର ଏ ବାବଦରେ ଅବଗତ ଅଛନ୍ତି କି ନାହିଁ, ମୂଲ୍ୟ ବୃଦ୍ଧି ରୋକିବା ନେଇ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେ ବାବଦରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରଣାଳୟର ମନ୍ତ୍ରୀ ଭି.ଏଲ୍ ବର୍ମାଙ୍କୁ ପ୍ରଶ୍ନ କରିଛନ୍ତି। ସାଂସଦ ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବର୍ମା କହିଛନ୍ତି ଯେ ଗ୍ରାହକ ବ୍ୟାପାର ବିଭାଗ ଦେଶର ୫୬୬ଟି ମୂଲ୍ୟ ନିରୀକ୍ଷଣ କେନ୍ଦ୍ରରୁ ସଂଗ୍ରହ କରିଥିବା ସୂଚନାନୁସାରେ, ଓଡ଼ିଶାର ୨୮ଟି କେନ୍ଦ୍ର ସମେତ ୩୮ଟି ଜରୁରୀ ଖାଦ୍ୟ ପଦାର୍ଥର ମୂଲ୍ୟ ସ୍ଥିର ଓ ନିୟନ୍ତ୍ରଣାଧୀନ ରହିଛି। ସେହିପରି ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସାମ୍ପ୍ରତିକ ଗ୍ରାହକ ମୂଲ୍ୟ ସୂଚକାଙ୍କ ତଥ୍ୟାନୁସାରେ, ୨୦୨୫ ଜୁନ୍ ମାସରେ ଓଡ଼ିଶାର ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ୦.୪୬ ପ୍ରତିଶତ ଓ ସହରାଞ୍ଚଳରେ ୦.୬୪ ପ୍ରତିଶତ ରହିଛି। ସାରା ଭାରତର ଗ୍ରାମାଞ୍ଚଳ (୧.୭୨%) ଓ ସହରାଞ୍ଚଳ (୨.୫୬%) ମୁଦ୍ରାସ୍ଫୀତି ହାରଠାରୁ କମ୍ ରହିଛି। ଅପରପକ୍ଷେ କେନ୍ଦ୍ର ସରକାର ଆନ୍ତଃମନ୍ତ୍ରଣାଳୟ କମିଟି ମାଧ୍ୟମରେ ଜରୁରୀ ଖାଦ୍ୟ ପଦାର୍ଥର ଉପଲବ୍ଧତା ଓ ମୂଲ୍ୟ ଉପରେ ନଜର୍ ରଖାଯାଇଛି। ମୂଲ୍ୟରେ ଅସ୍ଥିରତା ନିୟନ୍ତ୍ରଣ ପାଇଁ ସରକାର ମୂଲ୍ୟ ସ୍ଥିରୀକରଣ ପାଣ୍ଠି ଅଧୀନରେ ଡାଲି ଓ ପିଆଜର ବଫର ଷ୍ଟକ ରକ୍ଷଣାବେକ୍ଷଣ କରୁଛନ୍ତି। ୨୦୨୩-୨୪ ଓ ୨୦୨୪-୨୫ ମସିହାରେ ବଫର ଷ୍ଟକରୁ ଡାଲିକୁ 'ଭାରତ ଡାଲ' ବ୍ରାଣ୍ଡରେ ପରିଣତ କରି ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ବିକ୍ରି କରାଯାଉଛି। ସେହିପରି, 'ଭାରତ' ବ୍ରାଣ୍ଡରେ ଆଟା ଓ ଚାଉଳ ରିହାତି ମୂଲ୍ୟରେ ବିକ୍ରି କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

**ସାଧାରଣ ଲୋକଙ୍କୁ ମିଳୁନାହିଁ ସରକାରୀ ଡାଲି ଓ ଅଟା**





## ନକଲି ଆକାଉଣ୍ଟ ଖୋଲି ସାଇବର୍ ଠକଙ୍କୁ ବିକୁଥିଲେ

# ୨ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୧୪ ଗିରଫ

ରାଉରକେଲା, ୧୨।୮ (ସମିସ): ରାଉରକେଲା ସାଇବର୍ ଥାନା ପୁଲିସ ଏକ ସାଇବର ଠକେଇର ପର୍ଦ୍ଦାଫାସ କରିବା ସହ ଦୁଇଟି ପର୍ଯ୍ୟାୟରେ ୧୪ ସାଇବର୍ ଠକଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ଜଣ ବ୍ୟାଙ୍କ କର୍ମଚାରୀ ରହିଛନ୍ତି।

**ସନ୍ଦେହ ଘେରରେ ବନ୍ଧନ ଓ ଆଇଡିବିଆଇ ବ୍ୟାଙ୍କ କର୍ମଚାରୀଙ୍କ ଭୂମିକା**

ସେମାନେ ହେଲେ, ରାଜେଶ ନାଗ (୪୩), ଶତ୍ରୁଘ୍ନ ନାଗ ଓରଫ୍ ପୁରା (୩୫), ବିକାଶ କୁମାର ସାହୁ(୨୫), ରାହୁଲ କୁମାର (୨୩), ଲକ୍ଷ୍ମଣ ରାଓ (୩୬), ଜୟନ୍ତ ପ୍ରଧାନ (୨୬), ମେହୁଲ ସାହୁ (୨୩), ସଚିନ୍ ଜେନା (୨୩), ଆଦିତ୍ୟ ନାଗବଂଶୀ ଓରଫ୍ ବାବୁଲାଲ (୧୯), ମୋସିମ ଖାନ୍ (୨୮), ଦୀପକ ମୁଖୀ(୨୬), ସେକ୍ ସାହିଦୁଲ୍ ଅଲ୍ଲୀ (୩୧), ଶିଳ୍ପୀ ସାହୁ(୨୩) ଓ ସାହିଲ ଖୁଣ୍ଟିଆ (୨୩)। ରାଉରକେଲା ଓ ଆଖପାଖ ଅଞ୍ଚଳରେ ଏମାନଙ୍କ ଘର ବୋଲି ପୁଲିସ୍ କହିଛି। ସେମାନଙ୍କ ନିକଟରୁ ଗୋଟିଏ କାର୍, ଗୋଟିଏ ବୁଲେଟ, ୧୫ଟି ମୋବାଇଲ, ୩୦ଟି ଆଧାରକାର୍ଡ, ୧୦ଟି ପାନ୍‌କାର୍ଡ, ୧୭ଟି ବ୍ୟାଙ୍କ





ପାସବୁକ୍, ୪ଟି ଚେକ୍‌ବୁକ୍ ଓ ଗୋଟିଏ ଲ୍ୟାପଟପ୍ ଜବତ କରାଯାଇଛି। ରାଉରକେଲା ଏସ୍‌ପି ଅଫସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଓ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏ ସଂପର୍କରେ ସୂଚନା ଦେଇଛନ୍ତି।

ଅଭିଯୁକ୍ତମାନେ ଛତିଶଗଡ଼, ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗର ନିରୀହ ଗରିବ ଲୋକମାନଙ୍କୁ ଟାର୍ଗେଟ୍ କରୁଥିଲେ। ୧ ହଜାରରୁ ୧୫ଶହ ଟଙ୍କାର ଲୋଭ ଦେଖାଇ ସେମାନଙ୍କଠାରୁ ଆଧାରକାର୍ଡ, ପ୍ୟାନକାର୍ଡ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ସଂଗ୍ରହ କରୁଥିଲେ। ପରେ ଉକ୍ତ ପ୍ରମାଣପତ୍ର ଆଧାରରେ ସିମ୍‌କାର୍ଡ କରିବା ସହ ବିନା କେୱାଇସିରେ ବ୍ୟାଙ୍କରେ ନକଲି ଆକାଉଣ୍ଟ ଖୋଲୁଥିଲେ। ବ୍ୟାଙ୍କ ଖାତା ଖୋଲିବା ପଛରେ ବନ୍ଧନ ବ୍ୟାଙ୍କ ଓ ଆଇଡିବିଆଇ ବ୍ୟାଙ୍କ କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ତେବେ, ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପରେ ସେଗୁଡ଼ିକୁ ସେମାନେ ସାଇବର୍ ଠକଙ୍କୁ ବିକୁଥିଲେ। ଏପରି କରି ସେମାନେ ସାଇବର୍ ଠକଙ୍କଠାରୁ ମୋଟା ଅଙ୍କର କମିସନ୍ ନେଉଥିଲେ। ସାଇବର୍ ଠକମାନେ ଉକ୍ତ ଆକାଉଣ୍ଟଗୁଡ଼ିକ ଜରିଆରେ ଟଙ୍କା ଟ୍ରାନ୍ସଫର୍ ଓ ଉଠାଣ କରୁଥିଲେ। ଫଳରେ କୌଣସି ବଡ଼ଧରଣର ସାଇବର୍ ଠକେଇର ପର୍ଦ୍ଦାଫାସ୍ କରିବା ବେଳକୁ ପୁଲିସ୍‌କୁ ନିରାଶ ହେବାକୁ ପଡୁଥିଲା।

ସୂଚନାନୁସାରେ, ରାଉରକେଲାର ଚଳିତ ବର୍ଷ ୮୦୦ରୁ ଅଧିକ ଜାଲ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି। ଏହାର ତଦନ୍ତ ଆରମ୍ଭ ହୋଇଛି ବୋଲି ଏସ୍‌ପି କହିଛନ୍ତି। ଏବେ ୭ଟି ଫେକ୍ ଆକାଉଣ୍ଟ ହୋଲଡରକୁ ଗିରଫ ପାଇଁ ତଦନ୍ତ ହେଉଛି। ଆଗମୀ ଦିନରେ ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଡିଆଇଜି ଶ୍ରୀ ରାଏ କହିଛନ୍ତି। ଏଥିରେ ଆହୁରି ଦୁର୍ବୃତ୍ତ ସାମିଲ ଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି।

# ପୂଜା ଛୁଟି ପରେ ଆରଆଇ, ଅମିନ ପ୍ରିଲିମିନାରୀ ପରୀକ୍ଷା

ଭୁବନେଶ୍ୱର,୧୨।୮ (ସମିସ): ବିବାଦୀୟ ଆରଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ପୁଣିଥରେ ପ୍ରିଲିମିନାରୀ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂଜା ଛୁଟି ପରେ ଆସନ୍ତା ଅକ୍ଟୋବର ଓ ନଭେମ୍ବର ମାସରେ ପରୀକ୍ଷା ହେବ। କମ୍ପ୍ୟୁଟର ବେସଡ୍ ନିଯୁକ୍ତି ପରୀକ୍ଷା (ସିବିଆର୍‌ଇ) ମାଧ୍ୟମରେ ପରୀକ୍ଷା କରିବାକୁ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ଆଜି ବିଜ୍ଞପ୍ତି ପ୍ରକାଶ କରିଛି। ପୂର୍ବରୁ ହୋଇଥିବା ସମସ୍ତ ପ୍ରକ୍ରିୟାକୁ ବାତିଲ୍ କରି ପୁଣିଥରେ ମୂଳରୁ ପ୍ରକ୍ରିୟା ଆରମ୍ଭ କରାଯିବ। ପୂର୍ବରୁ ଆବେଦନ କରିଥିବା ସମସ୍ତ ଆଶାୟୀ ପରୀକ୍ଷା ଦେଇପାରିବେ। ଫଳରେ ୫ଲକ୍ଷ ୫୮ ହଜାର ୧୨୮ ଆବେଦନକାରୀ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଛି। ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷା ଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ। ଦୁଇ ସପ୍ତାହ ମଧ୍ୟରେ ପ୍ରିଲିମିନାରୀ ପରୀକ୍ଷା ତାରିଖ ସ୍ଥିର କରିବାକୁ କୋର୍ଟ ଗତ ଜୁଲାଇ ୩୦ ତାରିଖରେ ନିର୍ଦ୍ଦେଶ ଦେଇଥିବାବେଳେ ପ୍ରାୟ ୧୨ ଦିନ ପରେ ନୂତନ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଓଡ଼ିଶାରେ କ୍ଷୁଦ୍ରଶିଳ୍ପକୁ ବୃହତ୍‌ଶିଳ୍ପ ସଂସ୍ଥାର ଉପେକ୍ଷା

# ଶିଳ୍ପମନ୍ତ୍ରୀଙ୍କ ସମ୍ମୁଖରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀଙ୍କ କ୍ଷୋଭ

ଭୁବନେଶ୍ୱର,୧୨।୮ (ସମିସ): ରାଜ୍ୟର ଏମଏସଏମଇ ବା କ୍ଷୁଦ୍ର ମଧ୍ୟମ ଓ ଲଘୁ ଉଦ୍ୟୋଗକୁ ବଡ଼ ଶିଳ୍ପ ସହଯୋଗ କରୁ ନାହାନ୍ତି। ଏକ ଖୋଲା ମଞ୍ଚରେ ଏମଏସଏମଇ ମନ୍ତ୍ରୀଙ୍କ ଟିପ୍ପଣୀ ଓ ଶିଳ୍ପମନ୍ତ୍ରୀଙ୍କ ପ୍ରତ୍ୟୁତ୍ତର ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଘଟଣାଟି ଘଟିଛି ଓଡ଼ିଶା ଆସେମ୍ବ୍ଲି ଅଫ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ(ଓସମୀ)ର ୪୦ ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ। ଏହି ଉତ୍ସବରେ ଅତିଥି ଥିବା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ କ୍ଷୁଦ୍ର ଓ ଅଣୁ ଶିଳ୍ପ ବିକାଶ କ୍ଷେତ୍ରରେ ଶିଳ୍ପ ବିଭାଗର ବଡ଼ ଭାଇର ଭୂମିକା ରହିଛି। ରାଜ୍ୟର ଏମଏସଏମଇକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ମାତ୍ର ବଡ଼ ଶିଳ୍ପ ଦେଉଛନ୍ତି କ'ଣ ? ରାଜ୍ୟରେ ବଡ଼ ଶିଳ୍ପ ଓଡ଼ିଶାର ଏମଏସଏମଇରୁ କିଛି କିଣୁ ନାହାଁନ୍ତି ବୋଲି ଗୋକୁଳାନନ୍ଦ ଅଭିଯୋଗ କରିଛନ୍ତି। ବଡ଼ ଶିଳ୍ପ ଆମର ଖଣି, ପାଣି, ବେଳାଭୂମି ବ୍ୟବହାର କରୁଛନ୍ତି, ମାତ୍ର ଆମର ଛୋଟ ଶିଳ୍ପଠାରୁ କିଛି ସାମଗ୍ରୀ ନେଉ ନାହାନ୍ତି । ତେଣୁ ସେମାନଙ୍କୁ ବାହାରୁ କାହିଁକି ଜିନିଷ ଆଣୁଛ ବୋଲି ବଡ଼ ଶିଳ୍ପକୁ ଶିଳ୍ପ ମନ୍ତ୍ରୀ ପ୍ରଶ୍ନ କରନ୍ତୁ । ସେମାନଙ୍କର ଜିଏସଟି ଚେକ କରିବା ସହ ସେମାନେ କେତେ ସାମଗ୍ରୀ ବାହାରୁ ଆଣୁଛନ୍ତି ଓ କାହିଁକି ଆଣୁଛ ବୋଲି ଶିଳ୍ପ ମନ୍ତ୍ରୀ ପ୍ରଶ୍ନ କରନ୍ତୁ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷରେ ଏମଏସଏମଇ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କୁ ସେହି ମଞ୍ଚରେ ପାଲଟା ଉତ୍ତର ଦେଇଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ। ସେ କହିଛନ୍ତି ବଡ଼ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଏମଏସଏମଇ କନେକ୍ଟ ସିରିଜ କାର୍ଯ୍ୟକ୍ରମ କରାଯାଉଛି। ଏମଏସଏମଇ ବଢ଼ିବା ପାଇଁ ଗୁରୁତ୍ୱ ଦିଆଯାଉଛି ଓ ଆଗକୁ ଆହୁରି ବଢିବ ବୋଲି ଶିଳ୍ପମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀଙ୍କ କଥାରେ ଓଡ଼ିଶା ଆସେମ୍ବ୍ଲି ଅଫ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜ ବା 'ଓସମୀ' ମଧ୍ୟ ସମ୍ମତି ଜଣାଇଛି। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଏମଏସଏମଇ କ୍ଷେତ୍ରକୁ ବଡ଼ ଶିଳ୍ପ ସହଯୋଗ କରୁ ନାହାନ୍ତି। ସରକାର ଯଦି ସାମଗ୍ରୀ କିଣନ୍ତେ ରାଜ୍ୟର ଏମଏସଏମଇ କ୍ଷେତ୍ର ବହୁ ସମୃଦ୍ଧି ହୁଅନ୍ତା। ସରକାର ନିଜେ ଯାହା କିଣୁଛନ୍ତି ଯଦି ଓଡ଼ିଶାର ଏମଏସଏମଇ ଉତ୍ପାଦ କିଣିବେ ଏହା ବଡ଼ ଉପଲବ୍‌ଧି ହେବ। ଲକ୍ଷେ କୋଟି ଟଙ୍କାର ସାମଗ୍ରୀ ସରକାର ବାର୍ଷିକ କିଣୁଛନ୍ତି। ସରକାର ଚାହିଁଲେ ବହୁତ କିଛି ହୋଇପାରିବ। ବଡ଼ ଶିଳ୍ପ ଛୋଟ ଶିଳ୍ପକୁ ସହଯୋଗ କରିବା ଦରକାର। ଯାହା ଫଳରେ ରାଜ୍ୟର ସାମଗ୍ରିକ ପ୍ରଗତି ହୋଇପାରିବ ବୋଲି କହିଲେ ସଂଘ ସମ୍ପାଦକ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି।

# ଭୁବନେଶ୍ୱରରେ ପତାକା ଉତ୍ତୋଳନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୮ (ସମିସ): ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପାଇଁ ରାଜ୍ୟ ସରକାର ଆଜି ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରିବେ। ଏହାବ୍ୟତୀତ ୧୫ଜଣ ମନ୍ତ୍ରୀ ୧୫ଟି ଜିଲ୍ଲାରେ ପତାକା ଉତ୍ତୋଳନ କରିବେ ବୋଲି ଜଣାପଡ଼ିଛି। କେନ୍ଦୁଝରରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ କଟକରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବେ। ସେହିପରି ସମ୍ବଲପୁରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବଲାଙ୍ଗୀରରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କଳାହାଣ୍ଡିରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କନ୍ଧମାଳରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସୁନ୍ଦରଗଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗଜପତିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ପତାକା ଉତ୍ତୋଳନ କରିବେ। ଭଦ୍ରକରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ନବରଙ୍ଗପୁରରେ ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ସୋନପୁରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନୁଗୋଳରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ରାୟଗଡ଼ାରେ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ମୟୂରଭଞ୍ଜରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିବେ। ଏମାନଙ୍କ ବ୍ୟତୀତ ରାଉରକେଲା ଓ ବ୍ରହ୍ମପୁରରେ ଯଥାକ୍ରମେ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ଆରଡିସି ପତାକା ଉତ୍ତୋଳନ କରିବେ। ସେହିପରି ବୌଦ୍ଧ, ବରଗଡ଼, ବାଲେଶ୍ୱର, ଢେଙ୍କାନାଳ, ଦେବଗଡ଼, ଗଞ୍ଜାମ, ଝାରସୁଗୁଡ଼ା, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, କୋରାପୁଟ, କେନ୍ଦ୍ରାପଡ଼ା, ମାଲକାନଗିରି, ନୂଆପଡା ଓ ନୟାଗଡ଼ରେ ସ୍ଥାନୀୟ ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରିବେ ବୋଲି ଜଣାପଡ଼ିଛି।

**୧୫ ଜିଲ୍ଲାରେ ମନ୍ତ୍ରୀ ଉଡ଼ାଇବେ ତ୍ରିରଙ୍ଗା**

### ସାକାର ହେବ ନବୀନଙ୍କ ପ୍ରୟାସ

# ଓଡ଼ିଶାରେ ହେବ ୨ ସେମିକଣ୍ଡକ୍ଟର କେନ୍ଦ୍ର

■ ଇନଫୋଭ୍ୟାଲିରେ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
■ ୨୦୨୩ରେ ବିଜେଡି ସରକାର ସ୍ୱାକ୍ଷର କରିଥିଲେ ୩ ଏମ୍‌ଓୟୁ

ଭୁବନେଶ୍ୱର,୧୨।୮ (ସମିସ): ଓଡ଼ିଶାରେ ପ୍ରତିଷ୍ଠା ହେବ ଦୁଇଟି ସେମିକଣ୍ଡକ୍ଟର ଆସେମ୍ବ୍ଲି ଏବଂ ଟେଷ୍ଟିଂ ପ୍ଲାଣ୍ଟ। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସ୍‌ଏମ୍) ଅଧୀନରେ ଦେଶରେ ପ୍ରତିଷ୍ଠା ହେବାକୁ ଥିବା ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ଓଡ଼ିଶାରେ ଦୁଇଟି କେନ୍ଦ୍ର ସ୍ଥାପନ କରାଯିବ। ଓଡ଼ିଶା ବ୍ୟତୀତ ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶରେ ଏ ସମ୍ପର୍କିତ ପ୍ରକଳ୍ପ ପ୍ରତିଷ୍ଠା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ୪ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ରରେ ୪,୬୦୦ କୋଟି ଟଙ୍କା ନିବେଶ ହେବ। ଏହି ଅନୁମୋଦନ ଅନୁଯାୟୀ ରାଜ୍ୟରେ ସିକ୍‌ସେମ୍ ଏବଂ ଥ୍ରୀଡି ଗ୍ଲାସ୍ ପ୍ରକଳ୍ପ ସ୍ଥାପନ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟରେ ନିଯୁକ୍ତି ସୃଷ୍ଟି ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ପ୍ରତି ଏହା ଗୁରୁତ୍ୱପୂର୍ଣ୍ଣ ଅବଦାନ ଭାବେ ଉଭା ହେବ।

ଦେଶରେ ଅନୁକୂଳ ପରିବେଶ କାରଣରୁ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସଂଖ୍ୟା ବୃଦ୍ଧି ପାଉଛି। ୬ଟି ଅନୁମୋଦିତ ପ୍ରକଳ୍ପ ପୂର୍ବରୁ କାର୍ଯ୍ୟକାରିତାର ବିଭିନ୍ନ ପର୍ଯ୍ୟାୟରେ ଅଛି। ଆଜି ଅନୁମୋଦିତ ଏହି ଚାରୋଟି ପ୍ରସ୍ତାବ ସିକସେମ୍ (ଏସଆଇସିଏସଇଏମ), କଣ୍ଟିନେଣ୍ଟାଲ ଡିଭାଇସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ସିଡିଆଇଏଲ), ଥ୍ରୀଡି ଗ୍ଲାସ୍ ସଲ୍ୟୁସନ୍ସ ଇନକର୍ପୋରେଟେଡ୍ ଏବଂ ଆଡଭାନ୍ସଡ୍ ସିଷ୍ଟମ୍ ଇନ୍ ପ୍ୟାକେଜ୍ (ଏସଆଇପି) ଟେକ୍ନୋଲୋଜିଠାରୁ ମିଳିଛି। ଏହି ୪ଟି ଅନୁମୋଦିତ ପ୍ରସ୍ତାବ ଦ୍ୱାରା ପ୍ରାୟ ୪,୬୦୦ କୋଟି ଟଙ୍କାର ମୋଟ୍ ନିବେଶ ସହିତ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ। ୨୦୩୪ କୁଶଳୀ ପେସାଦାରଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦୂରସଞ୍ଚାର, ଯାନବାହନ, ଡାଟାସେଣ୍ଟର, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ ଇଲେକ୍ଟ୍ରୋନିକ୍ସରେ ସେମିକଣ୍ଡକ୍ଟରର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି, ଏହି ୪ଟି ନୂତନ ଅନୁମୋଦିତ ସେମିକଣ୍ଡକ୍ଟର ପ୍ରକଳ୍ପ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଓଡ଼ିଶାରେ ସିକସେମ୍ ଏବଂ ଥ୍ରୀଡି ଗ୍ଲାସ୍ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ସିଡିଆଇଏଲ ପଞ୍ଜାବରେ ଏବଂ ଏଏସଆଇପି ଆନ୍ଧ୍ରପ୍ରଦେଶରେ ପ୍ରକଳ୍ପ ପ୍ରତିଷ୍ଠା କରିବେ।

ସିକସେମ୍ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରସ୍ଥିତ ଇନଫୋଭ୍ୟାଲିରେ ବ୍ରିଟେନର କ୍ଲାସ୍-ସିକ୍ ୱେଫର ଫ୍ୟାବ୍ ଲିମିଟେଡ୍ ସହ ମିଶି ସିଲିକନ କାର୍ବାଇଡ୍ (ଏସଆଇସି) ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ସର ଗୋଟିଏ ସମନ୍ୱିତ ଅତ୍ୟାଧୁନିକ ପ୍ୟାକେଜିଂ ୟୁନିଟ୍ ପ୍ରତିଷ୍ଠାନ କରାଯିବ। ଏହା ଦେଶର ପ୍ରଥମ ବ୍ୟବସାୟିକ କମ୍ପାଉଣ୍ଡ ଫ୍ୟାବ୍ରିକେସନ ୟୁନିଟ୍ ହେବ। ଏହା ଉନ୍ନତ ପ୍ୟାକେଜିଂ ସେମିକଣ୍ଡକ୍ଟର ଶିଳ୍ପରେ ପରବର୍ତ୍ତୀ ପିଢ଼ିର ଦକ୍ଷତା ଆଣିବ। ଏହି ପ୍ରକଳ୍ପରେ ପ୍ୟାସିଭ୍ ଏବଂ ସିଲିକନ୍ ବ୍ରିଜ୍ ସହିତ ଗ୍ଲାସ୍ ଇଣ୍ଟରପୋଜର୍ ଏବଂ ଥ୍ରୀଡି ହେଟେରୋଜେନିୟସ୍ ଇଣ୍ଟିଗ୍ରେସନ୍ (ଥ୍ରୀଡିଏଚଆଇ) ମଡ୍ୟୁଲ୍ ସମେତ ବିଭିନ୍ନ ପ୍ରକାରର ଉନ୍ନତ ପ୍ରଯୁକ୍ତିବିଦ୍ୟା ରହିବ। ଏହି ୟୁନିଟ୍‌ର ଯୋଜନାବଦ୍ଧ କ୍ଷମତା ପ୍ରାୟ ୬୯,୬୦୦ ଗ୍ଲାସ୍ ପ୍ୟାନେଲ୍ ସବଷ୍ଟ୍ରେଟ୍, ୫୦ ନିୟୁତ ଆସେମ୍ବ୍ଲ୍ ୟୁନିଟ୍ ଏବଂ ବାର୍ଷିକ ୧୩,୨୦୦ ଥ୍ରୀଡିଏଚଆଇ ମଡ୍ୟୁଲ୍ ହେବ। ପ୍ରସ୍ତାବିତ ଉତ୍ପାଦଗୁଡ଼ିକର ପ୍ରତିରକ୍ଷା, ଉଚ୍ଚ-ପ୍ରଦର୍ଶନକାରୀ କମ୍ପ୍ୟୁଟିଂ, କୃତ୍ରିମ ବୁଦ୍ଧିମତ୍ତା, ଆରଏଫ ଏବଂ ଅଟୋମୋଟିଭ୍, ଫଟୋନିକ୍ସ ଏବଂ ସହ-ପ୍ୟାକେଜ୍ ଅପ୍ଟିକ୍ସ ଇତ୍ୟାଦିରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୩ରେ ନବୀନ ସରକାରଙ୍କ ଅମଳରେ ସ୍ୱତନ୍ତ୍ର ସେମିକଣ୍ଡକ୍ଟର ନୀତି ଅଣାଯାଇଥିଲା। ଏଥିରେ ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ମୁଖ୍ୟ ଲକ୍ଷ୍ୟ ଥିଲା। ଏହାଛଡ଼ା ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ ପ୍ରଥମେ ୨୦୨୩ରେ ଇଲେକ୍‌ଟ୍ରୋନିକ୍ ଆଣ୍ଡ ସେମିକଣ୍ଡକ୍ଟର ସଂଘ (ଆଇଇଏସ୍‌ଏ) ସହ ୩ଟି ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ।

# ମହିଳା ଅସୁରକ୍ଷିତ, ଓଡ଼ିଶା ନିନ୍ଦିତ; ସରକାର 'ସୁଭଦ୍ରା'ରେ ବ୍ୟସ୍ତ: ବିଜେଡି

ଭୁବନେଶ୍ୱର,୧୨।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ପୁଣିଥରେ ସରକାରଙ୍କୁ ଘେରିଛି ବିଜେଡି। ଏପରି ଗୋଟିଏ ପରେ ଗୋଟିଏ ଘଟଣା, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି ବୋଲି ସ୍ପଷ୍ଟ ଦର୍ଶାଉଛି ବୋଲି ଦଳ ଅଭିଯୋଗ କରିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତା ଦାୟୀ ବୋଲି ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଧ୍ରୁବ ଚରଣ ସାହୁ ଓ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି। ରାଜ୍ୟରେ ଛାତ୍ରୀ ଓ ମହିଳାମାନଙ୍କ ଉପରେ ନିର୍ଯାତନା ଓ ଦୁଷ୍କର୍ମ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଦୁହେଁ କହିଛନ୍ତି।

ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ରାଜ୍ୟରେ ନିତିଦିନିଆ ଘଟଣା ପାଲଟିଛି। ରାକ୍ଷୀପୂର୍ଣ୍ଣିମା ଦିନ ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକା ତାର ପିଉସା ସହ ଭାଲୁକୁଣୀ ମୂର୍ତ୍ତି କିଣିବାକୁ ଯିବା ସମୟରେ ତାଙ୍କୁ ଗୋଟିଏ ନିକାଞ୍ଚନ ଜାଗାକୁ ନେଇ ୫ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିବା ସହିତ ଭିଡିଓ ଉତ୍ତୋଳନ କଲେ। ପୀଡ଼ିତାଜଣଙ୍କ ଭୟଭୀତ ହୋଇ ଘଟଣା ସମ୍ପର୍କରେ କାହା ଆଗରେ ପ୍ରକାଶ କରିବାକୁ ସାହସ କରିପାରି ନଥିଲା। ଦୁର୍ବୃତ୍ତମାନେ ସେହି ଭିଡିଓକୁ ଭାଇରାଲ କରିବାକୁ ଉଦ୍ୟମ କରିଥିଲେ। ପୀଡ଼ିତାଙ୍କ ଭାଇଙ୍କ ନଜରରେ ଏହି ଭିଡିଓ ଆସିବା ପରେ ପରିବାରଲୋକ ଏହି ଘଟଣା ବିଷୟରେ ଅବଗତ ହୋଇ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ରାଜ୍ୟର ଗୃହ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଥିଲେ ମଧ୍ୟ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ସ୍ଥିତିରେ ସୁଧାର ଆସୁନାହିଁ। ମହିଳାମାନଙ୍କ ବିକାଶ ପାଇଁ ସରକାର କେବଳ ସୁଭଦ୍ରା ସୁଭଦ୍ରା



ପ୍ରଚାର କରୁଛନ୍ତି। କିନ୍ତୁ ବାସ୍ତବରେ ସରକାରଙ୍କ ଏହି ପ୍ରଚାର ମହିଳା ମାନଙ୍କ ପାଇଁ ଏକ ଉପହାସରେ ପରିଣତ ହୋଇଛି।

ଡ. ଲେନିନ୍ ମହାନ୍ତି କହିଥିଲେ ଯେ ଗୋଟିଏ ମାସ ଭିତରେ ଚାରି ଚାରି ଜଣ ଛାତ୍ରୀ ପୋଡ଼ି ହୋଇ ମରିଥିବା ବେଳେ ଆଜି ମଧ୍ୟ ଭୁବନ ଅଞ୍ଚଳରେ ଜଣେ ମହିଳା ୫୦ପ୍ରତିଶତ ପୋଡ଼ି ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଭଳି ଏକ ହୃଦୟବିଦାରକ ଖବର ସାମ୍ନାକୁ ଆସିଛି। ରାଜ୍ୟରେ ମହିଳା ଅସୁରକ୍ଷିତ ବୋଲି ଜାତୀୟ ଗଣମାଧ୍ୟମରେ ବାରମ୍ବାର ଚର୍ଚ୍ଚା ହେଉଥିବାରୁ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହେଉଛି। ରାଜ୍ୟ ସରକାରଙ୍କ ସମ୍ବେଦନହୀନତା ଓ ଅପାରଗପଣିଆ ଯୋଗୁଁ ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ସରକାରଙ୍କ ନିଦ ଭାଙ୍ଗୁ ଓ ଆଇନ ଶୃଙ୍ଖଳା ସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

■ ଜ୍ୟୋତି, ଶୁଭ୍ରଙ୍କୁ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

## ଆତ୍ମଦାହ ପୂର୍ବରୁ ସୌମ୍ୟାଶ୍ରୀଙ୍କ ସହ ୧୯ ଥର କଥା ହୋଇଥିଲେ

■ ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା
■ ଜେଲ୍‌ରେ ପଚାରଉଚରା

ବାଲେଶ୍ୱର, ୧୨।୮ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ଗିରଫ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଅଣଛାତ୍ର ଶୁଭ୍ରସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ତିନିଦିନିଆ ରିମାଣ୍ଡରେ ନେଇଛି। ଉଭୟ ଏବିଭିପିର ସକ୍ରିୟସଦସ୍ୟ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ ସେମାନଙ୍କୁ ଜେଲରୁ ବାହାରକୁ ନଆଣି ସେହିଠାରେହିଁ ଜେରା କରିଛି।

ଆଜି କ୍ରାଇମବ୍ରାଞ୍ଚ ଡିଏସ୍‌ପି ଇମାମ କଲ୍ୟାଣ ନାୟକଙ୍କ ସମେତ ଇନ୍ସପେକ୍ଟର ପାଞ୍ଚାଳି ରାଉତଙ୍କ ସହ ୬ଜଣିଆ ଟିମ୍ ଜେଲ ପରିସରକୁ ଯାଇଥିଲେ। ସେଠାରେ ଗିରଫ ଦୁଇଛାତ୍ରଙ୍କୁ ଓକିଲଙ୍କ ସମ୍ମୁଖରେ ପଚରାଉଚରା କରାଯାଇଥିଲା। ସୌମ୍ୟାଶ୍ରୀ ଆତ୍ମଦାହ କରିବା ପୂର୍ବରୁ ଏହି ଦୁଇ ଛାତ୍ର ତାଙ୍କ ସହ ପାଖାପାଖି ୧୯ଥର କଥା ହୋଇଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। କ୍ରାଇମବ୍ରାଞ୍ଚ ଏହାର ଭଏସ୍ ରେକର୍ଡିଂ ସଂଗ୍ରହ କରିଛି। ଏହି ରେକର୍ଡିଂକୁ ଷ୍ଟେଟ୍ ଫୋରେନସିକ ଲ୍ୟାବକୁ ଯାଞ୍ଚ ପାଇଁ ପଠାଯିବ। କ୍ରାଇମବ୍ରାଞ୍ଚ ଟିମ୍ ଜେଲ ମଧ୍ୟରେ ପାଖାପାଖି ୨ଘଣ୍ଟାରୁ ଅଧିକ ସମୟ ଧରି ଦୁଇ ଛାତ୍ର ନେତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲା। ସୂଚନାଯୋଗ୍ୟ, ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପଛରେ ଏହି ଦୁଇ ଛାତ୍ରଙ୍କ ହାତ ରହିଥିବାର ପ୍ରମାଣ ପାଇବା ପରେ କ୍ରାଇମବ୍ରାଞ୍ଚ ଗତ ୩ ତାରିଖରେ ସେମାନଙ୍କୁ ଗିରଫ କରିଥିଲା। ତେବେ କ୍ରାଇମବ୍ରାଞ୍ଚ ଅଧିକ ତଥ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଗିରଫ ଦୁଇ ଛାତ୍ରଙ୍କୁ ତିନିଦିନ ପାଇଁ ରିମାଣ୍ଡରେ ନେଇଛି।

## ତୁଟୁନାହିଁ ସ୍କିମାଟିକ୍ ଦ୍ୱନ୍ଦ୍ୱ

■ ନିଯୁକ୍ତି ପାଇଁ ସମନ୍ୱୟ ବୈଠକରେ ଆଲୋଚନା
■ ୬୬୬୯ ପଦରେ ନିୟମିତ ଶିକ୍ଷକ ନିଯୁକ୍ତି ଦାବି

ଭୁବନେଶ୍ୱର,୧୨।୮ (ସମିସ): କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ଉଚ୍ଛେଦ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି। ସ୍କିମାଟିକ୍ ଶିକ୍ଷକ ଉଚ୍ଛେଦ ପାଇଁ ସରକାରଙ୍କ ଆଭିମୁଖ୍ୟ ନେଇ ଆଶଙ୍କା ବଢ଼ିବାରେ ଲାଗିଛି। ଗତ ୨ତାରିଖରେ ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ଶିକ୍ଷକ ଉଚ୍ଛେଦ ପାଇଁ ପ୍ରସ୍ତାବ ପାରିତ ହେଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଲା। ଏହାର ମାତ୍ର ଦୁଇଦିନ ପରେ ବିଭାଗୀୟ ୱେବସାଇଟ୍‌ରୁ ବିଜ୍ଞପ୍ତି ଉଭେଇଗଲା। ୭ ତାରିଖରେ ବିଜ୍ଞପ୍ତିକୁ ବିଧିବଦ୍ଧ ଭାବରେ ପ୍ରତ୍ୟାହାର କରି ନିଆଗଲା। ମାତ୍ର ଏବେ ପୁଣି ବିଭାଗୀୟ ସମନ୍ୱୟ ବୈଠକରେ ଏନେଇ ଆଲୋଚନା ହୋଇଥିବାରୁ ରାଜ୍ୟର ପ୍ରାୟ ୧୬ ହଜାର ସ୍କିମାଟିକ୍ ଶିକ୍ଷକଙ୍କ ହୃଦସ୍ପନ୍ଦନ ପୁଣିଥରେ ବଢ଼ିଛି।

ଜୁଲାଇ ୩୦ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମନ୍ୱୟ ବୈଠକରେ ବିଭିନ୍ନ ନିର୍ଦ୍ଦେଶାଳୟ, ଓସେପା, ଆଦର୍ଶ ବିଦ୍ୟାଳୟ ଓ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସମେତ ବିଭାଗର ବିଭିନ୍ନ ଶାଖାରେ ଖାଲି ଥିବା ଅଣଶିକ୍ଷକ ଏବଂ ଶିକ୍ଷକ ପଦ ସମ୍ପର୍କରେ ଆଲୋଚନା କରାଯାଇଛି। କେଉଁ କାର୍ଯ୍ୟାଳୟରେ କେତେ ପଦ ଖାଲି ରହିଛି ଏବଂ କେତେ ସଂଖ୍ୟକ ପଦରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି, ତାହାର ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଛି। ତନ୍ମଧ୍ୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ବା ଓସେପା ଅଧୀନରେ ପ୍ରାୟ ୬୬୬୯ ପଦ ଫାଙ୍କା ରହିଥିବା ଦର୍ଶାଯାଇଛି।

ପୂର୍ବ ସରକାର ସମୟରେ ୨୦ହଜାର କନିଷ୍ଠ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ହୋଇଥିଲା। ନିଯୁକ୍ତି ପରେ ଖାଲି ରହିଯାଇଥିବା ୬୬୬୯ ପଦରେ ପୁନଃ ନିଯୁକ୍ତି ପାଇଁ ଆଲୋଚନା କରାଯାଇଛି। ଏ ସମ୍ପର୍କିତ ଏକ ରିଭ୍ୟୁ ପିଟିସନ୍ ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ରହିଛି। ଅଦାଲତଙ୍କ ରାୟ ପରେ ଫାଙ୍କା ରହିଥିବା ପଦରେ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ସମ୍ପ୍ରତି ହୋଇଥିବା ବିଭାଗ ସୂତ୍ରରୁ ସୂଚନା ମିଳିଛି। ଅର୍ଥାତ୍ ପୁଣିଥରେ କନିଷ୍ଠ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି କରିବାକୁ ଗଣଶିକ୍ଷା ବିଭାଗ ପ୍ରକ୍ରିୟା ଆରମ୍ଭ କରିପାରେ। ଗୋଟିଏ ପଟେ ସ୍କିମାଟିକ୍ ଉଚ୍ଛେଦ ପାଇଁ ପ୍ରସ୍ତାବ ପାରିତ ହେଉଥିବାବେଳେ ଅନ୍ୟପଟେ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି ପାଇଁ ଆଲୋଚନା ହେବା ସରକାରଙ୍କ ଦୋମୁହାଁ ନୀତି ବୋଲି ଶିକ୍ଷକ/ଶିକ୍ଷୟତ୍ରୀମାନେ ଅଭିଯୋଗ କରିଛନ୍ତି। ସରକାର ସ୍କିମାଟିକ୍ ଉଚ୍ଛେଦ ପାଇଁ ପ୍ରତିଶ୍ରୁତି ଦେଇ ପୁଣି ଥରେ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି କରିବାକୁ ଏକାଧିକ ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟ ବିରୋଧ କରିଛନ୍ତି। ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ପରି ସମସ୍ତ ପ୍ରକାର ଠିକା ନିଯୁକ୍ତି ଉଚ୍ଛେଦ କରିବାକୁ ଶିକ୍ଷକ ସଂଗଠନମାନେ ଦାବି ଦୋହରାଇଛନ୍ତି।

# ଏକ ସମୃଦ୍ଧ ଭବିଷ୍ୟତର ନୀଳନକ୍ସା ଏମ୍‌ବିଆର୍‌ଆଇସି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଓଡ଼ିଶା ମେରାଇନ ବାୟୋଟେକ୍ନୋଲୋଜି ଗବେଷଣା ଓ ନବସୃଜନ କରିଡର (ଓଏମବିଆରଆଇସି) ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ପରିବେଶ ସୁରକ୍ଷା, ବିଜ୍ଞାନଭିତ୍ତିକ ପର୍ଯ୍ୟଟନ, ନିବେଶ ଓ ନିଯୁକ୍ତି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ଜୀବିକା ଉପାର୍ଜନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଆଯାଇପାରିବ। ଲୋକସେବା ଭବନରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ମହାସାଗର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ(ଏନଆଇଓଟି) ମଧ୍ୟରେ ଏକ ଗବେଷଣା ଓ ବିକାଶ ସହଯୋଗ



ସ୍ମାରକପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହାସହ ଆଇଆଇଟି ଭୁବନେଶ୍ୱର, ଏନଆଇଟି ରାଉରକେଲା, ଆଇଜର ବ୍ରହ୍ମପୁର, ଆଇଏଲଏସ ଭୁବନେଶ୍ୱର, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଓ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ପ୍ରମୁଖ ଗବେଷଣା ଓ ବିକାଶ ସହାୟତା ପ୍ରଦାନ କରିବା ପାଇଁ ଓଡ଼ିଶା ସରକାର ସହିତ ଏମଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅନନ୍ୟ ପ୍ଲାଟଫର୍ମ କେବଳ ଓଡ଼ିଶା ନୁହେଁ; ସମଗ୍ର ଦେଶ ଓ ବିଶ୍ୱ ପାଇଁ ବିଜ୍ଞାନ ସମୁଦାୟ ଏବଂ ନବସୃଜନ ପାଇଁ ଆଶାର ଆଲୋକ ହେବ। ଏହା ଆମର ନୀଳ ଅର୍ଥନୀତିକୁ ରୂପାନ୍ତରିତ କରି ଦେଶର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବ। ଓଏମବିଆରଆଇସି କେବଳ ଏକ ଗବେଷଣା କାର୍ଯ୍ୟକ୍ରମ ନୁହେଁ। ଏହା ଏପରି ଏକ ପ୍ଲାଟଫର୍ମ ଅଟେ ଯେଉଁଠାରେ ଓଡ଼ିଶାର ଯୁବ ଉଦ୍ୟୋଗୀମାନେ ସ୍ଥାନୀୟ ସମ୍ବଳକୁ ବିନିଯୋଗ କରି ବିଶ୍ୱସ୍ତରୀୟ ମେରାଇନ ବାୟୋଟେକ ଷ୍ଟାର୍ଟଅପ ନିର୍ମାଣ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ।

## ରାଜ୍ୟରେ ବଢୁଛି ଆତ୍ମାହୁତି ପ୍ରବଣତା | ଗଣମାଧ୍ୟମକୁ ଦୋଷ ଦେଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ବଢୁଥିବା ଆତ୍ମାହୁତି ପ୍ରବଣତା ପାଇଁ ପରୋକ୍ଷରେ ଗଣମାଧ୍ୟମକୁ ଦାୟୀ କରିଛି କ୍ରାଇମବ୍ରାଞ୍ଚ। ଆଜି କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ବିରୋଧୀ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ର ଆଇଜି ଲେଖିଥିବା ଏକ ଚିଠିରେ ଏଭଳି କିଛି ଉଲ୍ଲେଖ ରହିଛି। ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା ପରେ ରାଜ୍ୟରେ ଆତ୍ମାହୁତି ଓ ଆତ୍ମାହୁତି ଉଦ୍ୟମ ଘଟଣା ବୃଦ୍ଧି ପାଉଛି। ଗଣମାଧ୍ୟମରେ ଆତ୍ମହତ୍ୟା ଓ ଆତ୍ମାହୁତିର ରିପୋର୍ଟିଂ ଶୈଳୀ ଲୋକଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଫଳରେ ବାଲେଶ୍ୱର ଘଟଣା ପରଠାରୁ ରାଜ୍ୟରେ ସମାନଧରଣର ପନ୍ଥା ଆପଣା ଯାଉଛି ବୋଲି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ସେହିପରି, ପୁଲିସ ନିକଟରେ ପଡ଼ିଥିବା ମହିଳା ଓ ଯୁବତୀମାନଙ୍କ ଅଭିଯୋଗର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେଲେ ଏହି ଆତ୍ମାହୁତି ଧାରାରେ ରୋକ୍ ଲାଗି ପାରିବ ବୋଲି ସେଥିରେ ଲେଖାଯାଇଛି। ତେବେ ପୁଲିସ ପାଖରେ ମହିଳା ବା ଯୁବତୀମାନଙ୍କ ଅଭିଯୋଗ କାହିଁକି ଦୀର୍ଘ ଦିନ ହେବ ପଡ଼ିରହିଛି, ତାକୁ ନେଇ ପ୍ରଶ୍ନ ଉଠିଛି। ଯଦି ପୂର୍ବରୁ ଅଭିଯୋଗ ରହିଛି, ତେବେ କାହିଁକି ଏଯାଏଁ ତାହାର ସମାଧାନ କରାଯାଇନାହିଁ ତାହା ପୁଲିସର ଭୂମିକାକୁ ସନ୍ଦେହଘେରକୁ ଟାଣି ଆଣିଛି।

ସେହିପରି ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମ୍ବାଦିକତାର ପାଠ ପଢ଼ାଇଛି ଏହି ଚିଠି। ସମ୍ବେଦନଶୀଳ ପ୍ରସଙ୍ଗରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତିଷ୍ଠା ଯଥେଷ୍ଟ ଧ୍ୟାନ ଦେବା ଓ ଆତ୍ମହତ୍ୟା ସମ୍ବନ୍ଧିତ ନକାରାତ୍ମକ ପ୍ରଭାବକୁ ବୁଝି ରିପୋର୍ଟ କରିବାକୁ ଅନୁରୋଧ କରାଯାଇଛି। ଅନୁରୂପ ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ସମନ୍ୱୟ ରଖି ବିଦ୍ୟାଳୟ, କଲେଜରେ କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଜି ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର,୧୨।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ବୁଧବାର ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ସହ କେନ୍ଦ୍ରୀୟ ଓଡ଼ିଶାରେ ବର୍ଷା ନେଇ ଆଶଙ୍କା ରହିଛି। ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ରାଜ୍ୟର କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ବୁଧବାର କୋରାପୁଟ ଓ ମାଲକାନଗିରିରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, ବଲାଙ୍ଗିର ଓ ନୂଆପଡ଼ାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଯଥାକ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଇଛି

ଖାଲି ପଦବୀ ସଂଖ୍ୟା:
ନିୟମିତ : 5180 + ବ୍ୟାକଲଗ୍ : 403

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/web/careers/current_openings ରେ ବିଜ୍ଞାପନ ନମ୍ବର CRPD/CR/2025-26/06 ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଇଛି।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 06.08.2025 ରୁ 26.08.2025 ପର୍ଯ୍ୟନ୍ତ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ https://bank.sbi/web/careers/current_openings ରେ ଉପଲବ୍ଧ।

ସ୍ଥାନ: ମୁମ୍ବାଇ
ତାରିଖ: 06.08.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)








## ଅବ୍ୟବସ୍ଥିତ ଇ-ଟଏଲେଟ୍

# ପାଣି ଆସୁନି କି ଡୋର୍ ଖୋଲୁନି

ଭୁବନେଶ୍ୱର, ୧୨।୮ (ସମିସ)




- ଶୌଚ ପାଇଁ ଯାଇ ନିରାଶ ହୋଇ ଫେରୁଛନ୍ତି ଲୋକେ
- ପ୍ରଦୂଷିତ ହେଉଛି ରାଜଧାନୀ ରାସ୍ତାଘାଟ

ସହରବାସୀଙ୍କୁ ଶୌଚ ସୁବିଧା ପାଇଁ ରାଜଧାନୀ ରାସ୍ତାକଡ଼ରେ ଖୋଲିଛି ମାଳମାଳ ଇ-ଟଏଲେଟ୍। କିନ୍ତୁ ସେଥି ମଧ୍ୟରୁ ଅଧିକାଂଶ ଇ-ଟଏଲେଟ୍‌ରେ ପାଣି ଆସୁନାହିଁ କି ଡୋର୍ ଜାମ ହୋଇ ଖୋଲୁନାହିଁ। ଅଧିକାଂଶ ଇ-ଟଏଲେଟ୍ ଅତି ଅପରିଷ୍କାର ଅବସ୍ଥାରେ ପଡ଼ି ରହିଛି ଏବଂ ଦୁର୍ଗନ୍ଧରେ ଫାଟିପଡୁଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କିଟ୍ ଛକରେ।

ଖବର ନେବାରୁ ଜଣାପଡ଼ିଛି ଯେ, ୨୦୧୮ ମସିହା ହକି ବିଶ୍ୱକପ୍ ସମୟରେ ଜନଗହଳିକୁ ଦୃଷ୍ଟିରେ ରଖି କିଟ୍ ଛକ, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ସିଆରପିଏଫ୍, ଉତ୍କଳ ମଣ୍ଡପ, ସମେତ ପାର୍କ, ମେଡ଼ିକାଲ, ହାଟ ସମେତ ଜନଗହଳି ଆଦି ସ୍ଥାନମାନଙ୍କରେ ଏହି ଇ-ଟଏଲେଟ ବ୍ୟବସ୍ଥା କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ସହରର ସୌନ୍ଦର୍ଯ୍ୟ ଓ ପରିମଳ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା। ବୈଦ୍ୟୁତିକ ଜ୍ଞାନ କୌଶଳକୁ ନେଇ ଏହି ଇ-ଟଏଲେଟ୍ ତିଆରି ହୋଇଥିଲା। ଏଥିରେ ଗୋଟେ ପଟେ ମହିଳା ଆଉ ଗୋଟେ ପଟେ ପୁରୁଷ ବ୍ୟବହାର କରିବା ପାଇଁ ପ୍ରାୟ ୨୫ଟି ଇ-ଟଏଲେଟ୍ ତିଆର ହୋଇଥିଲା। ଏଥିରେ ପ୍ରାୟ ୫ କୋଟି ୭୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ବର୍ତ୍ତମାନ ଏହି ଇଟଏଲେଟ୍ ୧୪ଟି ବିଡ଼ିଏ ହାତରେ ରହିଥିବା ବେଳେ ଆଉ ୧୧ଟା ବିଏମ୍‌ସି ଅଧୀନରେ ରହିଛି।

କିନ୍ତୁ ଏବେ ଏହି ଇ-ଟଏଲେଟ୍‌ଗୁଡ଼ିକ ଏବେ ଏକ ପ୍ରକାରର ଅଚଳ ହୋଇ ପଡ଼ିଛି। ରକ୍ଷଣାବେକ୍ଷଣା ଅଭାବରୁ ଲୋକମାନେ ଏହି ଇ-ଟଏଲେଟ୍‌କୁ ବ୍ୟାବାହର କରି ପାରୁନାହାନ୍ତି। ବିଭିନ୍ନ ସ୍ଥାନରେ ରହିଥିବା ଏହି ଇ-ଟଏଲେଟ୍‌ରେ କିଛି ସ୍ଥାନରେ ପାଣି ଆସୁନି ତ ଆଉ କେଉଁଠି ଡ଼ୋର ଖୋଲୁ ନ ଥିବା ବେଳେ ଆଉ କେଉଁଠି ତାଲା ପଡ଼ି ରହିଛି। ଏଥିସହିତ ଆଉ କିଛି ସ୍ଥାନରେ ଇ-ଟଏଲେଟ୍‌ରୁ ଦୁର୍ଗନ୍ଧ ବାହାରୁଛି। ଫଳରେ ସାଧାରଣ ଲୋକମାନେ ଏହି ଇ-ଟଏଲେଟ୍ କୁ ବ୍ୟବହାର କରି ନ ପାରି ଅସନ୍ତୋଷ ପ୍ରକାଶ କରୁଛନ୍ତି।


ପ୍ରାୟ ୬ ମାସ ହୋଇଗଲାଣି ଏହି ସ୍ଥାନରେ ଆସି ବେପାର କରୁଛି। ପ୍ରତିଦିନ ଅନେକ ଲୋକ ଏଠାକୁ ଶୌଚାଳୟ ପାଇର୍ ଆସି ନିରାଶ ହୋଇ ଫେରୁଛନ୍ତି। ହେଲେ କେବେ ବି ଗୋଟେ ଦିନ କେହିବି ଏହି ଇ-ଟଏଲେଟ୍‌କୁ ବ୍ୟବହାର କରୁଥିବାର ଦେଖିନି। ଆମକୁ ବି ଏକ କିମ୍ବା ଦୁଇ ଲାଗିଲେ ଶୌଚାଳୟ ବ୍ୟବହାର କରିବା ପାଇଁ ବହୁତ ଅସୁବିଧା ହେଉଛି। ରାସ୍ତାକଡ଼ରେ ଶୌଚାଳୟ ଅଛି ହେଲେ ବ୍ୟବହାର ଉପଯୋଗୀ ନୁହେଁ। ଫଳରେ ଆମେ ରାସ୍ତା କଡ଼କୁ ଭରସା କରୁଛୁ ବୋଲି କିଟ୍ ଛକରେ ଥିବା ଜଣେ ବ୍ୟବସାୟୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଇ-ଟଏଲେଟ୍ ଯେହେତୁ ଇଲେକ୍ଟ୍ରିରେ ତିଆରି ହୋଇଛି। ଏଥିରେ କିଛିଟା ସେନ୍‌ସର ଅଛି ବେଳେବେଳେ ଖରାପ ହୋଇଯାଉଛି। କିନ୍ତୁ ଏହାକୁ ମରାମତି କିମ୍ବା ବଦଳା ଯାଉନାହିଁ।

● ପାତ୍ରପଡ଼ାରେ ଆଉ ଏକ ଦୁର୍ଘଟଣା

## ବାଇକ୍ ଚାଳକଙ୍କୁ ପିଟିଲା ଟ୍ରକ


ଭୁବନେଶ୍ୱର, ୧୨।୮ (ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ୧୬ ନମ୍ବର ଜାତୀୟ ରାଜପଥର ପାତ୍ରପଡା ଫ୍ଲାଏଓଭର ଉପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ ସହ ଟ୍ରକ (ଓଡି୩୪ଭି-୭୩୧୬) ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲ ପଠାଯାଇଥିବାବେଳେ ଘଟଣାସ୍ଥଳରୁ ଟ୍ରକ୍ ଛାଡି ଡ୍ରାଇଭର ଚମ୍ପଟ ମାରିଛି।





ଖବର ନେବାରୁ ଜଣାପଡ଼ିଛି ଯେ, ମଙ୍ଗଳବାର ରାତି ପ୍ରାୟ ୧୧ ଟା ୩୦ ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏଠାରେ ପ୍ରକାଶଥାଉକି ଠିକ ଏହି ସ୍ଥାନରେ ଗତ ଶନିବାର ରାତିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିଲା। ଏକ ଥାର୍ ଗାଡ଼ି ଦୁର୍ଘଟଣା ଦେବାରୁ ମହିଳା ଏବଂ ତାଙ୍କର ୮ ବର୍ଷୀୟା ଝିଅର ମୃତ୍ୟୁ ହୋଇଥିବାବେଳେ ତାଙ୍କ ପୁଅ ଏବେବି ଗୁରୁତର ଅଛନ୍ତି। ଥାର୍ ଗାଡ଼ିକୁ ପୋଲିସ ଜବତ କରିଥିବାବେଳେ ଗାଡିଚାଳକକୁ ଏପର୍ଯ୍ୟନ୍ତ ଗିରଫ କରାଯାଇପାରି ନାହିଁ।

## ଦୋକାନରେ ନିଆଁ ଲଗାଇ ମହିଳାଙ୍କୁ ହତ୍ୟା ଉଦ୍ୟମ; ଜଣେ ଗିରଫ



ଭୁବନେଶ୍ୱର, ୧୨।୮ (ସମିସ): ଦୋକାନରେ ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁର ଥାନା ହରିରାମ ପାଟଣାର ନଳିନୀକାନ୍ତ ସାହୁ ଓରଫ୍ ବୁଲୁ (୨୫)। ସେ ମା କୋଟିଳେଇ ହାଟରେ ଦୋକାନ କରିଛନ୍ତି।

ପୁଲିସ ସୂଚନା ଅନୁସାରେ, ଗତ ଶନିବାର ଦିନ ବୁଲୁ ଓ ଭାରତୀ ବେଉରାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେହି ସମୟରେ ବୁଲୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇ ହତ୍ୟା କରିବାକୁ ଧମକ ଦେଇଥିଲା। ଏଥିସହିତ ଥାନାରେ ଖବର ଦେଲେ ତାଙ୍କ ଦୋକାନରେ ନିଆଁ ଲଗାଇ ଜିନିଷପତ୍ର ନଷ୍ଟ କରିଦେବାର ଚେତାବନୀ ମଧ୍ୟ ଦେଇଥିଲା। ରବିବାର ରାତିରେ ଭାରତୀ ତାଙ୍କ ଦୋକାନ ଭିତରେ ଶୋଇଥିବା ବେଳେ ବୁଲୁ ଲାଇଟର ଦ୍ୱାରା ଦୋକାନରେ ନିଆଁ ଲଗାଇ ଦେଇ ପଳାଇ ଯାଇଥିଲା। ଭାରତୀ ପୋଡ଼ା ଗନ୍ଧ ଅନୁଭବ କରି ଉଠି ପଡ଼ିଥିଲେ। ଜୀବନ ବଞ୍ଚାଇବାକୁ ସେଠାରୁ ପଳାଇଥିଲେ। ନିଆଁ ଲାଗି ଦୋକାନ ଭିତରେ ଥିବା ଜିନିଷପତ୍ର ପୋଡ଼ି ଯାଇଥିଲା। ଏନେଇ ସେ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଦୋକାନରୁ ଅଧା ପୋଡ଼ି ଯାଇଥିବା କାଠ ଖଣ୍ଡ ଓ ପାଉଁଶ ଜବତ କରାଯାଇଥିଲା। ଆଜି ବୁଲୁକୁ ଗିରଫ କରିବା ସହ ଲାଇଟର ଜବତ କରିଛି।

## ବନ୍ୟାଞ୍ଚଳରେ ରିଲିଫ୍ ବଣ୍ଟନ

ଭୁବନେଶ୍ୱର, ୧୨।୮ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ବନ୍ୟା ପ୍ରପୀଡ଼ିତ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ବନ୍ୟା ପ୍ରପୀଡ଼ିତ ତରେଇପାଟଣା, ସିଦ୍ଧବାଲି ଓ ବାଲୁରିଆ ଆଦି ଅଞ୍ଚଳରେ ଲୋକଙ୍କ ମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଓ ସମ୍ ନର୍ସିଂ କଲେଜର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଚୁଡ଼ା, ଗୁଡ଼, ଦିଆସିଲି, ମହମବତି, ସାନିଟାରୀ ପ୍ୟାଡ୍, ମଶା ଧୂପ ଆଦି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ'ର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅମ୍ବରୀଶ ମଙ୍ଗରାଜ ଓ ବିଶ୍ୱ ବିଦ୍ୟାଳୟ ଏନ୍‌ଏସ୍‌ଏସ୍ କର୍ମଚାରୀ ରାଜ ଶେଖର ବେହେରା ପରିଚାଳନା କରିଥିବା ବେଳେ ଏନ୍‌ଏସ୍‌ଏସ୍‌ର




ଉପଦେଷ୍ଟା ପ୍ରଫେସର ନଚିକେତା ଖମାରୀ ଶର୍ମା ଓ ପ୍ରୋଗ୍ରାମ୍ ସଂଯୋଜକ ଡ. କମଳ ଲୋଚନ ମହନ୍ତଙ୍କ ସମ୍ପାଦନା କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ସୋଆ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଏଭଳି ଉଦ୍ୟମ ସାଧାରଣ ଜନମାନସରେ ପ୍ରଶଂସିତ ହେବା ସହ ଅନ୍ୟକୁ ପ୍ରେରଣା ମଧ୍ୟ ଯୋଗାଇଛି।

# ସ୍ୱାଧୀନତା ଦିବସ ଲାଗି ପରେଡ୍ ରିହର୍ସାଲ୍





**ପରେଡ୍ କମାଣ୍ଡର୍ ଆଇପିଏସ୍ ଅନନ୍ୟା**

ଭୁବନେଶ୍ୱର, ୧୨।୮ (ସମିସ): ଶୁକ୍ରବାର ଦେଶ ପାଳିବ ୭୯ତମ ସ୍ୱାଧୀନତା ଦିବସ। ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଲାଗି ଗାନ୍ଧୀମାର୍ଗରେ ଜୋରଦାର ପ୍ରସ୍ତୁତ କରାଯାଇଛି। ସୋମବାର ଠାରୁ ଗାନ୍ଧୀମାର୍ଗରେ ପରେଡ୍ ରିହର୍ସାଲ୍ ଆରମ୍ଭ ହୋଇଛି। ଚଳିତବର୍ଷ ୧୨୦ ବାଟାଲିୟନ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍, ଆର୍‌ପିଏଫ୍, ସପ୍ତମ ବାଟାଲିୟନ, ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ, ଏସ୍‌ଓଜି ଚନ୍ଦକା, ଓଏସ୍‌ଏଏଫ୍, ଓଆଇଏସ୍‌ଏଫ୍, ଓଡ୍ରାଫ୍, ଟ୍ରାଫିକ ପୁଲିସ, ଅଗ୍ନିଶମ ବିଭାଗ, ହୋମଗାର୍ଡ, ସିଭିଲ୍ ଡିଫେନ୍ସ, ଏନ୍‌ସିସି, ସ୍କାଉଟଗାଇଡ୍, ଅର୍ଦ୍ଧସାମରିକ ଓ ସାମରିକ ଭଳି ବିଭିନ୍ନ ପ୍ରାୟ ୫୦ରୁ ଅଧିକ କଣ୍ଟିଜେଣ୍ଟ ଗ୍ରୁପ ଅଂଶଗ୍ରହଣ କରିବେ। ସେହିପରି ପରେଡ୍‌କୁ କମାଣ୍ଡ କରିବେ ୨୦୨୨ ବ୍ୟାଚ୍‌ର ଆଇପିଏସ ଅନନ୍ୟା ଅଓ୍ୱସ୍ଥି। ସେ ଏବେ ସୁନ୍ଦରଗଡ଼ରେ ଟ୍ରେନିଂରେ ଅଛନ୍ତି। ସୋମବାର ପ୍ରଥମ ଦିନରେ ରିହର୍ସାଲ ହୋଇଥିବା ବେଳେ ଆହୁରି ୨ ଦିନ ଚାଲିବ। ୧୩ ତାରିଖ ଦିନ ପରେଡ୍ ପାଇଁ ଫୁଲଡ୍ରେସ୍ ରିହର୍ସାଲ ହେବ ବୋଲି କମିସନରେଟ ପୁଲିସ ପକ୍ଷରୁ କୁହାଯାଇଛି। କମିସନରେଟ ପୁଲିସ ପକ୍ଷରୁ ପ୍ରତିଦିନ ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟ ଦଳ ପଡ଼ିଆକୁ ତନ୍ନତନ୍ନ କରି ଯାଞ୍ଚ କରିବେ। ଏଥିସହ ଗାନ୍ଧୀମାର୍ଗର ସୁରକ୍ଷା ଉପରେ କମିସନରେଟ ପୁଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

**ପ୍ରକାଶ ପାଉନି ସଂସ୍କୃତ ଓ ହିନ୍ଦୀ ଶିକ୍ଷକଙ୍କ କ୍ୟାଡର ରୁଲ୍**

## ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅନଶନ ଚେତାବନୀ




ଭୁବନେଶ୍ୱର, ୧୨।୮ (ସମିସ): ହାଇସ୍କୁଲ ଶିକ୍ଷକଙ୍କ ପାଇଁ ନୂତନ ଡ୍ରାଫ୍ଟ କ୍ୟାଡର ରୁଲ୍ ଚୂଡ଼ାନ୍ତ ହୋଇସାରିଛି। ହେଲେ କାର୍ଯ୍ୟକାରୀ ହୋଇ ନାହିଁ। ଫଳରେ ରାଜ୍ୟରେ ହଜାର ହଜାର ସଂଖ୍ୟାରେ ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଉପଯୁକ୍ତ କ୍ୟାଡ଼ର ଅଭାବରୁ ପଦୋନ୍ନତି, ବଦଳି ଆଦି ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଚରମବାଣୀ ଶୁଣାଇଛି ହିନ୍ଦୀ ଶିକ୍ଷକ ସଂଘ ଓ ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ। ଆସନ୍ତା ସପ୍ତାହେ ମଧ୍ୟରେ କ୍ୟାଡର ରୁଲ୍ ଲାଗୁ କରା ନ ଗଲେ ଆସନ୍ତା ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସଂଘର ସଭାପତି ବିଜୟ କୁମାର ତ୍ରିପାଠୀଙ୍କ କହିବା କଥା, ଗତ ମେ' ୭ ତାରିଖରେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଦୁଇ ମାସ ମହଲତ ଦେଇଥିଲେ। ହେଲେ ଏହାକୁ ପ୍ରାୟ ତିନିମାସ ଅତିକ୍ରମ କରିଥିଲେ ମଧ୍ୟ ଫାଇଲ୍ ବିଭାଗରେ ପଡ଼ିରହିଛି। ଫଳରେ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୀ ଶିକ୍ଷକ ସଂଘର ସଭାପତି ଡ. ତବାରକ ଅଲୀ ସୁମନଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ନାବାଳିକାକୁ ଅସଦାଚରଣ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୨।୮ (ସମିସ): ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଦିଲ୍ଲୀପ ଭୋଇ।

ପୁଲିସ ସୂଚନା ଅନୁସାରେ, ନାବାଳିକା ଜଣକ ଘରେ ଏକାକୀ ଥିବାବେଳେ ଦିଲ୍ଲୀପ ତାଙ୍କୁ ଅସଦାଚରଣ କରିଥିଲା। ସେହି ସମୟରେ ପରିବାର ସଦସ୍ୟ ଚାଲି ଆସିବାରୁ ସେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ନାବାଳିକାଙ୍କ ଠାରୁ ଘଟଣା ବିଷୟରେ ଜାଣିବା ପରେ ପରିବାର ଲୋକେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଦିଲ୍ଲୀକୁ ଗିରଫ କରିଛି।

## ଲୋକନାଥ ତ୍ରିପାଠୀଙ୍କର ଜୟନ୍ତୀ ଉତ୍ସବ

ଭୁବନେଶ୍ୱର, ୧୨।୮ (ସମିସ): ସେବତୀ ଲୋକନାଥ ସାହିତ୍ୟ ସେବା ଅନୁଷ୍ଠାନ ତରଫରୁ ସାରଳା ମାଟିର ବରପୁତ୍ର ସାହିତ୍ୟ ସାଧକ ସ୍ୱର୍ଗତ ଲୋକନାଥ ତ୍ରିପାଠୀଙ୍କର ୯୯ତମ ଜୟନ୍ତୀ ଉତ୍ସବ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାରସ୍ୱତ କବିତା ଆସର ସହିତ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ନିକୁଞ୍ଜ କିଶୋର ପଣ୍ଡା, ମୁଖ୍ୟ ବକ୍ତା ଭାବେ ସୁଲେଖିକା ତଥା ଅଧ୍ୟାପିକା ଡ. ପ୍ରତିଭା ମହାରଥୀ, ତ୍ରିନାଥ ପ୍ରସାଦ ତ୍ରିପାଠୀ, ବିଜୟ କୁମାର ଦାଶ, ମଞ୍ଜୁଳା ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ତରୁଣବାଳା ମହାପାତ୍ର ଓ ସୌଦାମିନୀ ତ୍ରିପାଠୀଙ୍କ ବେଦ ପାଠ ପରେ ସମ୍ମିଳିତ ଭାବେ ଦେଶାତ୍ମବୋଧକ ସଙ୍ଗୀତ ଗାନ ଏବଂ ଭକ୍ତି ନୃତ୍ୟ ପରିବେଷଣ ହୋଇଥିଲା। ତ୍ରୈଲୋକ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ରାଜ୍ୟ ଗ୍ରନ୍ଥାଗାରରେ ଗ୍ରନ୍ଥାଗାରିକ ଦିବସ



ଭୁବନେଶ୍ୱର, ୧୨।୮ (ସମିସ): ଜାତୀୟ ଗ୍ରନ୍ଥାଗାରିକ ଦିବସ ଉପଲକ୍ଷେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ପାଠାଗାର ବିଜ୍ଞାନର ଜନକ ପଦ୍ମଶ୍ରୀ ଏସ ଆର ରଙ୍ଗନାଥନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରନ୍ଥାଗାରର ଅଧିକାରୀ ଅନୁଜା ତାରିଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର ଓ ସୂଚନା ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ପୁଷ୍ପାଞ୍ଜଳି ଜେନା ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର ଓ ସୂଚନା ବିଜ୍ଞାନର ପୂର୍ବତନ ମୁଖ୍ୟ ପ୍ରଫେସର ବାମନ ପରିଡ଼ା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ।

## ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ସ୍ମୃତିସଭା



ଭୁବନେଶ୍ୱର, ୧୨।୮ (ସମିସ): ଓଡ଼ିଶା ଲେଖିକା ସଂସଦ କାର୍ଯ୍ୟାଳୟଠାରେ ପୂର୍ବତନ ଉପସଭାପତି ପ୍ରଭା ପଟ୍ଟନାୟକଙ୍କ ବିୟୋଗରେ ସଭ୍ୟାମାନେ ଏକ ସ୍ମୃତି ସଭାର ଆୟୋଜନ କରିଥିଲେ। ଲେଖିକା ଇନ୍ଦିରା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପ୍ରାୟ ୫୦ଜଣ ଲେଖିକା ଯୋଗ ଦେଇଥିଲେ। ଲେଖିକା କାନନବାଳା ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଏହି ସଭାରେ ଲେଖିକା ସଂସଦର ସଭାପତି ଡ. ଶକୁନ୍ତଳା ବଳିୟାରସିଂ, କାନନବାଳା ପଟ୍ଟନାୟକ, ସୁଚେତା ରାଉତ, ଗୋଲାପମଞ୍ଜରୀ କର, ବିଦେଶୀ ଭଞ୍ଜ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବାରିପଦା ଲେଖିକା ସଂସଦର ଆବାହିକା ରାଜଲକ୍ଷ୍ମୀ ତ୍ରିପାଠୀ ସଭାରେ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍ ଗତିକାମନା କରିଥିଲେ। ସନ୍ଧ୍ୟାରାଣୀ ପୃଷ୍ଟି ଓ ଶାନ୍ତିଲତା ପାଲ୍ ଗୀତା ପାଠ କରିଥିଲେ।

**ଜରାଜୀର୍ଣ୍ଣ ବିଜୁ ପଟ୍ଟନାୟକ ଖେଳପଡ଼ିଆ**

# ଚିନ୍ତା ବଢ଼ାଉଛି ଅଧପନ୍ତରିଆ ପାଚେରି, ମୁକୁଳା ଗେଟ୍

ଭୁବନେଶ୍ୱର, ୧୨।୮ (ସମିସ): ସଞ୍ଜ ନଇଁଲେ ଖେଳ ପଡ଼ିଆରେ ଆସର ଜମୁଛି ନିଶାଡ଼ିମାନଙ୍କର। ମାଳ ମାଳ ଅସାମାଜିକ ବ୍ୟକ୍ତି ଏଠାରେ ଆଡ୍ଡା ଜମାଉଥିବାରୁ ସ୍ଥାନୀୟ ଲୋକେ ମଧ୍ୟ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ତା ସାଙ୍ଗକୁ ପଡ଼ିଆ ଭିତରେ ଆଣ୍ଠୁଏ ଉଚ୍ଚର ଅନାବନା ଗଛଲତା ଭର୍ତ୍ତି ହୋଇଥିବାରୁ ବିଷାକ୍ତ ଜୀବଜନ୍ତୁଙ୍କ ବାସସ୍ଥଳୀ ପାଲଟିଲାଣି। ସାମ୍ନା ପଟରେ ଗେଟ୍ ନିର୍ମାଣ କରାଯାଇଥିବା ବେଳେ ପାଚେରୀ ମଧ୍ୟ ଅଧାପନ୍ତରିଆ ହୋଇ ରହିଛି। ଫଳରେ ଯେକୌଣସି ବ୍ୟକ୍ତି ଅବାଧରେ ପଡ଼ିଆ ଭିତରକୁ ପ୍ରବେଶ କରିପାରୁଛନ୍ତି। ସ୍ଥାନୀୟ ପିଲା ଓ ଯୁବଗୋଷ୍ଠୀଙ୍କ ଖେଳିବା ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ଖେଳ ପଡ଼ିଆ ଏବେ ଅସାମାଜିକ ବ୍ୟକ୍ତିଙ୍କ ପେଣ୍ଠସ୍ଥଳ ପାଲଟିଛି।

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୧୮ ଅଧୀନସ୍ଥ ରସୁଲଗଡ଼ ଜିଜିପି ଅଞ୍ଚଳରେ ରହିଛି ପ୍ରାୟ ୩ଏକର ପରିମିତ ଏହି ଖେଳ ପଡ଼ିଆ। ରସୁଲଗଡ଼, ଜିଜିପି, ପ୍ରାଚୀବିହାର, ପଳାଶୁଣି ଆଦି ଅଞ୍ଚଳର ଶତାଧିକ ପିଲାମାନେ ଏହି ଖେଳ ପଡ଼ିଆକୁ ନିର୍ଭର କରିଥାନ୍ତି। ପୂର୍ବରୁ ଏହି ପଡ଼ିଆ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ଅଞ୍ଚଳର ପିଲାମାନଙ୍କ ଖେଳକୁଦ ନିମନ୍ତେ ଏହାକୁ ମରାମତି କରାଯିବାକୁ ବାରମ୍ବାର ନିବେଦନ କରାଯାଇଥିଲା। ଯଦିଓ ପୂର୍ବରୁ ଏହା ପଳାଶୁଣି ଖେଳ ପଡ଼ିଆ ଜଣାଶୁଣା ଥିଲା, ହେଲେ ୨୦୧୨ ମସିହାରେ ବିଜୁ ପଟ୍ଟନାୟକ ସ୍ମୃତି କମିଟି ପଳାଶୁଣି ପକ୍ଷରୁ ସ୍ୱର୍ଗତଃ ବିଜୁ

**ସଞ୍ଜ ହେଲେ ନିଶାଡ଼ିଙ୍କ ଆଡ୍ଡା**



ପଟ୍ଟନାୟକଙ୍କର ଏକ ପ୍ରତିମୂର୍ତ୍ତି ଏଠାରେ ସ୍ଥାପନ କରାଯାଇଥିଲା। ସେବେଠାରୁ ବିଧିବଦ୍ଧ ଭାବେ ଏହି ପଡ଼ିଆର ନାମ ବିଜୁ ପଟ୍ଟନାୟକ ଖେଳ ପଡ଼ିଆ ଭାବେ ପରିଚିତ। ଏହାପରେ ୨୦୨୨ ମସିହାରେ ପଡ଼ିଆର ଉନ୍ନତିକରଣ କରାଯାଇଥିଲା। ଏମଏଲ୍‌ଏ ଲ୍ୟାଡ୍‌ରୁ ୪ଲକ୍ଷ ଟଙ୍କାରେ ପଡ଼ିଆର ଗେଟ୍ ଓ ପାଚେରୀ ନିର୍ମାଣ କରାଯାଇଥିଲା। ସେହିପରି ୨୦୨୩ରେ ମୁକ୍ତା ଯୋଜନାରେ ଅଧୀନରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଡ଼ିଆରେ ଘାସ ଲଗାଯିବା ସହ ଉନ୍ନତିକରଣ କରାଯାଇଥିଲା। ହେଲେ ଦିନ କେଇଟା ପରେ ପଡ଼ିଆର ଅବସ୍ଥା ପରିତ୍ୟକ୍ତ ହୋଇଥିବା ଦେଖିବାକୁ ମିଳିଛି। ପଡ଼ିଆ ସମ୍ମୁଖରେ କେବଳ ପାଚେରୀ ନିର୍ମାଣ କରାଯାଇଥିବା ବେଳେ ପଛପାଖ ସମ୍ପୂର୍ଣ୍ଣ ଫାଙ୍କା ପଡ଼ିଛି।

ଏହାସହ ଗେଟ୍ ନିର୍ମାଣ ହୋଇଥିଲେ ବି ତାହା ମୁକୁଳା ପଡ଼ିଛି। ଫଳରେ ପଡ଼ିଆ ଭିତରକୁ ବୁଲା କୁକୁର, ଷଣ୍ଢଙ୍କ ସମେତ ବିଷାକ୍ତ ଜୀବଜନ୍ତୁ ଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୁବଠାରୁ ଚିନ୍ତାର ବିଷୟ ହେଉଛି ଏହି ପଡ଼ିଆଟି ପୁରୀ ବାଇପାସ୍ ଜାତୀୟ ରାଜପଥଠାରୁ ମାତ୍ର ଅଳ୍ପ ଦୂରରେ ରହିଥିବାରୁ ଅଜଣା ବ୍ୟକ୍ତିମାନେ ରାତି ଅଧରେ ଏଠାରେ ଆଡ୍ଡା ଜମାଉଛନ୍ତି। ଏନେଇ ୱାର୍ଡର କର୍ପୋରେଟର ବିପ୍ଳବ ବେହେରା କହିଛନ୍ତି ଯେ, ବର୍ତ୍ତମାନ ବର୍ଷାଦିନ ପାଇଁ ଅନାବନା ଘାସ ଭର୍ତ୍ତି ହୋଇଛି। ପୂର୍ବରୁ ମୁକ୍ତା ଯୋଜନାରେ ପଡ଼ିଆର ଉନ୍ନତିରକରଣ ହୋଇଥିବା ବେଳେ ବର୍ତ୍ତମାନ ମୁକ୍ତା ଯୋଜନା କୁ ବନ୍ଦ କରାଯାଇଛି। ତେବେ ଏଥିପାଇଁ ଏଯାଏଁ କୌଣସି ଆଲୋଚନା ହୋଇନାହିଁ।



### ଜବରଦଖଲରୁ ଫୁଟୁଛି ଗୁଳି ଓ ବୋମା

# ଆଉ କେତେ କାଣ୍ଡହେଲେ ଚେତିବେ ?

ଭୁବନେଶ୍ୱର, ୧୨।୮ (ସମିସ)

ରାଜଧାନୀରେ ମାତିଛନ୍ତି ଜମି ମାଫିଆ। ବିଶେଷକରି ଭୁବନେଶ୍ୱର ଉପକଣ୍ଠସ୍ଥ ମଳିପଡ଼ା ଓ ଶ୍ୟାମପୁର ମୌଜାରେ ସକ୍ରିୟ ହୋଇଛନ୍ତି ଦୁଇଟି ଗୋଷ୍ଠୀ ମାଫିଆ। ରାତାରାତି ସରକାରୀ ଜମିକୁ ମାଡ଼ିବସି ଶାଗ ମାଛ ଦରରେ ବିକ୍ରି କରି ଦେଉଛନ୍ତି। କେବଳ ସରକାରୀ ନୁହେଁ, ବେସରକାରୀ ଜମିକୁ ମଧ ଛାଡୁ ନାହାନ୍ତି ମାଫିଆ। ଆଉ ଏହି ଜମି ଦଖଲରୁ ହିଁ ଆରମ୍ଭ ହେଉଛି ଗଣ୍ଡଗୋଳର ସୂତ୍ରପାତ। ଅନେକ ସମୟରେ ଦୁଇ ଗୋଷ୍ଠୀ ହାତାହାତି ହେଉଥିବା ବେଳେ ଗୁଳି ଓ ବୋମା ବର୍ଷଣ ହେଉଛି। କେତେବେଳେ ଗୋଡ଼ରେ ଗୁଳି ବାଜୁଛି ତ କେତେବେଳେ କେହି ବୋମାମାଡ଼ କରୁଛି। ସରକାରୀ ଜମିକୁ ନେଇ ବାରମ୍ବାର ଏଭଳି କାଣ୍ଡ ଘଟୁଥିଲେ ମଧ ପୁଲିସ କେବଳ ମାମଲା ରୁଜୁ କରି ଗିରଫ କରୁଛି। ହେଲେ ଅଭିଯୁକ୍ତମାନେ ଜାମିନରେ ଆସି ପୁଣି ସମାନ କାଣ୍ଡ ଘଟାଉଛନ୍ତି। କେବଳ ପୁଲିସ ନୁହଁ, ବଟ୍ଟ ତହସିଲ, ବିଡିଏ ଓ ଜିଏ କର୍ତ୍ତୃପକ୍ଷ ମଧ ହାତ ଟେକି ଦେଇଛନ୍ତି। ସରକାରୀ ଜମିକୁ ଅକ୍ତିଆର କରିବା ପରିବର୍ତ୍ତେ ଖୋଲା ଛାଡ଼ି ଦେଇଛନ୍ତି। ଫଳରେ ମାଫିଆମାନେ ମନଇଚ୍ଛା ପାଚେରି କରି ପ୍ଲଟିଂ କରୁଛନ୍ତି। ପ୍ରଶାସନର ନୀରବତା ପାଇଁ ତିଳକା ବାବା ଆଦିବାସୀ କଲୋନୀ ଭଳି ବସ୍ତି ରାତାରାତି ଗଢ଼ି ଉଠିଲା।

ସରକାରୀ ଜମି ବିକ୍ରି ସେହି ଅଞ୍ଚଳର ସାଧାରଣ ଲୋକଙ୍କ ଜୀବନକୁ ବିପନ୍ନ କରିଦେଇଛି। ଜମି ଜବରଦଖଲକୁ ନେଇ ଅନ୍ଧାରୁଆ ଓ ଭରତପୁର ବଜରଙ୍ଗୀ କ୍ଲବର ସଦସ୍ୟମାନେ ବାରମ୍ବାର ମୁହାଁମୁହିଁ ହେଉଛନ୍ତି। ଗତ ମାର୍ଚ୍ଚ ମାସ ୯ ତାରିଖ ଦିନ ଭରତପୁର ବଜରଙ୍ଗୀ କ୍ଲବର ରାଜା ଓ ଅନ୍ୟ ସଦସ୍ୟମାନେ ଶ୍ୟାମପୁର ସଙ୍ଘର୍ଷ ବିହାର ଠାରେ ବସିଥିବା ବେଳେ ଅନ୍ଧାରୁଆର କିଛି ଯୁବକ ଆସି ଗୁଳିମାଡ଼ କରିଥିଲେ। ରାଜାର ଜଙ୍ଘରେ ଗୁଳି ବାଜି ସେ ଗୁରୁତର ହୋଇଥିଲା। ଇଏ ଗୋଟିଏ ଘଟଣା ନୁହଁ, ଗତ ରବିବାର ମଧ ଏହାର ପୁନରାବୃତ୍ତି ଘଟିଛି। ଲିଜ ରଦ୍ଦ ହୋଇଥିବା ଏକ ଜମିରେ ଅନ୍ଧାରୁଆ ପିଲା ପାଚେରି ନିର୍ମାଣ କରୁଥିଲେ। ସେହି ସମୟରେ ବଜରଙ୍ଗୀ କ୍ଲବର ସଦସ୍ୟମାନେ ଆସି ବୋମାମାଡ଼ କରିବା ସହ ଗାଡ଼ିଗୁଡ଼ିକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହାର କିଛି ସମୟ ପରେ ଅନ୍ଧାରୁଆ ପିଲାମାନେ ଏକାଠି ହୋଇ ବଜରଙ୍ଗୀ କ୍ଲବ ସଦସ୍ୟଙ୍କ ୩ଟି ଗାଡ଼ି ଜାଳି ଦେଇଥିଲେ। ଏଇ ସବୁ ଘଟଣା ବାରମ୍ବାର ଘଟୁଥିଲେ ମଧ ଆଖି ଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଛୋଟମୋଟ ଗଣ୍ଡଗୋଳ ଗ୍ୟାଙ୍ଗ ୱାର ଆଡ଼କୁ ମୁହାଁ ହେଉଛି।

ଶ୍ୟାମପୁର, ମଳିପଡ଼ା ଓ ଦାସପୁର ମୌଜାରେ ମଝିରେ ରହିଛି ଶହ ଶହ ଏକର ସରକାରୀ ଜମି। ସନ୍ଥ ବିନୋବା ଭାବେଙ୍କ ଭୂଦାନ ଜମି ମଧ ରହିଛି। ହେଲେ ତାହା ଆବଦ୍ଧ କରାଯାଇନଥିବାରୁ ମାଫିଆମାନେ ତାକୁ ରାତାରାତି ଦଖଲକୁ ନେଇ ଯାଉଛନ୍ତି। ଯୋଉଠି ରାଜଧାନୀରେ ଜମି ଦର ଆକାଶଛୁଆଁ, ସେଠି ଶସ୍ତାରେ ଜମି ଯୋଗାଉଛନ୍ତି ମାଫିଆ। ୩୦ ଫୁଟ ଲମ୍ବ ଓ ୨୦ ଫୁଟ ଓସାରର ପ୍ଲଟ୍ ବା ୬୦୦ ବର୍ଗଫୁଟର ଜମିକୁ ୬୦ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। କେବଳ ନଗଦ ନୁହଁ, କିସ୍ତିରେ ମଧ ଜମି ବିକୁଛନ୍ତି ମାଫିଆ। ଖାଲି ବିକ୍ରି କରୁନାହାନ୍ତି, ବଟ୍ଟ ନିଅଁ ଖୋଳିବା ଠାରୁ ଆରମ୍ଭ କରି ଆଜବେଷ୍ଟସ ପଡ଼ିବା ଯାଏଁ, ସବୁ ପ୍ରକାର ସୁରକ୍ଷା ଯୋଗାଇ ଦେଉଛନ୍ତି। ଏତେ ସବୁ ସୁବିଧା ମିଳୁଥିବାରୁ ଅନ୍ୟ ଜିଲ୍ଲାର ବିଭିନ୍ନ ଲୋକମାନେ କମ୍ ଦରରେ ସରକାରୀ ଜମି କିଣୁଛନ୍ତି।

ଆଜିକାଲି ନୁହଁ ଦୀର୍ଘ ଦୁଇ ବର୍ଷ ହେବ ମାଫିଆମାନେ ସମ୍ପୃକ୍ତ ଅଞ୍ଚଳକୁ କବଜାରେ ରଖିଛନ୍ତି। କେବଳ ଜିଏ, ବିଡିଏ ଜମି ନୁହେଁ, ବଟ୍ଟ ଜଙ୍ଗଲ ଜମି ମଧ ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ପଡ଼ିନାହିଁ। ଛୋଟ ଜଙ୍ଗଲ କିସମର ଜମିରୁ ହଜାର ହଜାର ଗଛ କାଟି ସଫା କରି ଦେଇଛନ୍ତି। ଏହାପରେ ମାପଚୁପ କରି ପ୍ଲଟିଂ କରି ବିକ୍ରି କରୁଛନ୍ତି। ଶହ ଶହ ଏକର ଜଙ୍ଗଲ ଜମି ବିକ୍ରି ହେଉଥିଲେ ମଧ ଏଯାଏଁ ସେଠାରେ ଜଙ୍ଗଲ ବିଭାଗର ପାଦ ପଡ଼ିନାହିଁ। ଗତ ଦୁଇ ବର୍ଷ ଭିତରେ ପ୍ରାୟ ୫୦ ଏକରରୁ ଅଧିକ ଜମି ବିକ୍ରି କରି ସାରିଲେଣି ମାଫିଆ।

ଶ୍ୟାମପୁର, ଦାସପୁର ଓ ପଣ୍ଡାକୁଦିଆକୁ ଲାଗି ଅନେକ ଲିଜ୍ ଓ ବେସରକାରୀ ଜମି ରହିଛି। କିଏ ୨୦ ବର୍ଷ ହେବ କିଣିଛି ତ ଆଉ କେହି ୫୦ ବର୍ଷ ପୂର୍ବେ ଜମି କିଣିଛନ୍ତି। କିଛି ବେସରକାରୀ ଜମି ସ୍ଥାନୀୟ ଲୋକଙ୍କ ମାଲିକାନାରେ ରହିଥିବାବେଳେ ଆଉ କିଛି ବାହାର ଲୋକ ମଧ ସେହି ଅଞ୍ଚଳରେ ବେସରକାରୀ ଜମି କିଣିଛନ୍ତି। ସେଥିମଧ୍ୟରୁ କେତେକ ଜମିରେ ଘର ନିର୍ମାଣ ହୋଇଥିବାବେଳେ ଅନେକ ବେସରକାରୀ ଜମି ଖାଲି ପଡ଼ିଛି। ବେସରକାରୀ ଜମି କିଣିଥିବା ମାଲିକମାନେ ନିଜ ନିଜର ପ୍ଲଟକୁ ପାଚେରି କରି ଦଖଲରେ ରଖିବା ସହିତ ଖଜଣା ମଧ ଦେଉଛନ୍ତି। ରାଜଧାନୀ ବାହାରର ଅନେକ ଲୋକ ସେହି ଅଞ୍ଚଳରେ ଜମି କିଣିଥିବାରୁ ମାଫିଆଙ୍କୁ ସହଜ ହେଉଛି। କେବଳ ସରକାରୀ ନୁହେଁ ତାକୁ ଲାଗିକରି ରହିଥିବା ବେସରକାରୀ ଜମିର ପାଚେରିକୁ ଭାଙ୍ଗି ଦେଉଛନ୍ତି। କେଇ ଘଣ୍ଟା ମଧରେ ବେସରକାରୀ ଜମିକୁ ସରକାରୀ ଜମିରେ ମିଶାଇ ଦେଉଛନ୍ତି। ସରକାରୀ ଓ ବେସରକାରୀ ଜମିରେ ରାତାରାତି ଘର ନିର୍ମାଣ କରି ସହଜରେ ଜବରଦଖଲ କରି ନେଉଛନ୍ତି।

- ୬୦୦ ବର୍ଗଫୁଟକୁ ୬୦ ହଜାର
- ବାଦ୍ ପଡୁନି ଜଙ୍ଗଲ ଜମି
- ସୁହାଉଛି ମାଲିକଙ୍କ ଅନୁପସ୍ଥିତି



## ଶ୍ୟାମପୁର ବୋମାମାଡ଼ ଘଟଣାରେ ୩ ଗିରଫ




ଭୁବନେଶ୍ୱର, ୧୨।୮ (ସମିସ): ଜମି ଦଖଲକୁ ନେଇ ଶ୍ୟାମପୁର ଅଞ୍ଚଳରେ ହୋଇଥିବା ବୋମାମାଡ଼ ଘଟଣାରେ ଉଭୟ ପକ୍ଷରୁ ୩ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଣ୍ଡାକୁଦିଆର ପ୍ରଫୁଲ୍ଲ ଦାସ ଓରଫ୍ କାବୁଲି (୩୫), ଅନ୍ଧାରୁଆର ଅମୀୟ ପ୍ରସାଦ ଛୋଟରାୟ ଓରଫ୍ ସିବୁନା (୩୬) ଓ ଭରତପୁରରେ ରହୁଥିବା ବିଜୟ କୁମାର ନାୟକ (୫୦)।

ପୁଲିସ ସୂଚନା ଅନୁସାରେ, ଗତ ରବିବାର ଅନ୍ଧାରୁଆର ଆକାଶ ରାୟ, ସିବୁନା, ବିଜୟ ଓ ଅନ୍ୟ ସହଯୋଗୀମାନେ ମିଶି ଭୂଦାନ ଅଞ୍ଚଳର ଏକ ବେସରକାରୀ ଜମିରେ ପାଚେରି ନିର୍ମାଣ କରୁଥିଲେ। ସେହି ସମୟରେ ବଜରଙ୍ଗୀ କ୍ଲବର ଅନିଲ, ସୁନିଲ, କରୁଣା, ଆଶୁତୋଷ ପାଢ଼ୀ, ଅଜୁ, କାବୁଲି, ରାଜା ସମେତ ୨୦ ଜଣ ସହଯୋଗୀ ଖଣ୍ଡା, କଟୁରି ବୁଲାଇ ଆତଙ୍କ ଖେଳାଇବା ସହ ବୋମାମାଡ଼ କରିଥିଲେ। ଫଳରେ ଆକାଶ ଓ ସହଯୋଗୀମାନେ ମୋଟରସାଇକେଲ ଛାଡ଼ି ପ୍ରାଣ ବଞ୍ଚାଇବା ପାଇଁ ଜଙ୍ଗଲକୁ ପଳାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ୪ଟି ବାଇକ୍ ଭଙ୍ଗାରୁଜା କରିଥିଲେ। ଏହାର କିଛି ସମୟ ପରେ ସିବୁନା, ବିଜୟ ଓ ଅନ୍ୟମାନେ ମିଶି ବଜରଙ୍ଗୀ କ୍ଲବର ସଦସ୍ୟଙ୍କ ବାଇକ୍ ପୋଡ଼ି ଦେଇଥିଲେ। ସେହି ରାସ୍ତାରେ ମାଆଙ୍କୁ ନେଇ ଯାଉଥିବା ମନୁଆ ଦାସଙ୍କ ବାଇକକୁ ମଧ ଜାଳି ଦେଇଥିଲେ। ଏନେଇ ଆକାଶ ଓ ମନୁଆ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁଇଟି ମାମଲା ରୁଜୁ କରିଥିଲା। ଆଜି କାବୁଲି, ସିବୁନା ଓ ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୪ ବ୍ରାଉନ୍‌ସୁଗର ବେପାରୀ ଗିରଫ



ଭୁବନେଶ୍ୱର, ୧୨।୮ (ସମିସ): ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ମମତାଜ୍ ଅଲ୍ଲୀ ହାଇସ୍କୁଲ ନିକଟରେ ରହୁଥିବା ଏମଡି ଜାୱେଦ ଓରଫ୍ ଲାଡେନ (୩୦), ଏସକେ ଅଜୁ (୧୯), ଯଦୁପୁରର ଏସକେ ରାଜୁ (୨୫) ଓ ଶିଖରଚଣ୍ଡୀ ନଗରର ମଣିରୁଲ ମାଲିଦା ଓରଫ୍ ମଣି (୨୮)।

ପୁଲିସ ସୂଚନା ଅନୁସାରେ, ସରକନ୍ତରା ଖଣ୍ଡୁଆଳ ମନ୍ଦିର ନିକଟରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଖଣ୍ଡଗିରି ଥାନା ପୁଲିସ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରି ଲାଡେନ, ଅଜୁ, ରାଜୁ ଓ ମଣିକୁ ଗିରଫ କରିଥିଲା। ଯାଞ୍ଚ ବେଳେ ସେମାନଙ୍କ ଠାରୁ ୫ ଗ୍ରାମ ଲେଖାଏଁ ବ୍ରାଉନସୁଗର ଜବତ ହୋଇଥିଲା। ମୋଟ ୨୦ ଗ୍ରାମ ତଥା ୨ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଥିଲା ପୁଲିସ। ଅଭିଯୁକ୍ତମାନେ ବାଲେଶ୍ୱରରୁ ବ୍ରାଉନସୁଗର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି।

## ନିବେଶ ଆଳରେ ଦେଢ଼ କୋଟି ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୧୨।୮ (ସମିସ): ଅଧିକ ଲାଭର ଲୋଭ ଦେଖାଇ ଦେଢ଼ କୋଟି ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବିଜେବି ନଗରରେ ରହୁଥିବା ଅବିନାଶ ସାହୁ ଓରଫ୍ ବୁଲୁ (୪୫)।

ପୁଲିସ ସୂଚନା ଅନୁସାରେ, ୨୦୨୨ ମସିହା ଫେବୃଆରୀ ମାସରେ ଅଭିଯୋଗକାରୀ ସୁମନ ସ୍ୱାଇଁ ମଧ୍ୟସ୍ଥି ଜତିନ ସାହୁଙ୍କ ମାଧ୍ୟମରେ ଲ୍ୟାଣ୍ଡସ୍କେପ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ସହିତ ଏକ ଚୁକ୍ତି କରିଥିଲେ। ଅବିନାଶ ସାହୁଙ୍କ ପତ୍ନୀ ଶିଳ୍ପା ମିଶ୍ର ତତ୍କାଳୀନ ନିର୍ଦ୍ଦେଶକ ଥିଲେ। ମାସକୁ ୭.୫ ଲକ୍ଷ ଓ ୨୦ ପ୍ରତିଶତ ଲାଭର ଲୋଭ ଦେଖାଇଥିଲେ ଦେଢ଼ କୋଟି ଟଙ୍କା ନିବେଶ କରିବାକୁ କହିଥିଲେ। ଲୋଭନୀୟ ଅଫରରେ ଫସି ଯାଇଥିଲେ ସୁମନ୍ତ। ଦେଢ଼ କୋଟି ଟଙ୍କା ନିବେଶ କରିବା ସହ ଅତିରିକ୍ତ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଥିଲେ। ଏଥିସହିତ ଚୁକ୍ତିନାମା ସମୟରେ ଜତିନ୍ ସାହୁ ନଗଦ ୫ ଲକ୍ଷ ଟଙ୍କା ନେଇଥିଲେ।

ହେଲେ ସୁମନ୍ତଙ୍କୁ ଟଙ୍କାଟିଏ ନଦେଇ ଓଲଟି ଦାୟିତ୍ୱ ମୁକ୍ତ କରିଥିଲା। ଏନେଇ ସୁମନ୍ତ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶିଳ୍ପା ମିଶ୍ର ଲ୍ୟାଣ୍ଡସ୍କେପ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡର ଅଫିସିଆଲ୍ ନିର୍ଦ୍ଦେଶକ ଥିଲେ ମଧ ତାଙ୍କ ସ୍ୱାମୀ ଅବିନାଶ ସାହୁ କମ୍ପାନୀର ପରିଚାଳନା କରୁଥିଲେ ବୋଲି ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା। ଆଜି ପୁଲିସ ଅବିନାଶକୁ ଗିରଫ କରିଥିଲା। ସୁମନ୍ତଙ୍କ ଠାରୁ ଶିଳ୍ପା ମିଶ୍ରଙ୍କ ସ୍ୱାକ୍ଷରିତ ୭୫ ଲକ୍ଷ ଟଙ୍କାର ଦୁଇଟି ଚେକ୍ ଜବତ କରିଥିଲା।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ୫୦ ଲକ୍ଷର ଚୂନ

ଭୁବନେଶ୍ୱର,୧୨।୮ (ସମିସ):ଅଧିକରିଟର୍ଣ୍ଣରଲୋଭଦେଖାଇଅବସରପ୍ରାପ୍ତସେନା ଅଧିକାରୀଙ୍କ ଠାରୁ ୫୦ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଏସକେ ମୁସ୍ତାକୁଦ୍ଦିନ (୫୦)।

ପୁଲିସ ସୂଚନା ଅନୁସାରେ, କଟକ ଓଡ଼ିଆ ବଜାରର ମୁସ୍ତାକୁଦ୍ଦିନ ୟୁନିଟ୍ ୧ ଓ ୟୁନିଟ୍ ୪ ଅଞ୍ଚଳରେ ମଟନ ବ୍ୟବସାୟ କରେ। ଅବସରପ୍ରାପ୍ତ ସେନା ଅଧିକାରୀ ବାସେନ୍ଦ୍ର କହଁର ତାଙ୍କ ବନ୍ଧୁ ତଥା ଅବସରପ୍ରାପ୍ତ ସେନା ଅଧିକାରୀ ହେମନ୍ତ କୁମାର ସାହୁଙ୍କ ମାଧ୍ୟମରେ ମୁସ୍ତାକୁଦ୍ଦିନ ସଂସ୍ପର୍ଶରେ ଆସିଥିଲେ। ମୁସ୍ତାକୁଦ୍ଦିନ ବିଭିନ୍ନ ବ୍ୟବସାୟରେ ନିବେଶ କରିବା ପାଇଁ କିଛି କିଛି ଟଙ୍କା ନେଉଥିଲା ଓ କିଛି ଲାଭାଂଶ ସହ ଫେରାଇ ଦେଉଥିଲା। ଫଳରେ ବାସେନ୍ଦ୍ର ତାକୁ ବିଶ୍ୱାସ କରୁଥିଲେ। ମୁସ୍ତାକୁଦ୍ଦିନ ସାକ୍ଷୀମାନଙ୍କ ଉପସ୍ଥିତିରେ ବାସେନ୍ଦ୍ରଙ୍କ ଠାରୁ ୫୦ ଲକ୍ଷ ଟଙ୍କା ନେଇଥିଲା। ୫ ମାସ ମଧରେ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ପରବର୍ତ୍ତୀ ସମୟରେ ଫୋନ ଉଠାଇ ନ ଥିଲା। ଏନେଇ ବାସେନ୍ଦ୍ର ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା।

ମୁସ୍ତାକୁଦ୍ଦିନ ୫୦ ଲକ୍ଷ ମଧ୍ୟରୁ ମାତ୍ର ୩ ଲକ୍ଷ ୯୦ ହଜାର ଟଙ୍କା ଫେରସ୍ତ କରିଥିଲା। ଆଜି ପୁଲିସ ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରୁ ମୁସ୍ତାକୁଦ୍ଦିନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**● ପାତ୍ରପଡ଼ା ଦୁର୍ଘଟଣାରେ ମା-ଝିଅଙ୍କ ମୃତ୍ୟୁ**

## ବାତିଲ୍ ହେବ ଥାର୍ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ

ଭୁବନେଶ୍ୱର, ୧୨।୮ (ସମିସ): ପାତ୍ରପଡ଼ା ଭି-୨ ନିକଟରେ ମାଆ ଓ ଝିଅଙ୍କ ମୃତ୍ୟୁ ଘଟଣାରେ ଥାର୍ ଗାଡ଼ି ଜବତ ହୋଇଥିଲେ ମଧ ଚାଳକ କି ମାଲିକ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ଏହାରି ଭିତରେ ଗାଡ଼ି ମାଲିକ ସୋମନାଥ ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଉ ପାଦେ ଆଗେଇଛି। ତାଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ୍ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)-୨ ସନତ କୁମାର ଜେନା କହିଛନ୍ତି। ଥାର୍ ଗାଡ଼ି ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବାରୁ ପରିବହନ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ୩ ମାସରୁ ୬ ମାସ ପର୍ଯ୍ୟନ୍ତ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ନିଲମ୍ବନ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି। ସେପଟେ ଦୁର୍ଘଟଣାକୁ ୪ ଦିନ ବିତି ଯାଇଥିଲେ ମଧ ପୁଲିସ ଏପର୍ଯ୍ୟନ୍ତ କାର ଚାଳକକୁ ଗିରଫ କରି ପାରିନାହିଁ।

ଗୃହରକ୍ଷୀ ଡ୍ରାଇଭର ଭାବେ କାମ କରୁଥିବା ଜଙ୍କିଆ ଅଞ୍ଚଳର ମାନସ କୁମାର ରାଉଳ ଫୁଲେଶ୍ୱରୀ ବସ୍ତିରେ ରୁହନ୍ତି। ଗତ ଶନିବାର ଦିନ ତାଙ୍କ ପତ୍ନୀ ରେବତୀ, ଝିଅ ରେଶମା ଓ ପୁଅ ମାହି ରାକ୍ଷୀ ବାନ୍ଧିବାକୁ ପଟିଆ ଯାଇଥିଲେ। ସେଠାରୁ ଫେରି ପାତ୍ରପଡ଼ା ଭି-୨ ନିକଟରେ ରାସ୍ତା ପାର୍ ହେଉଥିବା ବେଳେ ଏକ ଥାର୍ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୮ ବର୍ଷୀୟା ରେଶମାର ମୃତ୍ୟୁ ଘଟିଥିବା ବେଳେ ମାଆ ଓ ପୁଅକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗତକାଲି ସକାଳୁ ରେବତୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

### ଅଭିନବ ଉପାୟରେ ବଢୁଛି ଠକେଇ

# ଗ୍ରାହକସେବା କେନ୍ଦ୍ର ଉପରେ ସାଇବର୍ ଠକଙ୍କ ନଜର

ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ସାଇବର୍ ଠକେଇ ନେଇ ପ୍ରତିଦିନ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି। ବିଭିନ୍ନ ଗଣମାଧ୍ୟମରେ ମଧ ଏ ନେଇ ଖବର ପ୍ରକାଶ ପାଉଛି। ଏସବୁ ସତ୍ତ୍ୱେ ଠକେଇ କମିବା ବଦଳରେ ବଢ଼ି ବଢ଼ି ଚାଲିଛି। ସାଇବର୍ ଠକମାନେ ଏବେ ଭୁବନେଶ୍ୱର, କଟକ, ରାଉରକେଲା ଭଳି ବଡ଼ବଡ଼ ସ୍ମାର୍ଟ ସିଟି ଅପେକ୍ଷା କୋରାପୁଟର ଗ୍ରାମାଞ୍ଚଳକୁ ଠକେଇର କ୍ଷେତ୍ର ଭାବେ ବାଛି ନେଇଛନ୍ତି। ବିଶେଷକରି ସେଠାକାର ନିରୀହ ଲୋକ ଓ ଗ୍ରାହକସେବା କେନ୍ଦ୍ରକୁ ମୋହରା କରି ଲକ୍ଷ ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର୍ ଠକ। ଗତ ସପ୍ତାହରେ କୋରାପୁଟ ଜିଲ୍ଲାରୁ ଏଭଳି ୬ଟି ଗ୍ରାହକ ସେବା କେନ୍ଦ୍ରକୁ ଠାବ କରାଯାଇଥିଲା। ଯେଉଁଠାରେ ସାଇବର୍ ଠକମାନେ ଅଭିନବ ଉପାୟରେ ଗ୍ରାହକସେବା କେନ୍ଦ୍ରକୁ ମୋହରା କରି ପ୍ରାୟ ୩ ଲକ୍ଷ ୩୮ ହଜାର ଟଙ୍କା ଠକିଥିବା ଜଣାପଡ଼ିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ଠକମାନେ ବିଭିନ୍ନ ସେବାକେନ୍ଦ୍ରକୁ ଯାଇ ମେଡିକାଲ୍ ମାମଲାରେ ଜରୁରୀ ଟଙ୍କା ଆବଶ୍ୟକ ବୋଲି କହୁଥିଲେ। ଏଥିପାଇଁ ଗ୍ରାହକ ସେବା କେନ୍ଦ୍ରର କ୍ୟୁଆର୍ କୋଡ୍‌କୁ ଫଟୋ ଉଠାଇ ମାଷ୍ଟରମାଇଣ୍ଡ ଠକଙ୍କ ପାଖକୁ ପଠାଉଥିଲେ। ମାଷ୍ଟରମାଇଣ୍ଡ ଏବଂ ଲୋକଙ୍କଠାରୁ ଠକୁଥିବା ଟଙ୍କାକୁ ଗ୍ରାହକ ସେବା କେନ୍ଦ୍ର ମାଲିକଙ୍କ ଆକାଉଣ୍ଟକୁ ଆସୁଥିଲା ଏବଂ ଜରୁରୀ ଆବଶ୍ୟକତା ରହିଛି କହି ସେହି ଟଙ୍କାକୁ ନେଉଥିଲେ।

ସେହିଭଳି ରାଜଧାନୀ ସମେତ ରାଜ୍ୟର ଛୋଟମୋଟ ସହରର ଅଭିନବ ଉପାୟରେ କୋଟି କୋଟି ଟଙ୍କା ଠକି ନେଉଛନ୍ତି ସାଇବର୍ ଠକ। ବିଭିନ୍ନ ଦୋକାନକୁ ଯାଇ ପ୍ରଥମେ ଜିନିଷ ମାର୍କେଟିଂ କରୁଛନ୍ତି। ସେ ସହି ଯେତିକି ଟଙ୍କାର ମାର୍କେଟିଂ କରୁଛନ୍ତି ଅନୁଯାୟୀ ନିଜ ମୋବାଇଲରେ ପୂର୍ବରୁ ସ୍କ୍ରିନ୍‌ସର୍ଟ କରି ରଖୁଛନ୍ତି। ଜିନିଷ କିଣିବା ପରେ ମୋବାଇଲ୍‌ର ସ୍କିନ୍‌ସର୍ଟକୁ ଦେଖାଇ ଖସି ଯାଉଛନ୍ତି। ଏହିଭଳି ରାଜଧାନୀର ଏକ ମଲ୍‌ରୁ ଗତ କିଛିଦିନ ତଳେ ଠକେଇ ହୋଇଥିବା ଜଣାପଡ଼ିଥିବା ବେଳେ ବାସନ ଦୋକାନରୁ ମଧ ସମାନ ଧରରଣ ଠକେଇ ହୋଇଥିଲା।

ଏବେ ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଛି। ବିଭିନ୍ନ ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ଅଫର୍ ବ୍ୟବସ୍ଥା ରହିଛି। ଏସବୁ ଅଫର୍‌କୁ ଦୃଷ୍ଟିରେ ରଖି ସାଇବର୍ ଠକମାନେ ଅଭିନବ ଉପାୟରେ ଠକେଇ ଆରମ୍ଭ କରିଥାନ୍ତି। ବିଶେଷକରି ଏବେଠାରୁ ଲୋକଙ୍କୁ ବିଭିନ୍ନ ଅଫର୍ ପ୍ରଲୋଭନ ଦେଖାଉଛନ୍ତି। ସେହି ଅନୁଯାୟୀ ଖାଇବା ସାମଗ୍ରୀ ଯୋଗାଇବାଠାରୁ ଆରମ୍ଭ କରି କମ୍ ଦାମ୍‌ରେ ପୋଷାକ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇବାର ପ୍ରଲୋଭନ ଦେଖାଉଛନ୍ତି। ଏଥିପାଇଁ ୟୁପିଆଇ ପେମେଣ୍ଟର ବାହାନା ଦେଖାଇ ଆକାଉଣ୍ଟ ଖାଲି କରିବାର ବହୁ ନଜିର୍ ରହିଛି।

ଏହିଭଳି ଏବେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦୈନିକ ୧୩୦ ଜଣଙ୍କୁ ସାଇବର୍ ଠକମାନେ ଠକେଇ କରୁଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ ମିଳିଥିବା ରିପୋର୍ଟ ମୁତାବକ ଗତ ୪୫ ଦିନ ମଧ୍ୟରେ ୪୬ କୋଟି ଟଙ୍କା ଠକି ନେଇଛନ୍ତି ଏହି ଅଦୃଶ୍ୟ ଠକ। ସେହିପରି ଗତ ସାଢେ ୬ ମାସ ମଧ୍ୟରେ ସାଇବର୍ ଠକମାନେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୯୦ କୋଟି ଟଙ୍କା ଉଡ଼ାଇ ନେଇଛନ୍ତି।

ଏ ନେଇ ବାରମ୍ବାର ସଚେତନତା ସତ୍ତ୍ୱେ ସାଇବର ଠକମାନେ ଭିନ୍ନଭିନ୍ନ ଉପାୟରେ ଠକେଇର ଜାଲ ବିଛାଉଛନ୍ତି। ମୋଟାମୋଟି ବିଚାର କଲେ ପୁଲିସ ଡାଳେଡାଳେ ଗଲେ ସାଇବର ଠକ ପତ୍ରେପତ୍ରେ ଯାଉଛନ୍ତି। ଗୋଟି ଚାଳନା ଆଗରେ ପୁଲିସର ରଣନୀତି ଏକପ୍ରକାର ଫେଲ୍ ମାରୁଛି। ଫଳରେ ରାଜ୍ୟରେ ସାଇବର ଠକେଇ ବଢୁଥିବା ବେଳେ ଗିରଫଦାରୀ ଓ ଟଙ୍କା ଜବତ ହାର ଆଖିଦୃଶିଆ ହେଉନାହିଁ। ଅପରପକ୍ଷେ ଗତ ସାଢେ ୬ ମାସ ମଧ୍ୟରେ ରାଜ୍ୟରୁ ପ୍ରାୟ ୧୯୦ କୋଟି ଟଙ୍କା ଠକେଇ ହୋଇଛି। ଚଳିତବର୍ଷ ଜାନୁୟାରୀରୁ ଜୁଲାଇ ୧୫ ତାରିଖ ମଧ୍ୟରେ ରାଜ୍ୟର ପ୍ରାୟ ୨୫ ହଜାର ଲୋକ ସାଇବର ଠକଙ୍କ ଠକେଇର ଶିକାର ହୋଇଛନ୍ତି। ଅଦୃଶ୍ୟ ଠକ ଗତ ସାଢ଼େ ୬ ମାସ ମଧ୍ୟରେ ୨୫ ହଜାର ୬୨୧ ଲୋକଙ୍କ ଠାରୁ ୧୯୦ କୋଟି ଟଙ୍କା ଠକି ନେଇଛନ୍ତି। ଯଦି ଏଇ ତଥ୍ୟକୁ ହିସାବକୁ ନିଆଯାଏ, ତେବେ ସାଇବର ଠକମାନେ ପ୍ରତିଦିନ ରାଜ୍ୟରୁ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟୁଥିବା କଥା ସ୍ପଷ୍ଟ ହୋଇଛି। ଆଉ ପ୍ରତିଦିନ ପ୍ରାୟ ୧୩୦ରୁ ଅଧିକ ଲୋକ ଠକେଇର ଶିକାର ହେଉଛନ୍ତି। ହେଲେ ସେଥିମଧ୍ୟରୁ ପୁଲିସ ମାତ୍ର ୨୧ କୋଟି ଟଙ୍କା ହୋଲ୍ଡ (ଫ୍ରିଜ୍) କରିଛି। ହେଲେ ତାହା ମୋଟ ଠକେଇ ହୋଇଥିବା ଟଙ୍କାର ୧୧ ପ୍ରତିଶତ।

**ଆକର୍ଷଣୀୟ ଅଫର୍ ଲୋଭ ଦେଖାଇ ଲୁଟୁଛନ୍ତି ଲୁଟେରା**

**ଉପକଣ୍ଠ ଏବଂ ଛୋଟ ସହର ଉପରେ ଲୁଟେରାଙ୍କ ଟାର୍ଗେଟ**



## ନକଲି ସିଲେଇ ମେସିନ୍ ଜବତ

ଭୁବନେଶ୍ୱର, ୧୨।୮ (ସମିସ): ରାଜଧାନୀରୁ ଠାବ ହୋଇଛି ନକଲି ସିଲେଇ ମେସିନ୍। ଉଷା କମ୍ପାନୀର ଏକାଧିକ ସିଲେଇ ମେସିନ୍ ଜବତ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ପୁଲିସ ସୂଚନା ଅନୁସାରେ, ବାପୁଜୀ ନଗରର ଜଣେ ବ୍ୟବସାୟୀ ଲୁଧିଆନାରୁ ଉଷା କମ୍ପାନୀର ସିଲେଇ ମେସିନ୍ ମଗାଇଥିଲେ। ହେଲେ ସେଗୁଡ଼ିକ ନକଲି ବୋଲି ଉଷା କମ୍ପାନୀର ସ୍ଥାନୀୟ ଅଧିକାରୀ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟ କମ୍ପାନୀର ସିଲେଇ ମେସିନରେ ଉଷା କମ୍ପାନୀର ଲୋଗୋ ଲଗାଯାଇ ବିକ୍ରି କରାଯାଉଥିବା ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ମଞ୍ଚେଶ୍ୱରସ୍ଥିତ ଏକ ଟ୍ରାନ୍ସପୋର୍ଟ କମ୍ପାନୀରେ ଚଢ଼ଉ କରିଥିଲା ପୁଲିସ। ସେଠାରୁ ୮ଟି ସିଲେଇ ମେସିନ୍ ଜବତ କରିଛି। ସେଗୁଡ଼ିକ ଅସଲି କି ନକଲି ଜାଣିବା ପାଇଁ ଯାଞ୍ଚ କରିବା ସହ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯିବା ବୋଲି ପୁଲିସ କହିଛି।


**THE BISRA STONE LIME COMPANY LTD.**

CIN: L14100OR1910GOI033904

Regd. Office :Plot No:255, Pristine Green, Pokhariput, Bhubaneswar-751020.

**Statement of Financial Results For the Quarter Ended 30th June 2025**

(Rs.in Lakhs)

| Sl. No. | Particulars | Quarter Ended 30.06.2025 (Reviewed) | Quarter Ended 30.06.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 2362.05 | 1248.11 | 6260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 415.91 | 336.55 | 6260.56 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 415.91 | 336.55 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 276.53 | 246.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 276.53 | 246.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,903.76) | (21,427.19) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.32 | 0.28 | 0.50 |
| | (ii) Diluted | 0.32 | 0.28 | 0.50 |

1. The above results of the Company were approved by the Board of Directors at their respective meetings held on 11.08.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Bengaluru
Date: 11th August, 2025



ପୃଥିବୀ ଏକ ବ୍ୟାୟାମଶାଳା, ଯାହାର ବିଭିନ୍ନ ଉପାଦାନକୁ ଉପଯୋଗ କରି ଆମେ ନିଜକୁ ଦକ୍ଷ ଓ ଶକ୍ତ କରିପାରିବା।
-ବିବେକାନନ୍ଦ

ସକାଳ
THE SAKALA

# ବାଡ଼ ଯଦି କ୍ଷେତ ଖାଏ

ସ୍ୱାଧୀନତାର ୭୮ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତରେ ଏକ ଅଭାବନୀୟ ଓ ଉଦ୍‌ବେଗଜନକ ଘଟଣା ଘଟିଛି, ଯେଉଁଥିରେ ପ୍ରାୟ ୩୦୦ ସାଂସଦ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳାଧାର ହେଉଛି ନିର୍ବାଚନ। ଏହି ପ୍ରକ୍ରିୟା ଯେତେ ସ୍ୱଚ୍ଛ, ନିରପେକ୍ଷ ଓ ଅବାଧ ହେବ ସାମ୍ବିଧାନିକ ମୂଲ୍ୟବୋଧ ସେତିକି ସୁଦୃଢ଼ ଏବଂ ଗଣଙ୍କ ପ୍ରତି ଶାସନ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ସେତିକି ପ୍ରତୀକାତ୍ମକ ହେବ। କିନ୍ତୁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଜନପ୍ରତିନିଧିମାନେ ହିଁ ଯେତେବେଳେ ନିର୍ବାଚନର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି, ସ୍ୱାଭାବିକ ଭାବେ ସମଗ୍ର ବିଶ୍ୱର ଦୃଷ୍ଟି ଭାରତ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହାକୁ କେବଳ ବିରୋଧ ଆଳରେ ବିରୋଧ କିମ୍ବା ରାହୁଲ୍ ଗାନ୍ଧୀଙ୍କ ମସ୍ତିଷ୍କ ପ୍ରସୂତ କହି ଏଡ଼ାଇ ଦେବା ଭଳି ଘଟଣା ନୁହେଁ। କେଉଁଠି ନା କେଉଁଠି ନିର୍ବାଚନ ପ୍ରକ୍ରିୟାରେ ତ୍ରୁଟି ଓ ପକ୍ଷପାତିତାର ଗନ୍ଧ ବାରି ହେଉଛି, ଯାହା ଫଳରେ ଏତେ ସଂଖ୍ୟକ ଗୁଣୀ, ଜ୍ଞାନୀ ନୀତି ନିର୍ଦ୍ଧାରକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ପଡ଼ିଛି। ଯଦି ସାଂସଦମାନଙ୍କ ଅଭିଯୋଗ ସତ ସାବ୍ୟସ୍ତ ହୁଏ କିମ୍ବା ନିର୍ବାଚନ ଆୟୋଗଙ୍କ ଭୂମିକା ସନ୍ଦେହାସ୍ପଦ ହୁଏ ତେବେ ଗଣତନ୍ତ୍ରର ଭବିଷ୍ୟତ ପ୍ରତି ତାହା ଶୁଭଙ୍କର ନୁହେଁ ବୋଲି ଧରାଯିବ।

ଲକ୍ଷ୍ୟ କରିବାର କଥା ଗତ କିଛି ମାସ ଧରି ଗଣତନ୍ତ୍ରର ମୂଳାଧାରର ମୁଖ୍ୟ ପରିଚାଳନା ଦାୟିତ୍ୱରେ ଥିବା ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରା ବିବାଦାସ୍ପଦ ହୋଇଛି ଏବଂ ପବିତ୍ର ସାମ୍ବିଧାନିକ ସଂସ୍ଥାର ମର୍ଯ୍ୟାଦା ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଛି। ଗତ ଲୋକସଭା ନିର୍ବାଚନରେ ଭୋଟଦାନ ହାର ଓ ଭୋଟ ଗଣତି ଫଳାଫଳରେ ଥିବା ତାରତମ୍ୟକୁ ନେଇ ଉଠିଥିବା ପ୍ରଶ୍ନ ନିର୍ବାଚନ ଆୟୋଗଙ୍କୁ ବିବାଦ ଭିତରକୁ ଟାଣିଥିଲା, ଯାହା ପରବର୍ତ୍ତୀ ସମୟରେ ହରିଆଣା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପରେ ଆହୁରି ଘନୀଭୂତ ହୋଇଥିଲା। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟଦାନ ସମୟରେ ବୁଥ୍‌ୱାରୀ ଭୋଟର ସଂଖ୍ୟା, ଭୋଟଦାନ କେନ୍ଦ୍ରରେ ଭୋଟଦାନ ପରିମାଣ, ସନ୍ଧ୍ୟା ପରେ ପଡ଼ିଥିବା ଭୋଟ ସଂଖ୍ୟାରେ ଜଳଜଳ ଦିଶୁଥିବା ଅସ୍ୱାଭାବିକତା ଓ ଅନିୟମିତତାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଯେତେଗୁଡ଼ିଏ ତଥ୍ୟ ସମ୍ବଳିତ ପ୍ରଶ୍ନ ଗଣମାଧ୍ୟମ ଜରିଆରେ ନିର୍ବାଚନ ଆୟୋଗଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରିଥିଲେ ତାହାର ସନ୍ତୋଷଜନକ ସ୍ପଷ୍ଟୀକରଣ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସେହି ମାଧ୍ୟମରେ ପ୍ରକାଶ ନ ପାଇ ଶ୍ରୀଗାନ୍ଧୀଙ୍କୁ ବ୍ୟକ୍ତିଗତ ଭାବେ ସୂଚିତ କରାଯାଇଥିବା କୁହାଯାଇଥିଲା। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୂଚନା ଅଧିକାର ଓ ଅଭିବ୍ୟକ୍ତିର ସ୍ୱାଧୀନତା ସୁନିଶ୍ଚିତ କରୁଥିବା ରାଷ୍ଟ୍ରରେ ସ୍ୱଚ୍ଛତାର ପ୍ରମାଣ ଓ ସ୍ପଷ୍ଟୀକରଣ ପାଇଁ ଗଣମାଧ୍ୟମଠାରୁ ବଳି ଅଧିକ ଉତ୍ତମ ବିକଳ୍ପ ନ ଥାଇପାରେ। ଅଥଚ ନିର୍ବାଚନ ଆୟୋଗ କାହିଁକି ଏହି ବିକଳ୍ପକୁ ବ୍ୟବହାର କଲେ ନାହିଁ ତାହା ଆଉ ଏକ ପ୍ରଶ୍ନ ସୃଷ୍ଟି କରୁଛି।

କଂଗ୍ରେସ ଓ ରାହୁଲ୍ ଗାନ୍ଧୀ ଏହି ଅଭିଯୋଗ ଆଣିବାର ବହୁ ପୂର୍ବରୁ ୨୦୨୪ ସାଧାରଣ ନିର୍ବାଚନ ପରେ ଓଡ଼ିଶାରେ ବିଜେଡି ମଧ୍ୟ ନିର୍ବାଚନ ପ୍ରକ୍ରିୟାରେ ଅସ୍ୱାଭାବିକ ତାରତମ୍ୟକୁ ନେଇ ନିର୍ବାଚନ ଆୟୋଗଙ୍କୁ ଫେରାଦ ହୋଇଥିଲା। ଓଡ଼ିଶାରେ ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମ୍‌ରେ ପଡ଼ିଥିବା ଭୋଟ ସଂଖ୍ୟା ତୁଳନାରେ ଗଣତି ହୋଇଥିବା ଭୋଟ ସଂଖ୍ୟା ଏବଂ ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ତୁଳନାରେ ଅଧୀନସ୍ଥ ବିଧାନସଭା ମଣ୍ଡଳୀର ଭୋଟ ସଂଖ୍ୟାରେ ଅସଙ୍ଗତି ରହିଥିଲା। ଭୋଟଦାନ ଧାର୍ଯ୍ୟ ସମୟ ପରେ ପଡ଼ିଥିବା ଭୋଟ ହାର ୭ରୁ ୩୦ ପ୍ରତିଶତ ଯାଏଁ ଥିଲା। ବିଜେଡି ପକ୍ଷରୁ ନିର୍ବାଚନ ଆୟୋଗଙ୍କ ଏସବୁ ତଥ୍ୟ ସମ୍ବଳିତ ଅଭିଯୋଗପତ୍ର ଦାଖଲ କରାଯାଇ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାର ଅଡିଟ୍ ପାଇଁ ଦାବି କରାଯାଇଥିଲା। ଅଥଚ ନିର୍ବାଚନ ଆୟୋଗ ଏହାକୁ ଗୁରୁତ୍ୱ ଦେଲେ ନାହିଁ କି ନିୟମ ଅନୁଯାୟୀ ନିର୍ବାଚନ ପରେ ଉଦ୍ଦିଷ୍ଟ ଫର୍ମ-୧୭ସି ପ୍ରଦାନ କଲେ ନାହିଁ। ଏଣୁ ବିଜେଡି ଏବେ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ନେବା ପାଇଁ ଚିନ୍ତା କରୁଛି।

ଏଭଳି ଏକ ବିବାଦୀୟ ଘଟଣାକ୍ରମର ପୃଷ୍ଠଭୂମିରେ ସୂଚନା ଅଧିକାର ଆଇନ ଅଧୀନରେ ଆସୁଥିବା ଭୋଟଗ୍ରହଣ କେନ୍ଦ୍ରର ଭିଡିଓ ଫୁଟେଜ୍ ପ୍ରଦାନ ସଂକ୍ରାନ୍ତୀୟ ଧାରାକୁ ହଟାଇବା ପାଇଁ ଜନପ୍ରତିନିଧି ଆଇନରେ ତରବରିଆ ଭାବେ ସଂଶୋଧନ କରାଯିବା ପରେ ରାହୁଲ୍ ଗାନ୍ଧୀ ହୁଅନ୍ତୁ କିମ୍ବା ବିଜେଡି କିମ୍ବା ଅନ୍ୟ ଅଭିଯୋଗକାରୀଙ୍କ ଅଭିଯୋଗ ପଛରେ କେଉଁଠି ନା କେଉଁଠି ସତ୍ୟତା ରହିଛି ବୋଲି ଜନମତରେ ଏକ ଧାରଣା ସୃଷ୍ଟି ହୋଇଛି। ଏବେ ପୁଣି ଥରେ ସେହିକ୍ରମରେ ଯୋଡ଼ି ହୋଇଯାଇଛି କର୍ଣ୍ଣାଟକ ମହାଦେବପୁରା ବିଧାନସଭା ମଣ୍ଡଳୀରେ 'ଭୋଟ ଚୋରି' ଅଭିଯୋଗ ଏବଂ ବିହାରରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା(ଏସ୍ଆଇଆର)। ଏହି ପ୍ରସଙ୍ଗରେ ସଂସଦର ମୌସୁମୀ ଅଧିବେଶନ ଏକପ୍ରକାର ଅଚଳ ହୋଇଯାଇଛି। ଏସ୍ଆଇଆର ପ୍ରସଙ୍ଗ ଏବେ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଥିବାରୁ ସେ ସମ୍ପର୍କରେ ଅଧିକ କିଛି ଉଲ୍ଲେଖ କରିବା ଅନୁଚିତ ହେବ।

ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ ଓ ଯଥାସମ୍ଭବ ତ୍ରୁଟିଶୂନ୍ୟ କରିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର। ଏଥିପାଇଁ ଆୟୋଗ କି ପଦ୍ଧତି ଆପଣେଇବେ ତାହା ସମ୍ପୂର୍ଣ୍ଣ ରୂପେ ତାଙ୍କ ସ୍ୱାଧିକାର ଭୁକ୍ତ ଓ ପ୍ରଶ୍ନାତୀତ। କିନ୍ତୁ ବିହାର ଏସ୍ଆଇଆର ପ୍ରସଙ୍ଗକୁ ବାଦ୍ ଦେଇ ଯଦି ୨୦୨୪ ଲୋକସଭା ନିର୍ବାଚନ ପରବର୍ତ୍ତୀ ସମୟରୁ ସାମଗ୍ରିକ ନିର୍ବାଚନ ଘଟଣାକ୍ରମକୁ ଅନୁଶୀଳନ କରାଯାଏ, ସେଥିରୁ ଆୟୋଗଙ୍କ ଅସ୍ପଷ୍ଟତା ରହସ୍ୟମୟ ହୋଇପଡୁଛି। ଏହି ରହସ୍ୟ ଯେତେ ଶୀଘ୍ର ଉନ୍ମୋଚନ ହେବ ଗଣତନ୍ତ୍ର ପାଇଁ ସେତେ ମଙ୍ଗଳ। ଯଦି ବିରୋଧ ଆଳରେ କେବଳ ଆୟୋଗଙ୍କ କାର୍ଯ୍ୟକୁ ବିରୋଧ କରାଯାଉଥାଏ ତେବେ ତାହା ମଧ୍ୟ ଭୁଲ୍ ପ୍ରମାଣିତ ହେବ। ଭାରତର ଦୀର୍ଘ ୭୫ ବର୍ଷର ନିର୍ବାଚନ ଇତିହାସରେ ଭୋଟ ରିଗିଂ ବା ବଳପୂର୍ବକ ଭୋଟ ଦାନ ବା ଭୋଟ ଅପହରଣ ଅଭିଯୋଗ ଓ ଘଟଣା ନୂଆ ନୁହେଁ। ଯେଉଁଠି ଅର୍ଥବଳ କାର୍ଯ୍ୟ କରେ ନାହିଁ ସେଠାରେ ବାହୁବଳ ପ୍ରୟୋଗରେ ଭୋଟ ରିଗିଂ ହୁଏ। ଏହାକୁ ଜଗିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର। ଏଥିପାଇଁ ମଧ୍ୟ ସମ୍ବିଧାନ ଆୟୋଗଙ୍କୁ ପ୍ରଭୂତ କ୍ଷମତା ଓ ଅଧିକାର ଦେଇଛି। ରାହୁଲ୍‌ଙ୍କ 'ଭୋଟ ଚୋରି' ଅଭିଯୋଗ ହେଉ କିମ୍ବା ଇଭିଏମ୍‌ରେ ତାରତମ୍ୟ ଅଭିଯୋଗ, ତା' ପଛରେ କେତେ ଦୃଢ଼ ପ୍ରମାଣ ଆଧାରିତ ସତ୍ୟତା ରହିଛି ତାହା ପରଖିବା ପାଇଁ ଅଧିକୃତ ସଂସ୍ଥାମାନେ ଅଛନ୍ତି। ଯଦି ଏହି ଅଭିଯୋଗ ସତ ସାବ୍ୟସ୍ତ ହୁଏ ତେବେ ଆୟୋଗ 'ବାଡ଼ ହିଁ କ୍ଷେତ ଖାଇବା' ଭଳି ଅପବାଦ ମୁଣ୍ଡାଇବା ସାର ହେବ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମର୍ଯ୍ୟାଦା ଓ ସାମ୍ବିଧାନିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିବା ଲାଗି ନିର୍ବାଚନ ଆୟୋଗ ଯଥାଶୀଘ୍ର ଏହି ଅପବାଦରୁ ମୁକ୍ତ ହେବା ବିଧେୟ।

# ଓଡ଼ିଶାରେ ଧଳାସୁନାର ବିକାଶ ମାର୍ଗ

**ବିଦ୍ୟାଧର ମହାରଣା**

ଓଡ଼ିଶାରେ ଅର୍ଥକରୀ ଫସଲ ହିସାବରେ କପା ପ୍ରଧାନ। ଏହାକୁ 'ଧଳାସୁନା' କୁହଯାଏ। କପା ଏକ ରାଜା ଫସଲ। ରାଜା ଖୁସି ହେଲେ ଘରକୁ ସୁନା ଆସିବ ଏବଂ ରାଜା ରାଗିଲେ ଚାପୁଡ଼ା ଖାଇବା ସାର। ଏହାର ମର୍ମ ହେଲା କପା ଫସଲ ସର୍ବାଧିକ ଯତ୍ନ ଆବଶ୍ୟକ କରେ ଏବଂ ଅଣହେଳା କଲେ ବହୁତ କ୍ଷତି ସହିବାକୁ ପଡ଼େ। ଓଡ଼ିଶାରେ ମୁଖ୍ୟତଃ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଓ ରାୟଗଡ଼ାରେ କପାଚାଷ ହୁଏ। ୧୯୮୭-୮୮ ପର୍ଯ୍ୟନ୍ତ ରାଜ୍ୟରେ ମାତ୍ର ୩୦୦୦ ହେକ୍ଟର ଜମିରେ କପାଚାଷ ହେଉଥିଲା। ଏହା କ୍ରମଶଃ ୨୦୨୩-୨୪ରେ ୨.୩୫ ଲକ୍ଷ ହେକ୍ଟର ଜମିକୁ ବଢ଼ି ୮.୧୮ ଲକ୍ଷ ବେଲ୍ (୧ ବେଲ୍ =୧୮୦ କିଲୋ ଗ୍ରାମ) ଉତ୍ପାଦନ ହୋଇଛି। ଏହି ବର୍ଷ ବଲାଙ୍ଗୀର ଜିଲ୍ଲାରେ ୭୦, ୯୪୦ ହେକ୍ଟର, କଳାହାଣ୍ଡିରେ ୭୧, ୪୦୦ ହେକ୍ଟର, ନୂଆପଡ଼ାରେ ୧୯, ୪୯୦ ହେକ୍ଟର ଓ ରାୟଗଡ଼ାରେ ୪୯, ୧୦୦ ହେକ୍ଟର ଭାବରେ ରାଜ୍ୟର ମୋଟ କପାଚାଷର ପ୍ରାୟ ୯୦% ଉତ୍ପାଦନ ହୋଇଥିଲା। ଭାରତ ସରକାରଙ୍କ କପା ନିର୍ଦ୍ଦେଶାଳୟ ତଥ୍ୟ ଅନୁଯାୟୀ ଭାରତରେ ୧୨୯ ଲକ୍ଷ ହେକ୍ଟରରୁ ଓଡ଼ିଶାରେ ୨୦୨୨-୨୩ରେ ୨.୧୬ ଲକ୍ଷ ହେକ୍ଟର ଜମିରେ କପାଚାଷ ହୋଇଥିଲା। ଭାରତରେ ହେକ୍ଟର ପ୍ରତି କପା ତନ୍ତୁ ଅମଳ ୪୪୩ କିଲୋଗ୍ରାମ ଥିବା ସ୍ଥଳେ ଓଡ଼ିଶାରେ ଏହା ୫୫୪ କିଲୋଗ୍ରାମ। ଅମଳ ହାରରେ ଗୁଜୁରାଟ ଓ ରାଜସ୍ଥାନ ପରେ ଓଡ଼ିଶାର ସ୍ଥାନ ତୃତୀୟ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନୁଧ୍ୟାନରୁ ଜଣାଯାଏ ଯେ କ୍ଷୁଦ୍ର ଚାଷୀ ଅପେକ୍ଷା ବଡ଼ ଚାଷୀ କପା ଚାଷରେ ଅଧିକ ଖର୍ଚ୍ଚ କରନ୍ତି ଓ ଅଧିକ ଲାଭ ମଧ୍ୟ ପାଆନ୍ତି। ହେକ୍ଟର ପ୍ରତି ପ୍ରାୟ ୪୫୦୦୦ ଟଙ୍କା ଖର୍ଚ୍ଚ ହେବା ସ୍ଥଳେ ନିଟ ଲାଭ ମାତ୍ର ୨୪୦୦୦ଟଙ୍କା। ଏହାର ଅର୍ଥ ହେଲା କପା ଚାଷରେ ଏକ ଟଙ୍କା ଖର୍ଚ୍ଚ କଲେ ମୋଟ ଆୟ ୧.୫୪ ଟଙ୍କା ହୁଏ, ଯାହାକି ସନ୍ତୋଷଜନକ ନୁହେଁ। ଏକ ଅର୍ଥକରୀ ଫସଲ ହିସାବରେ ପ୍ରତି ଏକ ଟଙ୍କା ଖର୍ଚ୍ଚରେ ମୋଟ ଆୟ ଅନ୍ତତଃ ଦୁଇ ଟଙ୍କା ହେବା ଆବଶ୍ୟକ। କପାଚାଷରେ ଶ୍ରମିକ ଖର୍ଚ୍ଚ ପ୍ରାୟ ୩୧%, ସାର ଖର୍ଚ୍ଚ ୧୭% ଓ ଜମି ଭଡ଼ା ପ୍ରାୟ ୧୭%। ବିହନ, ଖତ, ଫସଲ ସଂରକ୍ଷଣ ଇତ୍ୟାଦି ବାବଦରେ ଅବଶିଷ୍ଟ ୩୭% ଖର୍ଚ୍ଚ ହୋଇଥାଏ। ଏଥିରୁ ସହଜରେ ଅନୁମେୟ ଯେ କପା ଏକ ବ୍ୟୟସାପେକ୍ଷ ଫସଲ।

ଏହା ସାଧାରଣତଃ ବର୍ଷା ଓ ଶୀତ ଋତୁରେ ଚାଷ ହୁଏ। କିନ୍ତୁ ଓଡ଼ିଶାରେ ଏହା କେବଳ ବର୍ଷାଦିନେ ଚାଷ ହୁଏ। କପାଚାଷରେ ସାଧାରଣ ବିହନ, ବିଟି ବିହନ ଓ ହାଇବ୍ରିଡ ବିହନ ବ୍ୟବହାର ହୁଏ। ବୁଣା ପ୍ରଣାଳୀ ଅନୁସାରେ ବିହନ ହାର ଭିନ୍ନ ହୋଇଥାଏ। ତେବେ ହାରାହାରି ଦେଶୀ କିସମ ହେକ୍ଟର ପ୍ରତି ୮-୧୦ କିଲୋଗ୍ରାମ, ବି.ଟି. ହାଇବ୍ରିଡ ୧-୨ କିଲୋଗ୍ରାମ ଓ ଆମେରିକା ହାଇବ୍ରିଡ ୩-୪ କିଲୋଗ୍ରାମ ବ୍ୟବହାର ହୁଏ। କପା ଫସଲରେ ସବୁଠୁ ବେଶୀ କ୍ଷତିଭୟ ହେଉଛି ରୋଗପୋକ ଆକ୍ରମଣ। ଜଉ ପୋକ, ଧଳା ମାଛି, ପତ୍ରପୋଡ଼ା, ଝାଉଁଳା ରୋଗ ଓ ବକରାବିନ୍ଧା ପୋକ ସର୍ବାଧିକ କ୍ଷତି କରିଥାଏ। କୀଟ ନିରୋଧକ ବି.ଟି.ବିହନ ବ୍ୟବହାର କରିବା ସହ କୀଟନାଶକ ଦ୍ରବ୍ୟ ପକାଇ କୀଟ ନିୟନ୍ତ୍ରଣ କରିବାରେ ବିଫଳ ହେବା କାରଣରୁ କେତେକ କୃଷକ ଆତ୍ମହତ୍ୟା କରିବା ଜଣାଯାଏ।

କପା ଫସଲର ମୁଖ୍ୟ ସମସ୍ୟାଗୁଡ଼ିକ ହେଲା ଅଧିକ ଚାଷଖର୍ଚ୍ଚ, କମ୍ ଅମଳ ହାର, ଉପଯୁକ୍ତ କିସମ ବିହନ ନମିଳିବା, ଅଧିକ କୀଟ ସମସ୍ୟା, ମରୁଡ଼ି ଓ ବିକ୍ରିବଟାରେ ଅସୁବିଧା। କପା ତନ୍ତୁର ଲମ୍ବା ଓ ଗୁଣାତ୍ମକ ମାନ ଅନୁସାରେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯାଏ। ୨୦୨୫ ପାଇଁ ମଧ୍ୟମ ତନ୍ତୁ କପା କୁଇଣ୍ଟାଲ ପ୍ରତି ୭୧୨୫ ଟଙ୍କା, ଦୀର୍ଘ ତନ୍ତୁ ପାଇଁ ୭୫୨୧ ଓ ଏମ୍.ସି.ୟୁ ପାଇଁ ୭୭୨୧ ଟଙ୍କା ସ୍ଥିର ହୋଇଛି। ମଧ୍ୟମ ତନ୍ତୁ ୨୪.୫-୩୫.୫ ମିଲିମିଟର ଏବଂ ୩.୫ ରୁ ୪ .୩୧ ମାଇକ୍ରୋନେୟର ଥିବା ଆବଶ୍ୟକ। କପାରୁ ମଞ୍ଜିକୁ ଅଲଗା କରି ସଫା କରି ବେଲ୍ ବା ଗାଣ୍ଠି ଜିନିଙ୍ଗ ମିଲ୍ ଦ୍ୱାରା ହୁଏ। ଏହାପରେ ଏଥିରୁ ସୂତାକଳରେ ସୂତା କଟାଯାଏ। ଓଡ଼ିଶାରେ ସ୍ପିନଫେଡ୍ ସାତଗୋଟି ସୂତାକଳ ଚଳାଉ ଥିବା ସ୍ଥଳେ ବର୍ତ୍ତମାନ ଗୋଟିଏ ହେଲେ କାର୍ଯ୍ୟକ୍ଷମ ନୁହେଁ। କିନ୍ତୁ ଘରୋଇ ବ୍ୟବସାୟୀଙ୍କ ଦ୍ୱାରା କେତେକ ଜିନିଙ୍ଗ ମିଲ୍ ସ୍ଥାପନ ହୋଇଛି। ଉଭୟ ଭାରତୀୟ କପା ନିଗମ ଏବଂ ଘରୋଇ ବ୍ୟବସାୟୀ ଚାଷୀଙ୍କ ଠାରୁ କପା କିଣୁଛନ୍ତି। ରାଜ୍ୟରେ ଅଧିକ ସଂଖ୍ୟକ ସ୍ପିନିଙ୍ଗ ମିଲ୍ ସହିତ ପାୱାର ଲୁମ୍ ଖୋଲାଗଲେ କପାଚାଷର ବିସ୍ତାର ସହିତ ଶ୍ରମିକ ନିଯୁକ୍ତି ହୋଇ ପାରନ୍ତା।

କପା ମଞ୍ଜିରୁ ୧୫-୨୦% ଖାଇବା ତେଲ ପ୍ରସ୍ତୁତ ହୋଇଥାଏ ଏବଂ କପାର ଶୁଖିଲା ଗଛ ଜାଳେଣି ଭାବରେ ବ୍ୟବହାର ହୁଏ। ଓଡ଼ିଶାର ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ କପାଚାଷ ପାଇଁ ବହୁ ଆନ୍ଧ୍ରପ୍ରଦେଶ ଚାଷୀ ଜମିକୁ ଭଡ଼ାରେ ନେଇ କପାଚାଷ କରନ୍ତି। ସେମାନେ ହାଇବ୍ରିଡ କପା ବିହନ ଆଣି ଅଧିକ ସାର ଓ କୀଟନାଶକ ବ୍ୟବହାର କରି ଚାଷକରିବା ଫଳରେ ଜମିର ଉର୍ବରତା ହ୍ରାସ ପାଉଛି ଏବଂ ପରିବେଶ ପ୍ରଦୂଷିତ ହେଉଛି। ଯେହେତୁ କପା ଫସଲରେ ମୁଖ୍ୟ ସମସ୍ୟା ହେଉଛି ରୋଗ ଓ ପୋକ ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ଆବଶ୍ୟକ। ବିଭିନ୍ନ ପ୍ରକାରର ଯନ୍ତା(ଅଠାଳିଆ, ହଳଦିଆ ଓ ଫେରୋମୋନ) ବ୍ୟବହାର, ଜୈବ କୀଟନାଶକ ହିସାବରେ ଟ୍ରାଇକୋଗ୍ରାମା, ଏନ୍.ପି.ଭି. ଭୂତାଣୁ ଓ ନିମ୍ବ ବିଷ ବ୍ୟବହାର କରିବା ଆବଶ୍ୟକ। କପା ଫସଲ ବକରା ପାକଳ ସମୟରେ ଅଧିକ ଜଳୀୟ ଅଂଶ ଆବଶ୍ୟକ କରୁଥିବାରୁ କିଛି ସିଞ୍ଚନ ଜଳ ସେଚନ ଆବଶ୍ୟକ। କପା ଫସଲ ଉପଯୁକ୍ତ ସମୟରେ ଅମଳ କରି ଜିନିଙ୍ଗ କରିପାରିଲେ ଉପଯୁକ୍ତ ମୂଲ୍ୟ ମିଳିବ।

ଅତୀତରେ ଓଡ଼ିଶା ସରକାର ଦୁଇଜଣ ଇସ୍ରାଏଲ ବୈଜ୍ଞାନିକଙ୍କୁ ଭୁବନେଶ୍ୱର ଆଣି କେତେକ ବଛାବଛା କୃଷି ଅଧିକାରୀ ଓ ବୈଜ୍ଞାନିକଙ୍କୁ ୧୫ ଦିନ ତାଲିମ୍ ବ୍ୟବସ୍ଥା କରିଥିଲେ। ଡଃ ଡାନିଏଲ ରିମନ ଓ ଜୋନାଥନ ଦାଗ ଉଚ୍ଚକୋଟୀର ତାଲିମ୍ ଦେଇଥିଲେ, ଯାହାକି ମୋ ମତରେ ଆମ ଜୀବନର ସର୍ବଶ୍ରେଷ୍ଠ ତାଲିମ୍ ଥିଲା। ସେମାନେ କପା ଫସଲରେ ଗଛସଂଖ୍ୟା ନିୟନ୍ତ୍ରଣ, ଗଛର ଶାଖାପ୍ରଶାଖା ନିୟନ୍ତ୍ରଣ, ବୁନ୍ଦା ଜଳସେଚନ, ଫର୍ଟିଗେସନ୍, ଜୈବ ନିୟନ୍ତ୍ରଣ ଓ ସଠିକ ଅମଳ ପ୍ରଣାଳୀ ଉପରେ ଗୁରୁତ୍ୱ ଦେଇଥିଲେ। ଏହି କୌଶଳ ଅବଲମ୍ବନ କରି ଇସ୍ରାଏଲ ବିଶ୍ୱରେ କପା ଅମଳରେ ସର୍ବଶ୍ରେଷ୍ଠ ଦେଶ ହୋଇଥିଲା। ସେମାନେ ଲାଇସିମିଟର ବ୍ୟବହାର କରି ଜଳସେଚନ ସମୟ ସ୍ଥିର କରୁଥିଲେ ଏବଂ ବର୍ତ୍ତମାନ ସେନସର ବ୍ୟବହାର କରୁଛନ୍ତି। ଏକଥା ଏଇଠି ପ୍ରକାଶ କରିବାର ଉଦ୍ଦେଶ୍ୟ ହେଉଛି ଆମର ଚାଷୀ କପା ଫସଲ ପାଇଁ ଆଧୁନିକ କୌଶଳ ବ୍ୟବହାର କରୁ ନ ଥିବାରୁ ଅମଳ ହାର କମ୍ ରହୁଛି। ଇସ୍ରାଏଲ ଚାଷୀ ହେକଟର ପ୍ରତି ୧୮୦୦- ୨୦୦୦ କିଲୋଗ୍ରାମ ଅମଳ କଲା ବେଳେ ଆମେ ୬୦୦ କିଲୋଗ୍ରାମରୁ କମ୍ ଅମଳ କରୁଛୁ। ଅତୀତରେ ବିଟି କପା ବିହନ ବ୍ୟବହାର ଯୋଗୁଁ ବହୁ ସମସ୍ୟା ଦେଖା ଯାଇଥିଲା। ଏପରିକି ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଏହା ଉପରେ କଳାହାଣ୍ଡି ଜିଲ୍ଲାରେ କ୍ଷେତ୍ର ପରୀକ୍ଷା କରିଥିଲେ। ଏଣୁ ଚାଷୀମାନେ କେଉଁ କିସମର ଉନ୍ନତ, ହାଇବ୍ରିଡ ଓ ବିଟି ବିହନ ବ୍ୟବହାର କରିବେ ତାହାକୁ କୃଷି ବିଶ୍ୱବିଦ୍ୟାଳୟ ପରାମର୍ଶ ଦେଉ ଏବଂ ରାଜ୍ୟ କୃଷି ବିଭାଗ ବିହନ ନିଗମ ଜରିଆରେ ଏହାକୁ ଚାଷୀଙ୍କୁ ଯୋଗାନ୍ତୁ। ଘରୋଇ କପା ବିହନ ବିକ୍ରି ନିଷେଧ କରାଯାଉ।

ଆମ ରାଜ୍ୟରେ ଅନ୍ତତଃ ୫ ଲକ୍ଷ ହେକ୍ଟର ଜମିରେ କପାଚାଷ କରାଯାଉ। ବନ୍ଦ ହୋଇ ରହିଥିବା ଜିନିଙ୍ଗ ଓ ସ୍ପିନିଙ୍ଗ ମିଲ୍‌ଗୁଡ଼ିକୁ ଚାଲୁ କରାଯାଉ। ରପ୍ତାନୀ ସୁଯୋଗ ହାସଲ କରିବା ପାଇଁ ଜୈବିକ କପା ଓ ରଙ୍ଗୀନ୍ କପା ଚାଷ କରାଗଲେ ଚାଷୀ ଅଧିକ ଲାଭବାନ୍ ହେବେ। ପରୀକ୍ଷାମୂଳକୁ ଭାବରେ କପାଚାଷ ପାଇଁ ସୌରଶକ୍ତି ଚାଳିତ ପମ୍ପ ଓ ବୁନ୍ଦା ଜଳସେଚନ ପାଇଁ ପ୍ରୋତ୍ସାହନ ଦିଆଗଲେ କପା ଫସଲରେ ଜଳସେଚନ ସମସ୍ୟା ଦୂର ହୋଇପାରିବ। ଏନ୍ଏଫ୍ଏସ୍ଏମ୍ ଯୋଜନାରେ କପା ଚାଷ ପାଇଁ କୃଷକମାନଙ୍କୁ ଦିଆଯାଉଥିବା ସହାୟତା ବୃଦ୍ଧି କରା ଗଲେ ଗରିବ ଚାଷୀ ଉପକୃତ ହେବେ। କୃଷକମାନଙ୍କୁ ଉପଯୁକ୍ତ ସହାୟତା ସହିତ ବିପଣନ ବ୍ୟବସ୍ଥାରେ ଉନ୍ନତି କରାଯାଇ ପାରିଲେ ଓଡ଼ିଶା ଅର୍ଥନୀତିକୁ ବୃଦ୍ଧି କରିବାରେ 'ଧଳାସୁନା'ର ଅବଦାନ ରହିବ। ଗତ କିଛିବର୍ଷ ଧରି ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଓଡ଼ିଶାରେ କପାଚାଷ ମଧ୍ୟ ପ୍ରଭାବିତ ହେଉଛି। ଏଣୁ ଜଳବାୟୁ ସହନଶୀଳ କୃଷିପଦ୍ଧତି କପା ଫସଲରେ ମଧ୍ୟ ପ୍ରୟୋଗ କରାଯିବାର ଆବଶ୍ୟକତା ରହିଛି। ଅତୀତରେ କପାଚାଷ ବିକାଶ ପାଇଁ ସ୍ୱତନ୍ତ୍ର ପଦାଧିକାରୀ ଅବସ୍ଥାପିତ ହେଉଥିଲେ। ରାଜ୍ୟରେ ପାଞ୍ଚ ଲକ୍ଷ ହେକ୍ଟର ଜମିରେ କପା ଚାଷ କରିବାକୁ ହେଲେ ପ୍ରଶିକ୍ଷିତ ପଦାଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ହେବ। ବ୍ୟାପକ କପାଚାଷ ପାଇଁ ସରକାର, ରାଷ୍ଟ୍ରୀୟ କପା ନିଗମ ଓ ଅନ୍ୟାନ୍ୟ ଅଂଶୀଦାର ମଧ୍ୟରେ ସହଭାଗିତା ସହିତ କପାଚାଷୀଙ୍କ ଉତ୍ପାଦକ ଗୋଷ୍ଠୀ ଓ କୃଷକ ଉତ୍ପାଦକ ସଂଗଠନ ସହଯୋଗ ଅତ୍ୟନ୍ତ ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଯୌନ ବିଶୃଙ୍ଖଳା ଏକ ସାମାଜିକ କଳଙ୍କ

**ସୁଧୀର କୁମାର ନାୟକ**

ସାଂପ୍ରତିକ ସମସ୍ୟାଗୁଡ଼ିକ ମଧ୍ୟରେ ନାରୀ ସୁରକ୍ଷା ଓ ନାରୀ ସ୍ୱାଧୀନତା ସର୍ବଦା ଆହ୍ୱାନ ସୃଷ୍ଟି କରିଆସୁଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟମାନଙ୍କରେ ଛାତ୍ରୀମାନଙ୍କ ପ୍ରତି କରାଯାଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ନିର୍ଯାତନା ପାଇଁ ଆଜି ବିଶ୍ୱରେ ଆମ ଦେଶ ଲଜ୍ଜିତ ହେଉଛି। ଗତ ମାସ ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ତଥ୍ୟ ରଖିଥିଲେ ଯେ ଭାରତରେ ଦୁଷ୍କର୍ମ ଓ ଯୌନ ନିର୍ଯାତନା ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରୁ ଅନ୍ୟତମ। ଅନେକ କ୍ଷେତ୍ରରେ କର୍ମଜୀବୀ ମହିଳାମାନଙ୍କୁ ବିଭିନ୍ନ ଭାବରେ ନିର୍ଯାତନା ଓ ଯୌନ ଶୋଷଣ କରାଯିବାର ଅଭିଯୋଗ ବଢ଼ିଚାଲିଛି। ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଙ୍କ ଆତ୍ମଦାହ, କୋଲକାତାର ଆର ଜି ମେଡିକାଲ୍ କଲେଜ୍‌ରେ ଡାକ୍ତରୀ ଓ ନର୍ସିଂ ଛାତ୍ରୀ ସମ୍ମୁଖୀନ ହୋଇଥିବା ନିର୍ଯାତନା ଆଦି ଦୁର୍ଘଟଣାର ତାଲିକା ବେଶ୍ ଲମ୍ବା। ପ୍ରତିଦିନ କୌଣସି ନା କୌଣସି ଅଞ୍ଚଳରେ ଏଭଳି ଘଟଣାମାନ ଘଟୁଛି। ସେଥିମଧ୍ୟରୁ କିଛି ଗଣମାଧ୍ୟମର ଶିରୋନାମା ହେଉଛି ଏବଂ ଆଉ କିଛି ଲୋକଲୋଚନ ଆଢୁଆଳରେ ରହିଯାଉଛି। ଏଥିରେ ଜଣାଯାଉଛି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷମାନଙ୍କ କେତେ ଦାୟିତ୍ୱହୀନତା ରହିଛି। ସବୁଠାରୁ ଉଦ୍‌ବେଗର କଥା ଯଦି କୌଣସି ପରିସ୍ଥିତିରେ କେହି ଛାତ୍ରଛାତ୍ରୀ ଅଭିଯୋଗ କରନ୍ତି ସେମାନଙ୍କର ସମସ୍ୟାର ତ୍ୱରିତ ସମାଧାନ ଦିଗରେ ଆନ୍ତରିକତା ପ୍ରକାଶ ପାଏ ନାହିଁ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ କହୁଛି ଗତ ୧୦ ମାସ ମଧ୍ୟରେ ଓଡ଼ିଶାର ବିଭିନ୍ନ ଥାନାରେ ନାରୀ ନିର୍ଯାତନା, ଦୁଷ୍କର୍ମ, ଯୌନ ଶୋଷଣ, ପରକୀୟା ପ୍ରୀତି ଜନିତ ହିଂସାକାଣ୍ଡକୁ ନେଇ ୪ ହଜାରରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ଗତ ଦୁଇବର୍ଷ ମଧ୍ୟରେ ୩୫୨ ଜଣ ଯୁବତୀ ସାଇବର ଅପରାଧୀଙ୍କ ଦ୍ୱାରା ବ୍ଲାକମେଲ୍‌ର ଶିକାର ହୋଇଛନ୍ତି। ଆପତ୍ତିଜନକ ମନ୍ତବ୍ୟ ଦେବା, ସାମାଜିକ ଗଣମାଧ୍ୟମରେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ, ଭିଡିଓ ଭାଇରାଲ କରିବା ପରି ଅପରାଧରେ ସଂପୃକ୍ତି ଅପରାଧ ମଧ୍ୟ ବଢ଼ିବାରେ ଲାଗିଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଏବଂ ପାଠ ପଢୁଥିବା ସମୟରେ ସେମାନଙ୍କ ମାନସିକ ଅବସ୍ଥା ବୁଝାଯିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯାହାଫଳରେ ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଓଡ଼ିଶାରେ ଗତ ଚାରିବର୍ଷ ମଧ୍ୟରେ ୭୨ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବାର ମାମଲା ରୁଜୁ ହୋଇଛି। ୨୦୨୩ ଓ ୨୦୨୪ରେ ରାଜ୍ୟରେ ୨୮ ହଜାର ନାରୀ ଓ ଶିଶୁ ନିର୍ଯାତନା ଅଭିଯୋଗ ପଞ୍ଜୀକୃତ ହୋଇଛି। ଯଦିଓ ରାଜ୍ୟରେ ୬ଶହରୁ ଅଧିକ ଥାନାରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ କାମ କରୁଛି, ତଥାପି ନିର୍ଯାତନା ସଂଖ୍ୟା କମୁନାହିଁ। ଏହାର କାରଣ ତ୍ୱରିତ ବିଚାର କରା ନ ଯାଇ ଦୋଷୀକୁ ଦଣ୍ଡ ମିଳିବାରେ ଯେଉଁ ଲମ୍ବା ଅବଧି ରହିଛି ସେଥିରେ ଦୋଷୀମାନେ ଅପରାଧ ପରେ ଅପରାଧ କରି ଚାଲିଛନ୍ତି।

ରାଜ୍ୟରେ ଯେଉଁ ଜିଲ୍ଲାମାନଙ୍କରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଛାତ୍ରୀନିବାସରେ ଛାତ୍ରୀଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଗତିବିଧିର ପ୍ରମାଣ ପାଇଁ ସିସିଟିଭି କ୍ୟାମେରା ସଂଯୋଗ କରିବା ପାଇଁ ନିୟମ କରାଯାଇଛି। କିନ୍ତୁ ରାଜ୍ୟରେ ୩୩୮୧ ଛାତ୍ରୀ ନିବାସ ମଧ୍ୟରୁ ମାତ୍ର ୧୩୪୨ଟି ସିସିଟିଭି ସଂଯୋଗ କରାଯାଇଛି। କିଛି ଛାତ୍ରୀନିବାସରେ ସେଗୁଡ଼ିକ ଖରାପ ଅବସ୍ଥାରେ ଅଛି। ଅନ୍ୟଏକ ସମ୍ବେଦନଶୀଳ ବିଷୟ ହେଉଛି ଯେ ଗତ କିଛିବର୍ଷ ଧରି ଦେଶରେ ପୋକ୍ସୋ ମାମଲା ବଢ଼ି ଚାଲିଛି। ଦେଶରେ ପୋକ୍ସୋ କୋର୍ଟମାନଙ୍କରେ ଅଦ୍ୟାବଧି ୨ଲକ୍ଷ ୪୩ ହଜାର ମାମଲା ପଡ଼ିରହିଛି, ଯାହାକୁ ସମାଧାନ କରିବା ପାଇଁ ପାଖାପାଖି ୧୦ ବର୍ଷ ଲାଗିପାରେ।

ଖାଲି ତ ଆଇନ ତିଆରି କରିଦେଲେ ହେବ ନାହିଁ। କେଉଁଥି ପାଇଁ ଏହା ବଢ଼ି ବଢ଼ି ଚାଲିଛି ତାହାର ବିଧିବଦ୍ଧ ତର୍ଜମା ଆବଶ୍ୟକ। ଜାତୀୟ ଶିକ୍ଷାନୀତି କମିଶନ୍ ଜୁନ୍ ୨୯, ୧୯୬୬ରେ ଦେଇଥିବା ରିପୋର୍ଟରେ କହିଥିଲେ ଯେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ସରକାରୀ କିମ୍ବା ବେସରକାରୀ ଶିକ୍ଷକମାନଙ୍କ ଉତ୍ତମ ଚରିତ୍ର, ମାର୍ଜିତ ବ୍ୟବହାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିପାରିବ। ଏହାଦ୍ୱାରା କୃତିତ୍ୱ ହାସଲ କରୁଥିବା ଛାତ୍ରଛାତ୍ରୀମାନେ ରାଷ୍ଟ୍ର ନିର୍ମାଣରେ ସଚ୍ଚୋଟତାର ସହିତ କାର୍ଯ୍ୟ କରିବେ। ଶିକ୍ଷାନୁଷ୍ଠାନମାନଙ୍କର ଆଜି ତାହା କେତେ ଦୂର ପାଳନ କରାଯାଉଛି, ତାହା ବିଚାର୍ଯ୍ୟ।

ଗାଁର ମାଇନର ସ୍କୁଲ ହେଉ କିମ୍ବା ସହରର ମହାବିଦ୍ୟାଳୟ, ବିଦ୍ୟାଳୟ, ଆଶ୍ରମ ସ୍କୁଲ୍, ସରକାରୀ କିମ୍ବା ଘରୋଇ କର୍ମଜୀବୀ ମହିଳାମାନଙ୍କ କର୍ମକ୍ଷେତ୍ର ହେଉ, ଯେତେବେଳେ ଯାହାବି ଅଭିଯୋଗ ଆସୁଛି ତାହାକୁ ଗୁରୁତ୍ୱ ଦିଆଯାଇ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କିମ୍ବା କମିଟି ତ୍ୱରିତ ବିଚାର କରି ସମାଧାନ କିମ୍ବା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନଚେତ୍ ବିହଙ୍ଗ ବିପ୍ଳବର ବିଚାରପତି ଭାଲୁମାନେ ମାଙ୍କଡ଼ମାନଙ୍କ ପଣସ ଉପହାର ପାଇ ବିଚାର ବିଗାଡ଼ି ଦେଲାପରି ଏମିତି ଆଗକୁ କେତେକ ଅସୁରକ୍ଷିତ ଝିଅ ନିର୍ଯାତନାର ଶିକାର ହେଉଥିବେ।

ଶିକ୍ଷାକ୍ଷେତ୍ର ଏକ ଅମୃତ କ୍ଷେତ୍ର। ଗୁରୁ-ଶିଷ୍ୟର ପବିତ୍ର ପରମ୍ପରା ଆମ ସଭ୍ୟତାରେ ବହୁ ପ୍ରାଚୀନ। ଏଣୁ ଏପରି ଅମୃତକ୍ଷେତ୍ରରେ କଳଙ୍କ ନ ଲାଗୁ। ଶିକ୍ଷକ ଗୁରୁଦିବସର ମହତ୍ତ୍ୱ ବୁଝି ସେମାନଙ୍କ ଶୃଙ୍ଖଳା ଓ ଚରିତ୍ରକୁ ସର୍ବଦା ସ୍ୱଚ୍ଛ ରଖନ୍ତୁ।

ଧାମନଗର(ଭଦ୍ରକ), ମୋ: ୯୯୩୮୦୮୦୨୯୪

# ଜେଉଠ ଭୋଗ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ଷାଠିଏ ପଉଟି ଓ ଛପନ ପ୍ରକାରର ଭୋଗ ଗ୍ରହଣ କରୁଥିବା ଭୋଜନୀଠାକୁର ଶ୍ରୀଜଗନ୍ନାଥ। ସେ ସାରାଦିନ ଖାଇବାରେ ଏତେ ବ୍ୟସ୍ତ ଯେ ଖାଇବା ହାତରେ ଧାରଣ କରୁଥିବା ଅସ୍ତ୍ର ସୁଦର୍ଶନଙ୍କୁ ବାମ ପଟେ ସ୍ଥାପିତ କରି ନିଜ କ୍ଷେତ୍ରକୁ ଭୋଜନ କ୍ଷେତ୍ର ରୂପେ ବିଖ୍ୟାତ କରିଛନ୍ତି। ତାଙ୍କ ଭୋଗର ପ୍ରକାରଭେଦ ଛପନଠାରୁ ବହୁ ଅଧିକ। କିନ୍ତୁ ବର୍ଷରେ କେବଳ ଜଗନ୍ନାଥଙ୍କୁ(ଚତୁର୍ଦ୍ଧାମୂର୍ତ୍ତିଙ୍କ ଭିତରୁ ଅନ୍ୟମାନଙ୍କୁ ନୁହେଁ) ଦୁଇ ଥର ଅର୍ପଣ କରାଯାଏ 'ଜେଉଠ ଭୋଗ' ନାମରେ ଏକ ନିଆରା ଭୋଗ। ପୃଥିବୀରେ ଅନ୍ୟ କୌଣସି ଦିଅଁଙ୍କୁ ଏପରି ଏକ ପ୍ରସାଦ ଅର୍ପଣର ପରମ୍ପରା ନାହିଁ। ଏହା ପାରମ୍ପରିକ ଭାବେ ରାଘବ ଦାସ ମଠରୁ ଆସେ। ରାମ ଓ କୃଷ୍ଣ ଜନ୍ମ ହେବା ପୂର୍ବ ସନ୍ଧ୍ୟାରେ ଏହା କେବଳ ଜଗନ୍ନାଥଙ୍କୁ ସମର୍ପିତ ହେଉଥିବାରୁ ଏହା ପଛରେ ଥିବା ତାତ୍ତ୍ୱିକ ଓ ବ୍ୟବହାରିକ ତାତ୍ପର୍ଯ୍ୟ ଜାଣିବା ଆବଶ୍ୟକ।

ଜେଉଠ ପଣସ ପରିବାରର ଏକ ବଡ଼ ଗଛ। ସେ ଗଛରେ ଫଳୁଥିବା ଛୋଟ ପଣସ ବା ଶିଳପୁଆ ଆକୃତିର ଫଳ ପାଚିଗଲେ ହଳଦିଆ ଦିଶେ। ଫଳକୁ ଫଟେଇ ଦେଲେ ତା' ଭିତରୁ ପଣସ କୋଳା ପରି ଛୋଟଛୋଟ କୋଳା ବାହାରେ। ଏ ଗଛର ନାଁ ଉଦ୍ଭିଦ ବିଜ୍ଞାନରେ 'ଆର୍ଟୋକାର୍ପସ୍ ଲକୁଚ', ସଂସ୍କୃତରେ 'ଲକୁଚ', ଇଂରାଜୀରେ 'ମଙ୍କି ଜାକ୍‌ସ'। ଫଳ ଅମ୍ଳରସଯୁକ୍ତ ହୋଇ ଥିବାରୁ ସେଥିରୁ ଏକପ୍ରକାର ଖଟା ତରକାରୀ ପ୍ରସ୍ତୁତ କରାଯାଏ। ଗର୍ଭବତୀମାନେ ଖଟା ଖାଇବାକୁ ଭଲ ପାଉ ପାଉଥିବାରୁ ଏ ତରକାରୀ ସେମାନଙ୍କର ପ୍ରିୟ। ଏ ଫଳ ଗର୍ଭବତୀମାନେ ଖାଇଲେ ସେମାନଙ୍କର ସୁଖ ପ୍ରସବ ହୁଏ ଏବଂ ନବଜାତ ଶିଶୁପାଇଁ ମାଆ ସ୍ତନରେ ପ୍ରଚୁର କ୍ଷୀର ପ୍ରସ୍ତୁତ ହୁଏ ବୋଲି ବିଶ୍ୱାସ କରାଯାଏ। ତେଣୁ ରାମ ଓ କୃଷ୍ଣ ଜନ୍ମ ହେବା ପୂର୍ବ ଦିନ ସନ୍ଧ୍ୟାରେ ଜଗନ୍ନାଥଙ୍କୁ ଜେଉଠ ଭୋଗ ସମର୍ପଣ ହୁଏ। ତା' ପରେ କେବଳ ଜଗନ୍ନାଥଙ୍କ ବାଡ଼ରେ ଏକ ସ୍ୱତନ୍ତ୍ର ବନ୍ଦାପନା କରାଯାଏ, ଯାହାର ନାମ 'ଗର୍ଭୋଦକ ବନ୍ଦାପନା'। ଜଣେ ଗର୍ଭବତୀ ମାତା ବିନା ଗର୍ଭ ଶୂଳରେ ପିଲା ଜନ୍ମ କରିବା ସମ୍ଭବ ନୁହେଁ। ତେଣୁ ରାମ ଓ କୃଷ୍ଣଙ୍କ ମାତାଙ୍କର ଗର୍ଭଶୂଳ ଆସିବା ପାଇଁ ପ୍ରାର୍ଥନା କରି ଏ ବନ୍ଦାପନା କରାଯାଏ।

ପ୍ରଥମେ ଜଗନ୍ନାଥ ରାମ ଜନ୍ମଦିନ ପୂର୍ବରୁ ରାମଙ୍କ ମାତା ଓ କୃଷ୍ଣ ଜନ୍ମଦିନ ପୂର୍ବରୁ କୃଷ୍ଣଙ୍କ ମାତାରୂପେ ଜେଉଠ ଭୋଗ ଏବଂ 'ଗର୍ଭୋଦକ ବନ୍ଦାପନା' ଗ୍ରହଣ କରନ୍ତି। ରାମ ଜନ୍ମ ଦିନ ରାମଙ୍କ ବିଜେ ପ୍ରତିମାଙ୍କୁ ରାମ ରୂପେ ଜନ୍ମ ଗ୍ରହଣ କରିବା ପାଇଁ ଆଜ୍ଞାମାଳ ପ୍ରଦାନ କରନ୍ତି। ଜନ୍ମାଷ୍ଟମୀ ଦିନ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ କୃଷ୍ଣ ରୂପେ ଜନ୍ମନେବାକୁ ସେହିରୂପେ ଆଦେଶ ଦିଅନ୍ତି। ସେତେବେଳେ ଗୋପାଳକୃଷ୍ଣଙ୍କୁ ଆଜ୍ଞା ପ୍ରଦାନ କରିବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରାଯାଏ। - 'ଇଦାନୀଂ କୃଷ୍ଣଚନ୍ଦ୍ରସ୍ୟ ଜନ୍ମନେ ପଦ୍ମଲୋଚନେ, ଆଜ୍ଞା କୁରୁ ମହାବାହୋ ଦାରୁବ୍ରହ୍ମଃ ନମସ୍ତୁତେ।'(ନୀଳାଦ୍ରି ମହୋଦୟ)। ତା' ପରେ ଜଗନ୍ନାଥ ନିଜର ବିଜେ ପ୍ରତିମା ରୂପେ ନିଜେ ରାମ ବା କୃଷ୍ଣ ରୂପେ ଜନ୍ମ ଗ୍ରହଣ କରନ୍ତି।

ଏହି ଉତ୍ସବ (ରାମ ଜନ୍ମ ଓ କୃଷ୍ଣ ଜନ୍ମ) ପାଳନ ଅବସରରେ ଶ୍ରୀଜଗନ୍ନାଥ ଚାରୋଟି ଦେବସ୍ୱରୂପରେ ଅବତୀର୍ଣ୍ଣ ହୋଇ ଲୀଳା ପ୍ରଦର୍ଶନ କରନ୍ତି। ୧. ଜଗନ୍ନାଥ ଲିଙ୍ଗାତୀତ ହୋଇଥିବାରୁ ପ୍ରଥମେ ମାତୃସ୍ୱରୂପ ଯୋଗମାୟା ରୂପେ ଜେଉଠ ଭୋଗ ଗ୍ରହଣ କରନ୍ତି। ୨. ସାର୍ବଭୌମ ପରମାତ୍ମା ରୂପେ ଯୋଗମାୟାଙ୍କର ଗର୍ଭଶୂଳ ଆରମ୍ଭ କରିବା ପାଇଁ ଗର୍ଭୋଦକ ବନ୍ଦାପନା ଗ୍ରହଣ କରନ୍ତି। ୩. ଅବତାରୀ ମହାବିଷ୍ଣୁ ରୂପେ ରାମ ଓ କୃଷ୍ଣଙ୍କୁ ଅବତାର ରୂପେ ଲୀଳା ପ୍ରଦର୍ଶନ କରିବାକୁ ଆଜ୍ଞାମାଳ ପ୍ରଦାନ ପୂର୍ବକ ଆଦେଶ ଦିଅନ୍ତି। ୪.ରାମ ଓ କୃଷ୍ଣରୂପେ ନିଜର ବିଜେ ପ୍ରତିମା ମାଧ୍ୟମରେ ଜନ୍ମ ଗ୍ରହଣ କରନ୍ତି। ଜେଉଠ ଏକ ଜଂଗଲ ଗଛ। କାଳକ୍ରମେ ଜଙ୍ଗଲ ଅପସରି ଯିବାରୁ ପୁରୀରେ ଏ ଫଳ ଅମିଳଣ ହୋଇଗଲା। ତା'ବଦଳରେ ଜେଉଠ ଶବ୍ଦର ଅପଭ୍ରଂଶ ହୋଇ ଏହା ଜେଉଡ ବା ଜେଉଟ ଭୋଗ ନାମରେ ଜଣାଯାଉଛି। ଏହି ଭୋଗରେ ଝିଲି, ଆରିସା ଓ ତାଟ ତୁଣ ନାମକ ଏକ ଖଟା ତରକାରୀ ମହାପ୍ରଭୁଙ୍କୁ ସମର୍ପଣ କରାଯାଉଛି।

ଷୋଡ଼ଶ ଶତାବ୍ଦୀରେ ଜଗନ୍ନାଥଙ୍କୁ କେବଳ ଗୋପାଳକୃଷ୍ଣ ରୂପେ ପ୍ରତିପାଦିତ କରିବା ପାଇଁ ଉଦ୍ୟମ ହୋଇଥିଲା। ଆଡ଼ମ୍ବର ସହ କୃଷ୍ଣ ଜନ୍ମ ପାଳନ ତା'ର ଏକ ଅଂଶବିଶେଷ ଥିଲା। ପଞ୍ଚସଖା ଓ ତାଙ୍କର ଅନୁଗାମୀମାନେ ଜଗନ୍ନାଥଙ୍କ ପୂର୍ଣ୍ଣବ୍ରହ୍ମ ସାର୍ବଭୌମ ଅବତାରୀ ଦେବତ୍ୱକୁ ଅକ୍ଷୁଣ୍ଣ ରଖିବା ପାଇଁ କୃଷ୍ଣ ଜନ୍ମ ପାଳନକୁ ପ୍ରତ୍ୟକ୍ଷଭାବେ ବିରୋଧ ନ କରି ବୁଦ୍ଧି ଓ କୌଶଳ ପ୍ରୟୋଗ କରି ଜେଉଠ ଭୋଗ ଓ ଗର୍ଭୋଦକ ବନ୍ଦାପନା ପରି ନୀତିର ପ୍ରଚଳନ କରିଥିଲେ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଆଧାର' ନାଗରିକତ୍ୱର...

ଖଣ୍ଡପୀଠ କହିଲେ ଯେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଭାରତର ନାଗରିକ କିଏ? ଏହାର ଯାଞ୍ଚ କରିବାର କ୍ଷମତା ନିର୍ବାଚନ କମିସନ (ଇସି) ପାଖରେ ଅଛି କି ନାହିଁ। ଯଦି ସେମାନଙ୍କର ଏଭଳି କ୍ଷମତା ନାହିଁ, ତାହା ହେଲେ ଏସ୍ଆଇଆରର କିଛି ଅର୍ଥ ନାହିଁ। ଯଦି ଇସିର କ୍ଷମତା ରହିଛି, ତାହାହେଲେ ଏସ୍ଆଇଆରକୁ ନେଇ ଆଉ କିଛି ସମସ୍ୟା ରହିବ ନାହିଁ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ସିଂହଭୀ କହିଥିଲେ ଯେ ଦେଶର ନାଗରିକ କିଏ ତାହାର ଯାଞ୍ଚ କେବଳ ଭାରତ ସରକାରଙ୍କର ସ୍ୱରାଷ୍ଟ୍ର ବିଭାଗ କରିପାରିବ। ଏହି କ୍ଷମତା ନିର୍ବାଚନ କମିସନଙ୍କୁ ଦିଆଯାଇନାହିଁ। ଏହାପୂର୍ବରୁ ସର୍ବୋଚ୍ଚ ଅଦାଲତ ମଧ୍ୟ ଏହା ସ୍ପଷ୍ଟ କରିଥିଲେ।

ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି ଅନ୍ୟତମ ବରିଷ୍ଠ ଓକିଲ କପିଲ ଶିବଲ କହିଲେ ଯେ ବିହାରରେ ବହୁ ସଂଖ୍ୟକ ଲୋକମାନଙ୍କ ପାଖରେ ଆବଶ୍ୟକ ପ୍ରମାଣପତ୍ର ନଥିବାରୁ ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଉଛି। ସେ ଆହୁରି କହିଲେ ଯେ ଏସ୍ଆଇଆର୍ ବେଳେ ନିର୍ବାଚନ କମିସନ ଯାହାକୁ ମୃତ ବୋଲି ଘୋଷଣା କରିଛନ୍ତି, ସେମାନେ ଜୀବିତ ଥିବାର ପ୍ରମାଣ ରହିଛି। ଜୀବିତ ଲୋକଙ୍କୁ ଜାଣିଶୁଣି ମୃତ ଘୋଷଣା କରି ସେମାନଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଉଛି। ଏହାର ଉତ୍ତର ଦେବାକୁ ଯାଇ କମିସନଙ୍କ ଓକିଲ ରାକେଶ ଦ୍ୱିବେଦୀ ସ୍ୱୀକାର କରିଥିଲେ ଯେ ଏସ୍ଆଇଆର୍ ବେଳେ ଏମିତି ତ୍ରୁଟି ହୋଇଛି। ତେବେ ଏହା କେବଳ ଚିଠା ତାଲିକା ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ବେଳେ ଏହାର ସଂଶୋଧନ କରାଯିବ। ଏହି ସମୟରେ ମାନ୍ୟବର ବେଞ୍ଚ କହିଲେ ଯେ ଶୁଣାଣି ବେଳେ କମିସନଙ୍କ ପାଖରେ ସବୁ ତଥ୍ୟ ରହିବା ଉଚିତ। ଏସ୍ଆଇଆର୍ ପୂର୍ବରୁ ଭୋଟର ସଂଖ୍ୟା କେତେ ଥିଲା ଏବଂ କେତେ ଭୋଟରଙ୍କ ମୃତ୍ୟୁ ଘଟିଛି। ଏବେ ଏହି ସଂଖ୍ୟା କେତେ। ଏସଂକ୍ରାନ୍ତ ତଥ୍ୟ ଧରି ଆସିବାକୁ କୋର୍ଟ କହିଥିଲେ।

ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଥିଲେ ଯେ ଭୋଟର ତାଲିକାରୁ ବ୍ୟାପକ ସଂଖ୍ୟାରେ ନାମ କଟାଯାଇଥିଲେ କୋର୍ଟ ହସ୍ତକ୍ଷେପ କରିପାରିବେ ଏବଂ ଏହା ଉପରେ ବିଚାର କରାଯିବ। ଏସ୍ଆଇଆର୍ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତା ହୋଇଥିବା ଧରାପଡ଼ିଲେ କୋର୍ଟ ଏହାକୁ ରଦ୍ଦ ମଧ୍ୟ କରିଦେଇପାରିବେ। ଚଳିତ ବର୍ଷ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନ ହୋବକୁ ଯାଉଥିବା ବେଳେ ୩୦ ସେପଟେମ୍ବର ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବ ନିର୍ବାଚନ କମିସନ। ଏହି ଦୁଇ ମାସ ମଧ୍ୟରେ କୋର୍ଟ ବଡ଼ ନିଷ୍ପତ୍ତି ନେଇପାରନ୍ତି।

### ଚାଲିପାରୁନି ସଂସଦ...

ମିନିଟରେ ଆରମ୍ଭ ହେବାପରେ ସରକାର ଖଣି ଓ ଖଣିଜ ପଦାର୍ଥ ବିଲ୍ ଆଗତ କରିଥିଲେ ଏବଂ ଏହା ବାଚନିକ ଭୋଟରେ ପାସ୍ ହୋଇଯାଇଥିଲା। ହଟ୍ଟଗୋଳ ମଧ୍ୟରେ ଏହାପୂର୍ବରୁ ଗୃହରେ ଆୟକର ବିଲ୍ ବିନା ଆଲୋଚନାରେ ପାସ୍ ହୋଇଥିଲା। ବିରୋଧୀ ସଭ୍ୟଙ୍କ ଏଭଳି ଆଚରଣ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଘୋର ଆପତ୍ତି ଜଣାଇଥିଲେ। ବିରୋଧୀଙ୍କ ନିନ୍ଦା କରି ସେ କହିଥିଲେ ଯେ ଗୃହକୁ ଚଳାଇ ନଦେବା ଲାଗି ସେମାନେ ଚକ୍ରାନ୍ତ କରିଛନ୍ତି। ଏହା ଗଣତନ୍ତ୍ର ଓ ସମ୍ବିଧାନ ବିରୋଧୀ। ହଟ୍ଟଗୋଳ ଜାରି ରହିବାରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଛି।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ବିରୋଧୀ ଦଳର ସଭ୍ୟମାନେ ଉତ୍ତେଜିତ ହୋଇ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ମଧ୍ୟରେ ସରକାର ବାଚନିକ ଭୋଟରେ ଦୁଇଟି ବିଲ ପାସ କରାଇନେଇଥିଲେ। ବିରୋଧୀ ସଭ୍ୟମାନେ ସ୍ଲୋଗାନ ଦେଉଥିବା ବେଳେ ଉପାଧ୍ୟକ୍ଷ ହରିବଂଶ କହିଥିଲେ ଯେ ଜିରୋ ଆୱାର ବେଳେ ସାଂସଦ ସେମାନଙ୍କର ପ୍ରଶ୍ନ ଉଠାଇପାରିବେ। ମୁଲତବୀ ଆଲୋଚନା ପାଇଁ ସେ ବିରୋଧୀଙ୍କ ପକ୍ଷରୁ ଦିଆଯାଇଥିବା ୨୯ଟି ନୋଟିସକୁ ଖାରଜ କରିଦେଇଥିଲେ। ଏହାର ପ୍ରତିବାଦ କରି ବିରୋଧୀ ଦଳ ୱାକ୍ ଆଉଟ୍ କରିଥିଲେ। ତେବେ ଏହାପୂର୍ବରୁ ବିରୋଧୀ ଦଳର ନେତା ଖଡ଼ଗେ ଏବଂ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ମୁହାଁମୁହିଁ ହୋଇଥିଲେ। ଖଡ଼ଗେ କହିଥିଲେ ଯେ ବିହାରରେ ଚାଲିଥିବା ଏସଆଇଆର୍ ଗମ୍ଭୀର ସମସ୍ୟା ସୃଷ୍ଟି କରିଛନ୍ତି। ଲକ୍ଷ ଲକ୍ଷ ଲୋକମାନଙ୍କ ନାମ କଟାଯାଉଛି। ଏହା ଉପରେ ଆଲୋଚନା ହେଉ ଏବଂ ସରକାର ଉତ୍ତର ରଖନ୍ତୁ। ଏହି ବେଆଇନ କାମ ବିହାରରେ ଆରମ୍ଭ ହୋଇଛି। ଏହାପରେ ପଶ୍ଚିମବଙ୍ଗ ଓ ଆସାମରେ ହେବ ଏବଂ ପୂରା ଦେଶରେ ଚାଲିବ। ଏହାକୁ ତୁରନ୍ତ ବନ୍ଦ କରାଯାଉ ବୋଲି ସେ ଦାବି କରିଥିଲେ। ସେ କହିଥିଲେ ଯେ ସଂସଦ ଚାଲୁ, ଏହା ବିରୋଧୀ ଚାହାନ୍ତି। କିନ୍ତୁ ସରକାର ଗୃହ ଚଳାଇ ଦେଉ ନାହାନ୍ତି। ଗୃହର ନେତା ତଥା କେନ୍ଦ୍ର ମନ୍ତ୍ରୀ ନଡ୍ଡା କହିଥିଲେ ଯେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରିବ ନାହିଁ। ଏହାସତ୍ତ୍ୱେ ବିରାଧୀ ଦଳ ଯେଭଳି ଗୃହକୁ ଅଚଳ କରି ରଖିଛନ୍ତି, ତାହା ବିରାଟ ଚକ୍ରାନ୍ତର ଏକ ଅଂଶ। ସେ କହିଲେ ଯେ ଗୃହ ଆଇନ ଅନୁସାରେ ଚାଲିବ, ବିରୋଧୀଙ୍କ ଅରାଜକତାରେ ଚାଲିପାରିବ ନାହିଁ। ବିରୋଧୀଙ୍କ ହଙ୍ଗାମା ଯୋଗୁଁ ଚଳିତ ଅଧିବେଶନର ୬୪ ଘଣ୍ଟା ବରବାଦ ହେଲାଣି। ଖଡ଼ଗେ ଦେଇଥିବା ଏସଆଇଆର୍ ସଂକ୍ରାନ୍ତ ମନ୍ତବ୍ୟକୁ ଗୃହର ବିବରଣୀରୁ ବାଦ୍ ଦେବାକୁ ସେ ଦାବି କରିଥିଲେ।

ସଂସଦ ବାହାର ମଧ୍ୟ ବିରୋଧୀ ଦଳର ସାଂସଦମାନେ ଧାରଣା ଦେବା ସହିତ ଏସ୍ଆଇଆର୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ଧାରଣାରେ ସବୁ ଦଳର ସାଂସଦ ସାମିଲ ହୋଇଥିଲେ। ଅନେକ ସାଂସଦ '୧୨୪ ନଟ୍ ଆଉଟ୍' ଲେଖା ହୋଇଥିବା ଧଳା ଟି-ସାର୍ଟ ପିନ୍ଧିଥିଲେ। ବିହାରରେ ଚିଠା ଭୋଟର ତାଲିକାରେ ଜଣେ ୧୨୪ ବର୍ଷ ବୟସ୍କା ବୃଦ୍ଧାଙ୍କ ନାମକୁ ସାମିଲ କରାଯିବା ସହିତ ତାଙ୍କୁ ପ୍ରଥମ ଥର ବା ନୂଆ ଭୋଟର ଭାବେ ଦର୍ଶାଇଛି ନିର୍ବାଚନ କମିସନ। ଏହା ଏକ ମିଥ୍ୟା ତଥ୍ୟ ହୋଇଥିବାରୁ ବିରୋଧୀ ସାଂସଦ ଏଭଳି ପ୍ରତିବାଦ କରିଥିଲେ। ଇତିମଧ୍ୟରେ ମିଣ୍ଟା ଦେବୀ ନାମକ ଏହି ମହିଳା ଜଣକ କହିଛନ୍ତି ଯେ ଯଦି ତାଙ୍କର ବୟସ ୧୨୪ ବୋଲି କମିସନ କହୁଛନ୍ତି, ତାହେଲେ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁ। ତେବେ ତାଙ୍କୁ ନେଇ ବିରୋଧୀ ଦଳ ରାଜନୀତି କରୁଥିବାରୁ ଏହାର ସମାଲୋଚନା କରିଛନ୍ତି।

### ବିଜେପି ସରକାରଙ୍କ...

ନାବାଳିକା ନିଆଁରେ ଜଳି ପ୍ରାଣ ହରାଇବା ଖବର ମୋତେ ଗଭୀର ଭାବେ ବ୍ୟଥିତ, ଚକିତ ଓ ମର୍ମାହତ କରିଛି। ନାବାଳିକାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏପରି ଦୁଃଖଦ ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାରର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ନିଆଁ ଲଗାଇ ଆମ ଝିଅମାନେ ଜୀବନ ହାରିବାର ଏହି ଧାରା ଅତ୍ୟନ୍ତ ବିଚଳିତ କରିଦେବା ପରି। ଏଇ ଗୋଟେ ମାସ ଭିତରେ ଚାରି ଚାରି ଜଣ ଯୁବତୀ ସମାନ ଭାବରେ ନିଜ ଜୀବନ ହାରି ଦେଇଛନ୍ତି। ଏପରି ନିରୀହ ଜୀବନ ଚାଲିଯିବା ସମଗ୍ର ଓଡ଼ିଶାବାସୀଙ୍କୁ ବ୍ୟଥିତ କରୁଛି। ଏହା ଆହୁରି ହୃଦୟବିଦାରକ ଯେ, ସେମାନେ ଆଉ କୌଣସି ରାସ୍ତା ନ ପାଇ ଶେଷରେ ନିଜ ଜୀବନ ହାରିବାକୁ ବାଛି ନେଉଛନ୍ତି ବୋଲି ନବୀନ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ କେବଳ ଏଇ ଚାରି ନିରୀହ ଜୀବନ ନୁହେଁ, ଏବେ ପ୍ରତିଦିନ ଅପରାଧର ଶିକାର ହୋଇ ଓଡ଼ିଶାର ଅନେକ ଝିଅ ଏପରି ପରିସ୍ଥିତିର ସାମ୍ନା କରୁଛନ୍ତି। ସେମାନଙ୍କ ନିରାଶା କେବଳ ଏକ ବ୍ୟକ୍ତିଗତ ଘଟଣା ନୁହେଁ। ପ୍ରତିଦିନ ଘଟୁଥିବା ଏପରି ଘଟଣା, ବ୍ୟବସ୍ଥାର ବିଫଳତା ପରି ଏକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ବିଜେପିର ଶାସନ, ବ୍ୟବସ୍ଥା ଉପରେ ଭରସା ବଜାୟ ରଖିବାରେ ବିଫଳ ହୋଇଛି। ଆମେ ଆମ ଝିଅମାନଙ୍କ ପାଇଁ ଏପରି ଏକ ପରିବେଶ ସୁନିଶ୍ଚିତ କରି ପାରୁନାହାନ୍ତି; ଯେଉଁଠି ସେମାନେ ସୁରକ୍ଷିତ ଥିବେ, ସେମାନଙ୍କ କଥା ଶୁଣା ଯାଉଥିବ ଏବଂ ସେମାନଙ୍କ ଗୁରୁତ୍ୱ ଥିବ ବୋଲି ନବୀନ କ୍ଷୋଭ ପ୍ରକାଶ କରି କହିଛନ୍ତି।

### ଦଶମ ଛାତ୍ରୀଙ୍କୁ...

ନାବାଳିକାଜଣଙ୍କ ପଚାରିଥିଲେ। କିନ୍ତୁ ଅଭିଯୁକ୍ତଜଣକ ତାଙ୍କୁ ମଶାଣି ନିକଟରେ ଥିବା ନିଛାଟିଆ ଜଙ୍ଗଲ ଭଳି ହୋଇଥିବା ସ୍ଥାନକୁ ନେଇ ଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ଅନ୍ୟ ୪ଜଣ ଅଜଣା ଲୋକ ସେଠାକୁ ଆସିଥିଲେ। ସେମାନେ ମଧ୍ୟ ନାବାଳିକାଙ୍କୁ ମାଡ଼ ମାରି ଦୁଷ୍କର୍ମ କରିଥିଲେ। ଗଣଦୁଷ୍କର୍ମ ପରେ ପିଇସା ପୀଡ଼ିତା ଝିଆରୀକୁ ଗାଁ ମୁଣ୍ଡରେ ଏକା ଛାଡ଼ିଦେଇଥିଲା। ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣା ପରେ ପୀଡ଼ିତା ନାବାଳିକା ଦୁଃଖରେ ଭାଙ୍ଗିପଡ଼ିବା ସହ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଏ ସମ୍ପର୍କରେ ତାଙ୍କ ମାଇଁ ଜାଣିବା ପରେ ଘଟଣା ପ୍ରଘଟ ହୋଇଥିଲା ଏବଂ ପରେ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଘଟଣାଟି ଗତ ୯ ତାରିଖରୁ ଘଟିଥିଲେ ହେଁ ୧୧ ତାରିଖ ବିଳମ୍ବିତ ରାତିରେ ରାଜନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ରାତାରାତି ପିଇସା ହାପି ମଳିକ ଓ ଏହି ଘଟଣାରେ ସମ୍ପୃକ୍ତ ଥିବା ଗାଁର ଅନ୍ୟ ୪ ଜଣ ଯୁବକଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା କରୁଛି। ୪ ଯୁବକଙ୍କ ମୋବାଇଲ୍ ଜବତ କରି ଯାଞ୍ଚ କରାଯାଉଛି। ଦୁଷ୍କର୍ମର ଫଟୋ ଓ ଭିଡିଓ ଦୁଷ୍କର୍ମକାରୀମାନେ ଉତ୍ତୋଳନ କରି ତାହାକୁ ଭାଇରାଲ କରିବା ସହ ପୀଡ଼ିତାଙ୍କ ଭାଇଙ୍କ ପାଖକୁ ପଠାଇଥିଲେ। ଭାଇ ମୋବାଇଲ୍‌ରେ ଆସିଥିବା ଫଟୋ ଦେଖି ସେ ତାଙ୍କ ଭଉଣୀ ସହ ଦୁଷ୍କର୍ମ ହୋଇଥିବା ଜାଣିବାକୁ ପାଇଥିଲେ। ଦୁଷ୍କର୍ମକାରୀମାନେ ଦୁଷ୍କର୍ମ କରି ଫଟୋ ଉଠାଇ ତାଙ୍କ ଭାଇଙ୍କୁ ପଠାଇବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତାକୁ ପଟ୍ଟାମୁଣ୍ଡାଇ ମେଡିକାଲରେ ଓ ମୁଖ୍ୟ ଅଭିଯୁକ୍ତ ପିଇସାକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଛି ବୋଲି ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ରାଜନଗରରେ ବିକ୍ଷୋଭ ଓ ରାସ୍ତାରୋକ କରାଯାଇଛି। କଂଗ୍ରେସ ଓ ବିଜେଡି ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି।

### ଏଣିକି ସବୁ...

ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ପାଇଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତିର ସୂଚନ ଦେଇଛନ୍ତି। ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନ କରୁନାହାନ୍ତି, ସେମାନଙ୍କୁ ବିଭାଗସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କର କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ। ଏହାପରେ ସରକାରୀ ବ୍ୟବସ୍ଥା ଅନୁସାରେ ଅବସର ପୂର୍ବରୁ ଅବସର ଦେବା ପାଇଁ ପଦକ୍ଷେପ ନିଆଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ସେହିପରି ସରକାରୀ କ୍ରୟ ପ୍ରକ୍ରିୟା, ସେବା ଓ ଦ୍ରବ୍ୟ ବିକ୍ରୟ, ମାନବ ସମ୍ବଳ ପରିଚାଳନା, ଲୋକମାନଙ୍କୁ ସେବା ପ୍ରଦାନ ଏବଂ ପ୍ରବର୍ତ୍ତନ(ଚଢଉ)ରେ ଅନିୟମିତତା ଆଦି ଦୁର୍ନୀତିର ସମ୍ଭାବ୍ୟ କ୍ଷେତ୍ର ବୋଲି ବିବେଚନା କରାଯିବା ସହିତ ଭିଜିଲାନ୍ସ ପ୍ରଶାସନକୁ ସୁଦୃଢ଼ୀକରଣ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ବିଭାଗୀୟ କାର୍ଯ୍ୟ ତଦାରଖ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ପାଇଁ ତଥ୍ୟ ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ (ଚିଫ୍ ମିନିଷ୍ଟର୍ସ ଡ୍ୟାସ୍ ବୋର୍ଡ) କାର୍ଯ୍ୟକାରୀ କରାଯିବା ସଂପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା। ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଭିତ୍ତିଭୂମି ପ୍ରକଳ୍ପ ଗୁଡିକର ମଞ୍ଜୁରୀ ପାଇଁ ଆବଶ୍ୟକ ଭୂ ଅଧିଗ୍ରହଣ, ପିଏମଜି ଓ ପ୍ରଗତିରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସଂପର୍କରେ ଜିଲ୍ଲାପାଳମାନେ ପ୍ରତି ମାସରେ ୭ ତାରିଖ ସୁଦ୍ଧା ଜିଲ୍ଲାସ୍ତରରେ, ସଂପୃକ୍ତ ବିଭାଗୀୟ ମୁଖ୍ୟ ବିଶେଷ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାସର ୧୨ ତାରିଖ ସୁଦ୍ଧା ସମୀକ୍ଷା ବୈଠକ କରିବେ। ପରବର୍ତ୍ତୀ ସମୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ଶେଷ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ ଆସନ୍ତା ଅକ୍ଟୋବର ୧ ତାରିଖରେ ଶୁଭାରମ୍ଭ ହେବା ସଂପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ଅଧିକାରୀମାନଙ୍କର କ୍ଷେତ୍ର ପରିଦର୍ଶନ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଗସ୍ତ କରି ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଛି।

# ବ୍ୟବହାର ହେବନି 'ହରିଜନ' ଶବ୍ଦ

## ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ପାଳନ ହେଉନି ନିୟମ

ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ସମସ୍ତ ସରକାରୀ ରେକର୍ଡ, କାରବାର, ଜାତିଗତ ପ୍ରମାଣପତ୍ର, ପ୍ରକାଶନ ଓ ବିଭାଗୀୟ ନାମକରଣ ସହ ଅନ୍ୟାନ୍ୟ କୌଣସି କ୍ଷେତ୍ରରେ 'ହରିଜନ' ଶବ୍ଦ ବ୍ୟବହାର ହୋଇପାରିବ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି ପରେ ମଧ୍ୟ ଏହି ନିୟମ ପାଳନ ହୋଇପାରୁନାହିଁ।

■ ନିୟମ ପାଳନ ନେଇ ସୁନିଶ୍ଚିତ କରିବାକୁ ପୁନର୍ବାର ନିର୍ଦ୍ଦେଶ
■ ୬ ଟି ଜିଲ୍ଲାରେ ସ୍କୁଲ୍‌ର ନାମ କରଣକୁ ନେଇ ଉଠିଥିଲା ଆପତ୍ତି

ଏହି ସରକାରୀ ନିର୍ଦ୍ଦେଶନାମାର ପାଳନକୁ ସୁନିଶ୍ଚିତ କରିବା ପାଇଁ ମଙ୍ଗଳବାର ପୁଣିଥରେ ରାଜ୍ୟ ଏସ୍‌ଟି ଓ ଏସ୍‌ସି ବିଭାଗ ପକ୍ଷରୁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, କମିସନର ତଥା ସଚିବଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ଲିଖିତ ଚିଠିରେ 'ହରିଜନ' ଶବ୍ଦ ପରିବର୍ତ୍ତେ ସାମ୍ବିଧାନିକ ଶବ୍ଦ "ଅନୁସୂଚିତ ଜାତି"କୁ ବ୍ୟବହାର କରିବାକୁ କୁହାଯାଇଛି।

ନିକଟରେ 'ହରିଜନ' ଶବ୍ଦକୁ ବ୍ୟବହାର କରି ରାଜ୍ୟର ୬ଟି ଜିଲ୍ଲାରେ ବିଭିନ୍ନ ସ୍କୁଲର ନାମକରଣ ରହିଛି। ଏହା ଉପରେ ଆପତ୍ତି ଉଠାଇ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଏକ ମାମଲା ଦାୟର ହୋଇଥିଲା। ଏହାକୁ ବିଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ଆୟୋଗ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ରାଜ୍ୟ ସରକାର ସବୁ ବିଭାଗୀୟ ମୁଖ୍ୟଙ୍କ ସହ ଏହି ନିର୍ଦ୍ଦେଶକୁ ଅନୁପାଳନ କରି ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ୨୦୧୨ ମସିହାରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି 'ହରିଜନ' ଶବ୍ଦ ବ୍ୟବହାର ଉପରେ ରୋକ୍ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୨୦୧୩ ଜାନୁୟାରୀ ୧୦ ତାରିଖରେ ମଧ୍ୟ ଏହି ନିୟମ ଅନୁପାଳନ ପାଇଁ ସବୁ ବିଭାଗକୁ ଚିଠି ଲେଖିଥିଲେ। ଏବେ ପୁଣି ରାଜ୍ୟ ମାନବାଧିକାର ଆୟୋଗ ୨୦୨୫ ଜାନୁୟାରୀ ୩୧ ତାରିଖରେ ମଧ୍ୟ ଏହି ଶବ୍ଦ ବ୍ୟବାହାର ଉପରେ ରୋକ୍ ପାଇଁ ଆଦେଶ ଦେଇଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-୩୪୧ ଅନୁସାରେ ଅନୁସୂଚିତ ଜାତି ବର୍ଗଙ୍କ ନିମନ୍ତେ ଇଂରାଜୀରେ 'ସିଡ୍ୟୁଲ୍ କାଷ୍ଟ' ଓ ଓଡ଼ିଆରେ 'ଅନୁସୂଚିତ ଜାତି' ଶବ୍ଦ ଉପଯୋଗ କରାଯିବ ବୋଲି ଚିଠିରେ କୁହାଯାଇଛି।

୬ଟି ଜିଲ୍ଲା ଯଥା ନୟାଗଡ଼, କଟକ, ପୁରୀ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ସ୍କୁଲଗୁଡ଼ିକ ରହିଛି। ଏହି ସ୍କୁଲ୍‌ର ନାମରେ 'ହରିଜନ' ଶବ୍ଦ ବ୍ୟବହାର ହୋଇଛି। ତେଣୁ ତୁରନ୍ତ ନିଜ ନିଜ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକର ନାମରୁ 'ହରିଜନ'ଶବ୍ଦ ହଟାଇବା ସହ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଥାଉ କି, ଓଡ଼ିଶାର ବହୁଜନ ଛାତ୍ର ଓ ଯୁବ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଅନୀଲ କୁମାର ମଲ୍ଲିକଙ୍କ ଦ୍ୱାରା ଦାଏର ଏକ ମାମଲାର ବିଚାର କରି ଓଡ଼ିଶା ମାନବାଧିକାର ଆୟୋଗ ୨୦୨୫ ଜାନୁୟାରୀ ୩୧ତାରିଖରେ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ।


**ଶପଥପତ୍ର**

ଏହି ଶପଥପତ୍ର ନୋଟାରୀ ପବ୍ଲିକ, ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି ମୁଁ ବିପାସା ସାହୁ, ସ୍ୱାମୀ-ହେମନ୍ତ ସାହୁ, ଗ୍ରାମ-ସିମିଳିସାହି, ଛେଣ୍ଡିପଦା, ଅନୁଗୁଳ, ଜିଲ୍ଲା-ଢେଙ୍କାନାଳ, ଓଡ଼ିଶା, ଘୋଷଣା କରୁଛି କି ମୋର ଏକ ରେଜିଷ୍ଟ୍ରିଭୁକ୍ତ କବଲା ନମ୍ବର-୩୫୩୨, ତା ୦୮.୦୮.୨୦୦୬, ଡିଏସ୍ଆର୍ ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ମୌଜା-ବନମାଳୀପ୍ରସାଦ, ଖାତା ନଂ. ୫୩୫/୧୫୦୫, ପ୍ଲଟ୍ ନଂ. ୧୯୦୮/୪୫୨୬, ଏରିଆ ଏ ୦.୦୮୦ ଡିସିମିଲରେ ଅବସ୍ଥିତ, ଯାହାକି ଢେଙ୍କାନାଳ ଗ୍ରାମ ମାର୍କେଟରେ ତା ୦୨.୦୮.୨୦୨୫ରିଖରେ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଦଲିଲ୍‌ଟିକୁ ପାଇଥାଆନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋବାଇଲ୍ - ୮୪୨୦୦୧୧୯୮୫, ସୋମନାଥ ପଟ୍ଟନାୟକ



**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 12-08-2025 I, Raju Luhar, Address AT- Dabak, PO- Nuagaon, PS- Khunta, Dist- Mayurbhanj, PIN-757104 declare that I have changed the name of my daughter from Priyanka Lohar to Saradha Luhar. Henceforth, she shall be known as Saradha Luhar for all purposes.

Raju Luhar



**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 12-08-2025 I, Ramachandra Tudu, Address At- Astia, PO-Srinathpur, PS- Udala, Dist- Mayurbhanj, Pin-757085 declare that I have changed the name of my daughter from Duni Tudu to Sunita Tudu. Henceforth, she shall be known as Sunita Tudu for all purposes.

Ramachandra Tudu



O-578

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS, DIVISION, ANGUL

E-Mail-rwsangul@yahoo.in
☎ 06764 - 237092
By e-Mail-in-Despatch

**1st Corrigendum to TCN No. AGL-03 / 2025-26 (Road)**

Modification regarding availability of Tender for online bidding for all works under TCN No. AGL-03 / 2025-26 (Road) has been made as follows due to some unavoidable circumstances.

1. Availability of Tender for online bidding from 12.08.2025 (10.00 A.M.) to 19.08.2025 (5.00 P.M.)
2. Last date & time of seeking tender clarification 18.08.2025 (1.00 P.M.)
3. Date & Time of opening 20.08.2025 (11.00 A.M.)

All others term & conditions remain unchanged.

Executive Engineer,
R.W. Division, Angul

OIPR-25096/11/0027/2526



GOVERNMENT OF ODISHA
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, RAYAGADA
(E-mail ID: eemirgd@ymail.com)
NOTICE INVITING TENDER
e-Procurement Notice
e-Procurement Notice No. SEMIDRGD - 01/2025-26
Letter No. 2714 Dated. 11.08.2025

A-492

The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1. | Name of the work | : Improvement to 11 nos. of MIPs in different Block of Rayagada District under Critical Grant for the year 2025-26. |
| 2. | Total Number of works | : 11 (Eleven) Nos. |
| 3. | Estimated cost | : Approximately varies from Rs. 16.95 lakh to Rs. 29.66 lakh. |
| 4. | Period of completion | : Varies from 90 (Ninety) to 120(One Hundred Twenty) Days |
| 5. | Class of Contractor | : "D", "C" & "B" Class Contractor |
| 6. | Date and time of availability of bid documents in the portal | : From 10.00 A.M of 16.08.25 to 5.00 PM of 26.08.2025 |
| 7. | Last date /time for receipt of bids in the portal | : 5.00 PM on 26.08.2025 |
| 8. | Date of opening of bid | : At 11.00 AM on 29.08.2025 in website (www.tendersorissa.gov.in) |
| 9. | Submission of Bids | : Online mode |
| 10. | Name of the Officer inviting Bid | : Superintending Engineer, Minor Irrigation Division, Rayagada |

11. Further details can be seen from the Government of Odisha Website: www.tendersorissa.gov.in

OIPR-32524/11/0024/2526

Superintending Engineer
M.I. Division, Rayagada



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ବି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଚନ୍ଦକା ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ଶାଖା /** **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ପ୍ରଶାନ୍ତ କୁମାର ପାତ୍ର,** ପିତା: ଲକ୍ଷ୍ମୀଧର ପାତ୍ର, **ଠିକଣା-୧:** ସା: ପଣସପୁରପାଟଣା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୨୩, **ଠିକଣା-୨:** ସା: ଗୋପବନ୍ଧୁ ନଗର, ଚାନ୍ଦପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ପିନ୍-୭୫୨୦୨୪ | ଟ.୨୧,୦୬,୧୫୫.୦୦ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୭.୦୫.୨୦୨୫ / ୧୧.୦୮.୨୦୨୫ | **ପ୍ରଶାନ୍ତ କୁମାର ପାତ୍ର,** ପିତା: ଲକ୍ଷ୍ମୀଧର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୦୫/୬୫୪, ପ୍ଲଟ୍ ନଂ.: ୩୮୭/୩୦୪୪, ସମୁଦାୟ କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି, ମୌଜା: ଚାନ୍ଦପୁର, ଥାନା: ଚାନ୍ଦପୁର, ତହସିଲ: ରଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ଏହାର ଚଉହଦିରେ- ଉତ୍ତର: ରାସ୍ତା, ଦକ୍ଷିଣ: ନରସିଂହ ପାତ୍ର, ପୂର୍ବ: ବିକ୍ରେତା (ସମିତା ମହାପାତ୍ର), ପଶ୍ଚିମ: ଇତିଶ୍ରୀ ପ୍ରଧାନ |
| **ଚନ୍ଦକା ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ଶାଖା /** **ଋଣଗ୍ରହୀତା: ଶ୍ରୀ ରହିତ ବେହେରା,** ପିତା: ରଘୁନାଥ ବେହେରା / **ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ରଘୁନାଥ ବେହେରା,** ପିତା: ସ୍ୱ ଫକୀର ବେହେରା, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୨୧୦୯, ମାନସିଂହପୁର, ନାରାୟଣୀ ମନ୍ଦିର ନିକଟ, କୁହୁଡ଼ି-ଚିଲିକା ରୋଡ, ପୋ: ସୋରେନ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୨୭ | ଟ.୮,୭୮,୮୮୭.୫୯ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୭.୦୫.୨୦୨୫ / ୧୧.୦୮.୨୦୨୫ | **ଶ୍ରୀ ରଘୁନାଥ ବେହେରା,** ପିତା: ସ୍ୱ ଫକୀର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୦୨/୧୯୪, ପ୍ଲଟ୍ ନଂ.: ୨୧୦୯, ସମୁଦାୟ କ୍ଷେତ୍ର: ଏକର୦.୦୩୦ଡିସିମିଲି, କିସମ: ଘରବାରି, ମୌଜା: ମାନସିଂହପୁର, ଥାନା: ଟାଙ୍ଗୀ, ଏସ୍ଆରଓ: ଟାଙ୍ଗୀ, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୨୭, ଓଡ଼ିଶା, ଏହାର ଚଉହଦିରେ- ଉତ୍ତର: ହାକୁ ପଲାଇ, ଦକ୍ଷିଣ: ସନାତନ ବେହେରା, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା। |
| **ଜଗତସିଂହପୁର ଶାଖା /** (୧) **ଋଣଗ୍ରହୀତାମାନେ: ୧) ଶ୍ରୀ ଶ୍ରୀକାନ୍ତ ପାତ୍ର,** ପିତା: ସ୍ୱ ବିପିନ ବିହାରୀ ପାତ୍ର, **୨) ଶ୍ରୀ ଶ୍ରୀଧର କୁମାର ପାତ୍ର,** ପିତା: ସ୍ୱ ବିପିନ ବିହାରୀ ପାତ୍ର, ଉଭୟଙ୍କ ବର୍ତ୍ତମାନ ଠିକଣା- ସା: ଦେଉଳିଗ୍ରାମେଶ୍ୱର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩, ସ୍ଥାୟୀ ଠିକଣା- ସା/ପୋ: ଢ଼େରିକି, ଥାନା: ନାଉଗାଁ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୩ / **ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବିନତୀ ପାତ୍ର,** ସ୍ୱାମୀ: ଶ୍ରୀ ଶ୍ରୀକାନ୍ତ ପାତ୍ର, **୨) ଶ୍ରୀମତୀ ସନ୍ଧ୍ୟାରାଣୀ ପାତ୍ର,** ସ୍ୱାମୀ: ଶ୍ରୀଧର କୁମାର ପାତ୍ର, ଉଭୟଙ୍କ ଠିକଣା- ସା: ଦେଉଳିଗ୍ରାମେଶ୍ୱର, ପୋ/ଥାନା/ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩ (ଗୃହ ଋଣ ଆକାଉଣ୍ଟ ନିମନ୍ତେ), (୨) **ଋଣଗ୍ରହୀତାମାନେ: ୧) ମେସର୍ସ ମା ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀକାନ୍ତ ପାତ୍ର, ୨) ଶ୍ରୀ ଶ୍ରୀକାନ୍ତ ପାତ୍ର,** ଉଭୟଙ୍କ ଠିକଣା- ସା: ଦେଉଳିଗ୍ରାମେଶ୍ୱର, ପୋ/ଥାନା/ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩ / **ଜାମିନ୍‌ଦାର: ଶ୍ରୀ ଶ୍ରୀଧର କୁମାର ପାତ୍ର,** ପିତା: ସ୍ୱ ବିପିନ ବିହାରୀ ପାତ୍ର, ସା/ପୋ: ଢ଼େରିକି, ଥାନା: ନାଉଗାଁ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୩ (ବିଜିନେସ କ୍ରେଡିଟ ଫ୍ୟାସିଲିଟିଜ୍-ଡବ୍ଲ୍ୟୁସିଏଫବିଏଲ୍-ସିସି ନିମନ୍ତେ) | ଟ.୨୬,୨୯,୩୪୮.୦୦ (ଗୃହ ଋଣ ଆକାଉଣ୍ଟ ନିମନ୍ତେ) ଏବଂ ଟ.୩୩,୯୨,୮୦୮.୦୦ (ବିଜିନେସ କ୍ରେଡିଟ୍ ଫ୍ୟାସିଲିଟିଜ୍-ଡବ୍ଲ୍ୟୁସିଏଫବିଏଲ୍-ସିସି ନିମନ୍ତେ) + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୫.୦୫.୨୦୨୫ / ୦୮.୦୮.୨୦୨୫ | **ଶ୍ରୀ ଶ୍ରୀକାନ୍ତ ପାତ୍ର,** ପିତା: ସ୍ୱ ବିପିନ ବିହାରୀ ପାତ୍ର ଏବଂ **ଶ୍ରୀ ଶ୍ରୀଧର କୁମାର ପାତ୍ର,** ପିତା: ସ୍ୱ ବିପିନ ବିହାରୀ ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପଟ୍ଟାଦାରୀ ଖାତା ନଂ.: ୫୨୫/୭୩୭, ପ୍ଲଟ୍ ନଂ.: ୭୪୦, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ପ୍ଲଟ୍ ନଂ.: ୭୩୯/୨୧୨୦, କ୍ଷେତ୍ର: ଏକର୦.୦୧ଡିସିମିଲି (ସମୁଦାୟ କ୍ଷେତ୍ର: ଏକର୦.୦୬ଡିସିମିଲି), କିସମ: ଘରବାରି (ଘରବାରି), ମୌଜା: ଦେଉଳିଗ୍ରାମେଶ୍ୱର, ଥାନା: ଜଗତସିଂହପୁର (ଥାନା ନଂ. ୨୪୧), ଡିଏସ୍ଆରଓ/ତହସିଲ: ଜଗତସିଂହପୁର (ତହସିଲ ନଂ. ୨୪୧), ଓଡ଼ିଶା, ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଏସ୍ଆରଓ: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର ଅଧିକାର ଅଧୀନ, ଏହାର ଚଉହଦିରେ- ଉତ୍ତର: ଅଜୟ କୁମାର ମହାରଣା, ଦକ୍ଷିଣ: ଶ୍ରୀ ପ୍ରତାପ କେଶରୀ ମହାନ୍ତି, ପୂର୍ବ: ରାସ୍ତା ଏବଂ ପଶ୍ଚିମ: ଶ୍ରୀ ବୈକୁଣ୍ଠ ମହାପାତ୍ର |

ତାରିଖ: ୧୨.୦୮.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ଇଣ୍ଡିଆ



**AFFIDAVIT**

I, Sajvel Chichkhede s/o Siddthartha Chichkhede resides Udaigiri, Room no.406, Darlipali, NTPC Darlipalli township, Sundargarh, Odisha (770072) have wronged father's name in class 10 and 12th marksheet declared by this affidavit no. 603 dated 28/07/2025 that my father's name shall be known as **SIDDHARTH CHICHKHEDE** for all future purposes.



**AFFIDAVIT**

I Firza Khatun, aged about 60 years, W/o- Golam Mohammad Of Vill - Jayanagar (Munusipatana), Po/Ps- Dhamnagar, Dist.: Bhadrak, Pin-756117, affidavit No 3258-dated 22-05-2025 That I swear this affidavit to place before concerned authority to prove of my name as Firza Khatun & Firoza Khatun, W/o- Golam Mohammad is one & Same person. that I concerned authority for correction of my adhar card mentioning my recorded name.



**NOTICE**

By virtue of an affidavit sworn before The Notary Public, Sunabeda dated 12/08/2025 I, Smt. Manima Majhi, W/o- Jayaram Majhi, Vill.- Mangrel, Po.- Raising, Ps.- Padwa, District- Koraput declare that I have changed my name from **Mani Majhi** to **Manima Majhi**. Henceforth, I shall be known as **Manima Majhi** for all purposes.



**AFFIDAVIT**

By virtue of an affidavit executed before the Executive Magistrate, Athgarh on 22.7.2025 declare the following facts that I Sanjukta Nayak W/o-Ramakant Nayak of Village-Bailo Po- Mahakalbasta Ps- Athgarh Dist. Cuttack . But in my Adhar Card it was recorded as Sanjukta Parida instead of Sanjukta Nayak. Henceforth I will known as Sanjukta Nayak for all purposes.



**AFFIDAVIT**

By virtue of an affidavit sworn before Executive Magistrate, Nandapur, Dist.- Koraput, I Guntha Narayano, S/o- Late Guntha Dhana, resident of Vill.- Daleiput, Po.- Kularsing, Ps.- Padwa, Dist.- Koraput, Odisha, Pin- 764038 state that, I have changed my name from **Narayan Guntha** to **Guntha Narayano**. Henceforth I shall be known as **Guntha Narayano** for all future purposes.



**AFFIDAVIT**

By virtue of an affidavit sworn before The Executive Magistrate, Padampur, on dated- 11/08/2025. I, **Bhabani Patel,** S/o- Soukilal Patel, permanent & current resident of At- Purena, Po- Purena, Dist- Bargarh, PIN- 768036, Odisha declare that I have changed my minor Daughter name from **Sunam Patel** (old name) To **Sonam Patel** (new name). Henceforth, she shall be known as **Sonam Patel** (new name) for all future purposes.

**Bhabani Patel**



**AFFIDAVIT**

I, Kedar Chandra Pattanaik, aged about 65 years, S/o- Bhagirathi Pattnaik resident of At- Flat No-3/1, Block No-C2, Hitech Residency, Madhipur, Kuha, Bhubaneswar, Pin- 751002, Odisha declare by this affidavit No. 1588, dtd. 12/08/2025, that now onwards I shall be known as **KEDAR CHANDRA PATTNAIK** for all future purposes.



**AFFIDAVIT**

By virtue of an affidavit sworn before The Notary Public, Tentulikhunti, Nabarangpur, dated- 11/08/2025. I **Gilgan Samantray**, S/o Late Chitaranjan Samantray, resident of Vill/Po/Ps- Tentulikhunti, Dist- Nabarangpur, Pin- 764070, Odisha declare that I have changed my minor son's name from **Gifson Samantaray** (old name) to **Amlan Bibhav Samantray** (new name). Henceforth, he shall be known as **Amlan Bibhav Samantray** (new name) for all purposes.

**Gilgan Samantray**



**AFFIDAVIT**

By virtue of an affidavit before The Notary Public, Titilagarh, on dated- 12/08/2025. I, **Ketak Tandi** (Applicant name), S/O- Kirti Tandi, Permanent resident of At- Satighat, P.O. Bhatipada, P.S. Titilagarh, Dist- Balangir, (Odisha), PIN- 767042, now residing at the same place affirm that I have changed my minor son's name from **Rehan Tndi** (old name) to **Rehan Tandi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Rehan Tandi** (new name).

**Ketak Tandi**



**AFFIDAVIT**

I, Purusottam Swain, aged about 59 years, S/o- Sanyasi Swain resident of At- Kurulai, Po- Patulisahi, Dist- Ganjam, Pin-761140, Odisha declare by this affidavit No. 1589, dtd. 12/08/2025, that now onwards I shall be known as **PURUSHOTTAM SWAIN** for all future purposes.



**AFFIDAVIT**

By virtue of an affidavit sworn before The Executive Magistrate, Padampur, on dated- 08/08/2025. I, **Niroj Kumar Patel,** S/o- Dala Patel, permanent & current resident of At- Satibhata, Po- Purena, Dist- Bargarh, PIN- 768036, Odisha declare that I have changed my minor son's name from **Joshapal Patel** (old name) To **Jashapal Patel** (new name). Henceforth, he shall be known as **Jashapal Patel** (new name) for all future purposes.

**Niroj Kumar Patel**



# ଭୁବନେଶ୍ୱର ସିଟି

# ମୃତ୍ୟୁ ପରବର୍ତ୍ତୀ ଶରୀରଦାନ | ଅପେକ୍ଷାରେ ୧୦ ହଜାର

ଆଜି ବିଶ୍ୱ ଅଙ୍ଗଦାନ ଦିବସ

ଭୁବନେଶ୍ୱର, ୧୨।୮ (ସମିସ)

ବିଜ୍ଞାନର ଅଭୁପୂର୍ବ ଅଗ୍ରଗତି ସତ୍ତ୍ୱେ ମଣିଷର ଅଙ୍ଗ ତିଆରି କରିବାରେ ଚିକିତ୍ସା ବିଜ୍ଞାନ ସଫଳ ହୋଇନାହିଁ। କିନ୍ତୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଅନ୍ୟ ଶରୀରରୁ (ଜୀବିତ କିମ୍ବା ମୃତ) ଅଙ୍ଗ ସଂଗ୍ରହ ଓ ପ୍ରତିରୋପଣ ଜରିଆରେ ଚିକିତ୍ସା ବିଜ୍ଞାନ ଅନେକ ବାଟ ଆଗେଇ ଯାଇଛି। ମୃତ୍ୟୁ ପରେ ଅଙ୍ଗଦାନ କରିବାର ଗୁରୁତ୍ୱ ଉପରେ ଉତ୍ସାହିତ କରିବା ଏବଂ ଶିକ୍ଷା ଦେବା ଉଦ୍ଦେଶ୍ୟରେ ପାଳନ କରାଉଥିବା

- ଅଙ୍ଗଦାନ ପାଇଁ ସରକାରୀ ପ୍ରୋତ୍ସାହନ ଲୋଡ଼ା
- ହସ୍ପିଟାଲ୍, ଶିକ୍ଷାନୁଷ୍ଠାନରେ ସଚେତନତା ଆବଶ୍ୟକ

ବେଳେ ଏଥିପାଇଁ ସରକାରୀ ପ୍ରୋତ୍ସାହନ ନିତ୍ୟାନ୍ତ ଜରୁରୀ ବୋଲି ମତପ୍ରକାଶ ପାଇଛି। ଅପରପକ୍ଷେ ରାଜ୍ୟରେ ଏପର୍ଯ୍ୟନ୍ତ ୧୦ ହଜାର ଲୋକେ ମୃତ୍ୟୁ ପରବର୍ତ୍ତୀ ଶରୀର ଦାନ ପାଇଁ ପଞ୍ଜୀକରଣ କରିଛନ୍ତି।

ପ୍ରତିବର୍ଷ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହରାଇ ବହୁ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟୁଛି। ବର୍ଷକୁ ପ୍ରାୟ ୨ଲକ୍ଷ ଲୋକେ ଯକୃତ ହରାଇବାରେ ମୃତ୍ୟୁବରଣ କରୁଥିବା ବେଳେ ପ୍ରାୟ ୫୦ ହଜାର ଲୋକଙ୍କର ହୃଦ୍‌ଘାତରେ ପ୍ରାଣ ଯାଉଛି। ସେହିପରି କିଡ୍‌ନୀ, ଅଗ୍ନାଶୟ, ଫୁସଫୁସ, ପାନକ୍ରିଆସ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହରାଇ ପ୍ରାଣ ହରାଉଛନ୍ତି। କିନ୍ତୁ ଏହିସବୁ ଅଙ୍ଗ ଆବଶ୍ୟକତା ଅନୁସାରେ ପ୍ରତିରୋପଣ ହୋଇପାରୁ ନାହିଁ। ତେବେ ଭାରତର ଦ୍ୱିତୀୟ ରାଜ୍ୟ ଭାବେ ଓଡ଼ିଶାରେ ଅଙ୍ଗଦାତାଙ୍କ ମରଶରୀରକୁ



ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯିବା ସହ ଅଙ୍ଗଦାନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ତତ୍କାଳିନ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ 'ସୁରଜ୍ ସମ୍ମାନ' ପ୍ରଦାନ ଆରମ୍ଭ କରିଥିବା ବେଳେ ଭାରତରେ ଏହା ପ୍ରଥମ ଅଟେ। କିନ୍ତୁ ଏହାର ପ୍ରଚାର ପ୍ରସାର ଏବଂ ଅଙ୍ଗଦାନ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି କୁହାଯାଉଛି। ଏନେଇ ଓଡ଼ିଶା ଜୀବନଦାନ ଅଭିଯାନର ସମ୍ପାଦକ ଦେବେନ୍ଦ୍ର ସୂତାର କହିଛନ୍ତି ଯେ ପୂର୍ବରୁ ଓଡ଼ିଶାରେ ଏହି ବ୍ୟବସ୍ଥା ନ ଥିବାରୁ ୨୦୧୨ରେ ପିଆଇଏଲ କରିଥିଲି। ଏହାପରେ ଓଡ଼ିଶା ଆନାଟୋମୀ ଆକ୍ଟ-୧୦୭୦କୁ ସରକାର ପରିବର୍ତ୍ତନ କରିଥିଲେ। ୨୦୧୩ ମସିହାରୁ ଅଙ୍ଗ ନେବା ଆରମ୍ଭ ହୋଇଛି।

ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନରେ ପ୍ରାୟ ୧୦ ହଜାର ବ୍ୟକ୍ତି ଶରୀର ଦାନ ପାଇଁ ପଞ୍ଜୀକରଣ କରିଥିବା ବେଳେ ୨୦୦ ବଡ଼ି ବିଭିନ୍ନ ମେଡ଼ିକାଲ କଲେଜକୁ ପ୍ରଦାନ କରାଯାଇଛି। ଅର୍ଗାନ୍ ଓ ବଡ଼ି ଡୋନେସନ୍ ମଧ୍ୟରେ ପାର୍ଥକ୍ୟ ରହିଛି। ଯେଉଁମାନଙ୍କର ମେଡିକାଲ କଲେଜରେ ବ୍ରେନ୍ ଡେଡ୍ ହୁଏ ସେମାନେ ଅଙ୍ଗ ଦାନ କରିପାରିବେ। କିନ୍ତୁ ବଡି ଡୋନେସନ୍ ପାଇଁ ପୂର୍ବରୁ ରେଜିଷ୍ଟ୍ରେସନ୍ କରିଥାନ୍ତି। କାରଣ ବ୍ରେନ୍ ଡେଡ୍ ହେବା ପରର ଏକ ଗୋଲଡେନ୍ ପିରିୟଡ୍ ରହିଥାଏ। ଯେଉଁ ସମୟ ଅବଧି ମଧ୍ୟରେ ମରଶରୀରୁ ଅଙ୍ଗ କଢ଼ାଯାଇ ଅନ୍ୟ ଜଣଙ୍କ ଶରୀରରେ ପ୍ରତିରୋପଣ କରାଯାଇଥାଏ। କିନ୍ତୁ ଅନେକ କ୍ଷେତ୍ରରେ ଏହା ସମ୍ଭବ ହୋଇନଥାଏ। କାରଣ ମୃତକଙ୍କ ଶରୀର ଗୋଲଡେନ୍ ଟାଇମ୍ ମଧ୍ୟରେ ହସ୍ପିଟାଲରେ ପହଞ୍ଚିପାରେ ନାହିଁ। ଏହାସହ କୌଣସି ଗ୍ରାମାଞ୍ଚଳରେ ଯଦି ମୃତକଙ୍କ ପରିବାର ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଉଥିବା ବେଳେ ମୃତ ଶରୀରକୁ ହସ୍ପିଟାଲ ପହଞ୍ଚାଇବାକୁ ନିଜ ପକେଟ୍‌ରୁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ତେଣୁ ଏଥିପାଇଁ ସରକାରୀ ସ୍ତରରେ ପ୍ରୋତ୍ସାହନ ଦେବା ସହ ଅଙ୍ଗଦାନ ପାଇଁ ସମସ୍ତ ହସ୍ପିଟାଲ, ସର୍ବସାଧାରଣ ସ୍ଥାନରେ ବ୍ୟାପକ ସଚେତନତା କରାଗଲେ ଲୋକଙ୍କ ଆଗ୍ରହ ବୃଦ୍ଧି ପାଆନ୍ତା। ସେହିପରି ଶରୀର ଦାନ (ବଡ଼ି ଡୋନେଟ୍) ଦ୍ୱାରା ଅନେକଙ୍କୁ ନୂତନ ଅଙ୍ଗ ମିଳିବା ସହ ମେଡିକାଲ ଛାତ୍ରଛାତ୍ରୀ ଉପକୃତ ହୋଇପାରନ୍ତେ। ତେଣୁ ମୃତ୍ୟୁପରେ ଶରୀରକୁ ମାଟିରେ ମିଶିବାକୁ ନଦେଇ ଯଦି ମେଡିକାଲ କଲେଜକୁ ଦାନ କରିବାକୁ ସଚେତନ କରାଯିବାର ସମୟ ଆସିଛି ବୋଲି ଶ୍ରୀ ସୂତାର କହିଛନ୍ତି।

ସୂଚନା ଅନୁସାରେ, ଅଙ୍ଗ ପ୍ରତିରୋପଣ ନିମନ୍ତେ ରାଜ୍ୟରେ ମୋଟ୍ ୧୨ଟି ହସ୍ପିଟାଲକୁ ସରକାରୀ ସ୍ୱୀକୃତି ମିଳିଥିବା ବେଳେ ସେଥିମଧ୍ୟରୁ ଭୁବନେଶ୍ୱରରେ ୧୧ଟି ଏବଂ କଟକରେ ଗୋଟିଏ ରହିଛି। ସେହିପରି ଟିସୁ ପ୍ରତିରୋପଣ ନିମନ୍ତେ ଭୁବନେଶ୍ୱର ୨ଟି ହସ୍ପିଟାଲକୁ ସରକାରୀ ସ୍ୱିକୃତୀ ପ୍ରଦାନ କରାଯାଇଛି।

## ଅଙ୍ଗଦାନ ପାଇଁ ସଚେତନତାର ବାର୍ତ୍ତା ବାଣ୍ଟିଲେ ହାଇଟେକ୍‌ର ବିଦ୍ୟାର୍ଥୀ




ଭୁବନେଶ୍ୱର, ୧୨।୮ (ସମିସ): ହାଇଟେକ ମେଡିକାଲ କଲେଜର ଶତାଧିକ ଛାତ୍ରଛାତ୍ରୀ ଅଙ୍ଗଦାନ ପାଇଁ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ଏଥିରେ ହାଇଟେକ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ଫାର୍ମାସୀ କଲେଜ, ଫିଜିଓଥେରାପି କଲେଜ ସହିତ ହାଇଟେକ ଗ୍ରୁପର ଶତାଧିକ ବିଦ୍ୟାର୍ଥୀ ସାମିଲ ହୋଇ ଅଙ୍ଗଦାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ଏକ ପଥପ୍ରାନ୍ତ ସଭାର ଆୟୋଜନ ମଧ୍ୟ ହୋଇଥିଲା। ଏହି ସଚେତନତା ସଭା ମାଷ୍ଟରକ୍ୟାଣ୍ଟିନ ଛକରୁ ରାମ ମନ୍ଦିର ଛକ ପର୍ଯ୍ୟନ୍ତ କରାଯାଇଥିଲା ଛାତ୍ରଛାତ୍ରୀ ମାନେ ହାତରେ ପ୍ଲାକାର୍ଡ ଧରି ପଥଚାରୀଙ୍କୁ ସଚେତନ କରିବା ସହ ସ୍ଥାନେ ସ୍ଥାନେ ପଥପ୍ରାନ୍ତ ନାଟକ ଦ୍ୱାରା ଜନସଚେତନତା ସୃଷ୍ଟି କରିଥିଲେ। କିପରି ଜଣେ ବ୍ୟକ୍ତି ମୃତ୍ୟୁ ପରେ ଶରୀରର ୮ଟି ଅଙ୍ଗ ଦାନ କରି ପାରିବ ଯାହାଦ୍ୱାରା ଅନ୍ୟ ରୋଗୀ ମାନଙ୍କର କେମିତି ଜୀବନ ବଞ୍ଚିପାରିବ ସେ ବିଷୟରେ ଅତିଥିମାନେ ବୁଝାଇଥିଲେ। ଏହି ମାରାଥନରେ ହାଇଟେକ ଗ୍ରୁପ୍‌ର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ, ମନସ୍ତତ୍ତ୍ୱବିଦ ଅମ୍ରିତ ପାଟଯୋଷୀ, ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଶୀତଳ, ଜାତିସଂଘ ଯୁବଗୋଷ୍ଠୀର ପରମାଣୁ ନିରସ୍ତ୍ରୀକରଣ ସଦସ୍ୟ ମୋକ୍ଷା ପାଣିଗ୍ରାହୀ, ହାଇଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଅନୀଲ ପାଣିଗ୍ରାହୀ, ସଂଯୋଜକ ଅଖିଳ ପାଣିଗ୍ରାହୀ, ଦକ୍ଷା ପାଣିଗ୍ରାହୀ, ଅନୁରାଧା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସାମ୍ବାଦିକ ଓ ସମ୍ବାଦପତ୍ରର ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ଓ ସମ୍ବାଦପତ୍ରଗୁଡ଼ିକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ 'ଅଲ ଓଡ଼ିଶା ମିଡିଆ ଆସୋସିଏସନ ପକ୍ଷରୁ ପୁନର୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ସଂଘ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୨ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ଜାନୁଆରୀ ମାସରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଆଗମନ ସମୟରେ ରାଜଭବନରେ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ, ପେନ୍‌ସନ୍ ପାଇଁ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ପତ୍ରରେ କେତେକ ପ୍ରସ୍ତାବ ଦିଆଯାଇଛି। ସରକାରଙ୍କ ସହ ସ୍ମାରକପତ୍ରରେ ଥିବା ଦାବି ଉପରେ ଆଲୋଚନା କରାଯିବ ବୋଲି ବିଭାଗୀୟ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଛନ୍ତି। ସଂଘ ସଭାପତି ସଞ୍ଜୀବ ପଟ୍ଟନାୟକଙ୍କ ସମେତ ଉପଦେଷ୍ଟା ରବିପ୍ରିୟ ଦାଶ, ଆଇନ ପରାମର୍ଶଦାତା ସୌମ୍ୟକାନ୍ତ ସାମନ୍ତରାୟ, ଉପ ସଭାପତି ସରୋଜ ରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଜଗନ୍ନାଥ ପାଢ଼ୀ ଓ କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ପାଳ ପ୍ରମୁଖ ୬ ଜଣିଆ ପ୍ରତିନିଧିମଣ୍ଡଳୀ ନିର୍ଦ୍ଦେଶକଙ୍କୁ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରିବା ସହ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ।

## ଏଏସ୍‌ବିଏମ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଯୁବ ସମ୍ମିଳନୀ



ଭୁବନେଶ୍ୱର, ୧୨।୮ (ସମିସ): ଏଏସବିଏମ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଯୁବ ସମ୍ମିଳନୀ ବା ଓଡ଼ିଶା କନଫରେନ୍ସ ଅଫ ଯୁଥ ୨୦୨୫ ଆରମ୍ଭ ହୋଇଛି। ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ତିନି ଦିନିଆ ପ୍ରମୁଖ କାର୍ଯ୍ୟକ୍ରମରେ ଓଡ଼ିଶା ଏବଂ ଓଡ଼ିଶା ବାହାରୁ ୮୦୦ରୁ ଅଧିକ ଯୁବ ପରିବର୍ତ୍ତନକାରୀ, ଜଳବାୟୁ ପ୍ରବକ୍ତା ଏବଂ ବିଶେଷଜ୍ଞ ଯୋଗ ଦେଇଛନ୍ତି। ଏନେଇ ରାଜ୍ୟପାଳ ଯୁବପିଢ଼ିଙ୍କୁ 'ବିକଶିତ ଭାରତ:୨୦୪୭ର ସ୍ଥପତି' ହେବାକୁ ଆହ୍ୱାନ କରି କହିଥିଲେ ଓଡ଼ିଶା ଏହାର ସଚେତନ, ପ୍ରତିବଦ୍ଧ ଏବଂ ସାହସୀ ଯୁବପିଢ଼ି ପାଇଁ ଗର୍ବିତ। ଆପଣମାନେ ପରମ୍ପରା ସହିତ ଏକ ନବସୃଜନର ନେତୃତ୍ୱ ନେବାକୁ ପ୍ରସ୍ତୁତ। ବିଶ୍ୱକୁ ଦେଖଣାହାରୀଙ୍କର ଆବଶ୍ୟକତା ନାହିଁ ବରଂ ଦୃଢ ନେତୃତ୍ୱର ଆବଶ୍ୟକତା ଅଛି। ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ୱିଲିୟମ୍ ହାନଲନ୍ ଯୁବପିଢ଼ିଙ୍କ ସମ୍ପୃକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ସାଂସ୍କୃତିକ ପ୍ରଦର୍ଶନ, ଜଳବାୟୁ ଶିକ୍ଷା ଏବଂ ସବୁଜ ଉଦ୍ୟୋଗ ଉପରେ ବିଷୟବସ୍ତୁ ଅଧିବେଶନ ଏବଂ ଯୁବ-ନେତୃତ୍ୱାଧୀନ ନବସୃଜନ ପ୍ରଦର୍ଶିତ ଏକ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଫଏସ୍ କେ.ଏସ୍. ପ୍ରଦୀପ, ପରିବେଶବିତ୍ ଅରୁଣ କୃଷ୍ଣମୂର୍ତ୍ତି, ବିଶ୍ୱ ଯୁବ ଜଳବାୟୁ ପ୍ରବକ୍ତା ଜୋହାନ୍ ହୋସଟିଆଲେକ, ଡ. ବିଶ୍ୱଜିତ ପଟ୍ଟନାୟକ, ସୁଜିତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବର୍ଷିଲେ ବିଭୂତି | କଂଗ୍ରେସ ନେତାଙ୍କୁ ବଦନାମ ପାଇଁ ଷଡ଼ଯନ୍ତ୍ର



ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଛି। ନିଯୁକ୍ତି ଓ ବିଭିନ୍ନ ଯୋଗ୍ୟତା ଭିତିକ ପରୀକ୍ଷାରେ ଗୁରୁତ୍ୱର ତ୍ରୁଟି ପରିଲକ୍ଷିତ ହେଉଛି। ଏହା ବିରୋଧରେ ଲଢ଼େଇ କରୁଥିବା ନେତାମାନଙ୍କ ବିରୋଧରେ ରାଜ୍ୟ ସରକାର ବଡ଼ ଷଡ଼ଯନ୍ତ୍ର କରୁଛନ୍ତି ବୋଲି କଂଗ୍ରେସ ମୁଖପାତ୍ର ତଥା ଛାତ୍ରକଂଗ୍ରେସ ନେତା ବିଭୂତିଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଭୂତି କହିଛନ୍ତି ଯେ ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଓ ଏହାର ନେତାମାନେ ନାରୀ ନ୍ୟାୟ ପାଇଁ ସଂଘର୍ଷ କରୁଛନ୍ତି। ଏହାସହିତ ସେ ନିଜେ 'ଷ୍ଟୁଡେଣ୍ଟ ଏଗେନଷ୍ଟ କରପ୍ସନ' ନାମକ ଏକ ମୋର୍ଚ୍ଚା ଖୋଲି ଛାତ୍ରଛାତ୍ରୀ ଓ ନିଯୁକ୍ତି ଆଶାୟୀଙ୍କ ହକ୍ ପାଇଁ ଲଢ଼େଇ କରୁଛନ୍ତି। ବିଭିନ୍ନ ଘଟଣାରେ ସରକାରଙ୍କ ସ୍ୱାର୍ଥରେ ବାଧା ଆସିବା ପରେ ତାଙ୍କ ସ୍ୱରକୁ ଚପାଇ ଦେବା ପାଇଁ ସରକାର ଷଡ଼ଯନ୍ତ୍ର ଆରମ୍ଭ କରିଛନ୍ତି ବୋଲି ବିଭୂତି କହିଛନ୍ତି।

ବିଭୂତି ଆହୁରି କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଓ ବାଲେଶ୍ୱର ସୌମ୍ୟାଶ୍ରୀ ବିଶି ଘଟଣାକୁ ଚପାଇଦେବା ପାଇଁ ଜଣେ ନିର୍ଦ୍ଦିଷ୍ଟ ମନ୍ତ୍ରୀ ତାଙ୍କୁ ଲକ୍ଷାଧିକ ଟଙ୍କା ଦେଇଥିବା ନେଇ ଚର୍ଚ୍ଚା କରାଯାଉଛି। ଏହାସହିତ ଜଣେ ଯୁବତୀଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ମଧ୍ୟ ତାଙ୍କୁ ବଦ୍‌ନାମ ପାଇଁ ଉଦ୍ୟମ ହେଉଛି। ଏହି ଚର୍ଚ୍ଚା କେବଳ କପୋଳକଳ୍ପିତ ଓ ତାଙ୍କ ସ୍ୱରକୁ ଚପାଇବା ପାଇଁ ଏକ ଅପଚେଷ୍ଟା ବୋଲି ସେ କହିଛନ୍ତି। ମାତ୍ର ସେ ଡରିଯିବେ ନାହିଁ। ଯଦି ସରକାରଙ୍କ ସତ୍‌ସାହସ ଅଛି ତାହାଲେ କେଉଁ ମନ୍ତ୍ରୀ ତାଙ୍କୁ ଟଙ୍କା ଦେଇଛନ୍ତି ତାହା ସାର୍ବଜନୀନ କରିବା ସହ ସମ୍ପୃକ୍ତ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ବରଖାସ୍ତ କରନ୍ତୁ ବୋଲି ବିଭୂତି କହିଛନ୍ତି। ଏହାସହିତ ସରକାର ପୁଲିସ ଓ ଇଓଡବ୍ଲୁ ଲଗାଇ ତଦନ୍ତ କରନ୍ତୁ, ସେ ସବୁ ପ୍ରକାର ତଦନ୍ତ ପାଇଁ ପ୍ରସ୍ତୁତ ବୋଲି ମଧ୍ୟ କହିଛନ୍ତି।

## ୧୦ ସରକାରୀ ବିଦ୍ୟାଳୟରେ ଟିଙ୍କର କୋଡିଂ ଲ୍ୟାବ୍

ଭୁବନେଶ୍ୱର, ୧୨।୮ (ସମିସ): କ୍ୟାପଜେମିନି ଏବଂ ଏସଆରଏଫ ଫାଉଣ୍ଡେସନ୍ ମିଳିତ ସହଯୋଗରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନବୀନତାକୁ ପ୍ରୋତ୍ସାହନ ପାଇଁ ଭୁବନେଶ୍ୱରର ୧୦ଟି ସରକାରୀ ବିଦ୍ୟାଳୟରେ 'ଟିଙ୍କର କୋଡିଂ ଲ୍ୟାବ୍' ସ୍ଥାପନ କରାଯାଇଛି। ଆଇଆର୍‌ସି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହାର ଉଦଘାଟନୀ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, କ୍ୟାପଜେମିନିର ଉପାଧ୍ୟକ୍ଷ ଅନୁରାଗ କୁମାର ପ୍ରତାପ, ସତ୍ୟଜିତ ନାଥ, କ୍ୟାପଜେମିନି ଭୁବନେଶ୍ୱର ମୁଖ୍ୟ ଡ. ସୁରେଶ ରେଡ୍ଡି, ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ୯ ଟି ବିଦ୍ୟାଳୟର ମୁଖ୍ୟଶିକ୍ଷକମାନେ ଉପସ୍ଥିତ ଥିଲେ।

## ବାଲିଅନ୍ତା ତହସିଲ ରାଜସ୍ୱ ଅମଲାମାନଙ୍କ ଧାରଣା



ବାଲିଅନ୍ତା, ୧୨।୮ (ସମିସ): ଆଜିବାଲିଅନ୍ତା ବାଲିଅନ୍ତା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ୧୦ ଦଫା ଦାବି ପୂରଣ ନେଇ ଧାରଣାରେ ଦେଇଛନ୍ତି। ଦାବି ପୂରଣ ନହେବା ଯାଏ ଧାରଣା ଜାରି ରହିବ ବୋଲି ଆନ୍‌ଦୋଳନ କାରୀ ରାଜସ୍ୱ ଅମଲା ମାନେ କହିଛନ୍ତି। ଫଳରେ ଏନେଇ ଲୋକମାନେ ହଇରାଣ ହରକତ ହେଉଛନ୍ତି। ୧୦ ଦଫା ଦାବି ପୂରଣ ନେଇ ରାଜ୍ୟ ସରକାର ରାଜସ୍ୱ ଅମଲା ସଂଘ ମଧ୍ୟରେ ଆଲୋଚନା ହୋଇଥିଲା। ହେଲେ ଏହା ମଧ୍ୟରେ ମାସାଧିକ ସମୟ ବିତିଯାଇଥିଲେ ମଧ୍ୟ ଦାବି ପୂରଣ ନହେବାରୁ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଥିବା ଜଣାଯାଇଛି।

## ଲାୟନ୍ସ କ୍ଲବ୍ ଅଫ ଭୁବନେଶ୍ୱର ଲିଙ୍ଗରାଜର ଅଧିଷ୍ଠାନ ଉତ୍ସବ



ଭୁବନେଶ୍ୱର, ୧୨।୮ (ସମିସ): ଲାୟନ୍ସ ଇଣ୍ଟରନ୍ୟାସନାଲ ଏବଂ ଲାୟନ୍ସ ଡିଷ୍ଟ୍ରିକ୍ଟ ୩୨୨ ସି-୪ର ଏକ ନୂତନ କ୍ଲବ ଭାବରେ ଲାୟନ୍ସ କ୍ଲବ ଅଫ ଭୁବନେଶ୍ୱର ଲିଙ୍ଗରାଜର ଚାର୍ଟର ଉପସ୍ଥାପନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଡ. ହେମନ୍ତ କୁମାର ଖୁଣ୍ଟିଆ ଏହି ଚାର୍ଟର ଟି କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଥିଲେ। ପୂର୍ବତନ ଗଭର୍ଣ୍ଣର ଇଂ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସବୁ ସଭ୍ୟମାନଙ୍କୁ ପରିଚିତ କରାଇବା ସହ ସବୁ ନୂତନ କର୍ମକର୍ତ୍ତାମାନଙ୍କୁ ପଦବୀରେ ଅଧିଷ୍ଠାନ କାଇଥିଲେ। ଚଳିତ ବର୍ଷ ପାଇଁ କ୍ଲବ ଚାର୍ଟର ସଭାପତି ଭାବେ ଅମ୍ବିକା ପ୍ରସାଦ ନନ୍ଦ, ସମ୍ପାଦକ ଭାବେ ସୁନୀଲ ମିଶ୍ର, କୋଷାଧ୍ୟକ୍ଷ ଭାବେ ନାରାୟଣ ଚନ୍ଦ୍ର କର ଶପଥ ଗ୍ରହଣ କରିଥିଲେ। ଏହି କ୍ଲବରେ କ୍ଲବର ନିଦର୍ଶକ ଲାୟନ ଡ. ମନୋରଞ୍ଜନ ଭୂୟାଁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଲାୟନ ମନୋଜ ଜେନା ପରିଚାଳନା କରୁଥିବାବେଳେ ରଘୁନାଥ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଏସ୍‌ସିଏମଏଲ୍ ପକ୍ଷରୁ ଟାଙ୍ଗରସାହି ପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୧୨।୮ (ସମିସ): ସ୍କାଇଲ ଫାଉଣ୍ଡେସନ୍ ମୋବାଇଲ ମେଡିକାଲ ଦଳ ସହଯୋଗରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଂଶବିଶେଷ ସୁଭଦ୍ରା କୋଲ୍ ମାଇନିଂ ଲିମିଟେଡ୍ (ଏସସିଏମଏଲ୍) ପକ୍ଷରୁ ଟାଙ୍ଗରସାହି ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସଭାପତି ପ୍ରିୟଙ୍କା ବାରିକ, କାଉସିଡିପା ୱାର୍ଡ ସଦସ୍ୟ କୁମୁଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କରାଯିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ଗଙ୍ଗସାହି, ଗୋବର୍ଦ୍ଧନ ମଲ୍ଲିକ, ସୁଭ୍ରତା ପ୍ରିୟଦର୍ଶିନୀ, ଶିବା ସାହୁ, ସଞ୍ଜିବ ତ୍ରିପାଠୀ, ସୁରଜିତ୍ ଶର୍ମା, ଏସସିଏମଏସ୍‌ର ଅଧିକାରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ରାକେଶ ପଣ୍ଡାଙ୍କୁ 'ଆଦିତ୍ୟ ସେବା ସମ୍ମାନ'



ଭୁବନେଶ୍ୱର, ୧୨।୮ (ସମିସ): ଲେଖନୀ ମାଧ୍ୟମରେ ସମାଜରେ ନିଜର ଶ୍ରେଷ୍ଠ ଅବଦାନ ପ୍ରଦାନ ନିମନ୍ତେ ଯୁବ ସାହିତ୍ୟକ ତଥା ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ ଲେଖକ ବର୍ଗରେ 'ଆଦିତ୍ୟ ସେବା ସମ୍ମାନ-୨୦୨୫' ରେ ସମ୍ମାନିତ କରାଯାଇଛି। ଓଡିଆ କବି ସମ୍ମିଳନୀ-୨୦୨୫ ଅବସରରେ ବିଧାୟକ, ବାବୁ ସିଂ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ, ମୁଖ୍ୟବକ୍ତା ଭାବେ କବି ନିହାର ରଞ୍ଜନ ଦାଶ ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

## ଆଉ ଦିନକ ପରେ ସ୍ୱାଧୀନତା ଦିବସ | ଡାକଘରେ ମିଳୁଛି ଜାତୀୟ ପତାକା

ଭୁବନେଶ୍ୱର, ୧୨।୮ (ସମିସ)

ଆଉ ଦୁଇ ଦିନ ପରେ ଦେଶ ପାଳିବ ୭୯ ତମ ସ୍ୱାଧୀନତା ଦିବସ। ସେଥିପାଇଁ ରାସ୍ତା ଘାଟଠାରୁ ଆରମ୍ଭ କରି ବଜାରରେ ମିଳିଲାଣି ସ୍ୱାଧୀନତା ଦିବସ ସମ୍ବନ୍ଧୀୟ ଉପକରଣ ଓ ତ୍ରିରଙ୍ଗା ପତାକା। 'ହର ଘର ତ୍ରିରଙ୍ଗା' ଅଭିଯାନରେ ସାମିଲ ହୋଇ ଅଫିସଠାରୁ ଆରମ୍ଭ କରି ସ୍କୁଲ, କଲେଜ ଏବଂ ନିଜ ଘରେ ମଧ୍ୟ ଲୋକ ତ୍ରିରଙ୍ଗା ଲଗାଇ ସ୍ୱାଧୀନତା ଦିବସ ପାଳିବେ। ସେହିପରି ଡାକ ବିଭାଗ ମଧ୍ୟ ଏହି ଅବସରରେ ସାମିଲ ହୋଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଲୋକ କେବଳ ଦୋକାନ ବଜାର ନୁହଁ ବରଂ ଡାକଘରୁ ଯାଇ ତ୍ରିରଙ୍ଗା କିଣି ଆଣି ପାରିବେ।

ସ୍ୱାଧୀନତା ଦିବସ ପାଇଁ ଡାକରେ ଏବେ ତ୍ରିରଙ୍ଗା ଉପଲବ୍ଧ ହେଉଛି। ଯେଉଁଠି ବିଭିନ୍ନ ସରକାରୀ ଓ ଘରୋଇ ଅଫିସଠାରୁ ଆରମ୍ଭକରି ସାଧାରଣ ଲୋକ ମଧ୍ୟ ସେଠାରୁ ସୁବିଧାରେ କିଣି ଆଣି ପାରିବେ। ଏହି ବ୍ୟବସ୍ଥା ନୂଆ ନୁହଁ ବରଂ ଗତ ଦୁଇ ତିନି ବର୍ଷ ହେବ 'ହର ଘର ତ୍ରିରଙ୍ଗା' ଅଭିଯାନ ସହ ସାମିଲ ହୋଇ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଡାକ ବିଭାଗ ପକ୍ଷରୁ ଏହି ସୁବିଧା ଦେଶ ସାରା ଉପଲବ୍ଧ ହେଉଥିବା ଜାଣିବାକୁ ମିଳିଛି। ଏଥିରେ ଗୋଟିଏ ତ୍ରିରଙ୍ଗାର ମୂଲ୍ୟ ୨୫ ଟଙ୍କା ସହ ଜିଏସଟି ରହିଛି। ତ୍ରିରଙ୍ଗାର ସାଇଜ ପାଖାପାଖି ୨୦/୩୦ ଥିବାବେଳେ ଏହା ରେଟୋ ଓ ପଲିଷ୍ଟର କପଡ଼ାରେ ତିଆରି ହେଉଛି। ଏଥିସହ ଡାକର ଅନଲାଇନ ୱେବସାଇଟରେ ମଧ୍ୟ ଲୋକ ସିଧାସଳଖ ନିଜ ଠିକଣା ମାଧ୍ୟମରେ ଅର୍ଡର କରୁଛନ୍ତି।

ସୂଚନା ଅନୁଯାୟୀ ଗତ ତିନି ବର୍ଷ ହେବ ସ୍ୱାଧୀନତା ଦିବସ ପୂର୍ବରୁ ଦିଲ୍ଲୀର ଏକ ଘରୋଇ ସଂସ୍ଥାକୁ ତ୍ରିରଙ୍ଗା



ଅନ୍‌ଲାଇନରେ ମଧ୍ୟ ଉପଲବ୍ଧ ହେଉଛି ତ୍ରିରଙ୍ଗା ଝଣ୍ଡା

ତିଆରି ପାଇଁ ଟେଣ୍ଡର ଦିଆଯାଇଥାଏ। ଅର୍ଡର ମୁତାବକ ଦିଲ୍ଲୀରୁ ସବୁ ସ୍ଥାନକୁ ଏହା ପଠାଯାଇଥାଏ। ସାଧାରଣତଃ ଏହା ମୁଖ୍ୟ ଡାକକୁ ପ୍ରଥମେ ଆସିଥାଏ ସେଠାରୁ ଅନ୍ୟ ଶାଖାକୁ ଯାଇଥାଏ। ସେହିପରି ରାଜଧାନୀରେ ମଧ୍ୟ ଏହାର ଝଲକ ଦେଖିବାକୁ ମିଳୁଛି। ପିଏଜି ସ୍ଥିତ ମୁଖ୍ୟ ଡାକରେ ମଧ୍ୟ ତ୍ରିରଙ୍ଗା ପାଇଁ ଅର୍ଡର ଅନୁଯାୟୀ ତ୍ରିରଙ୍ଗା ଆସିସାରିଲାଣି। ଡାକର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଏହି ପ୍ରୟାସ ଗତ ତିନି ବର୍ଷ ହେବ ଆରମ୍ଭ ହୋଇଛି। ସାଧାରଣତଃ ସ୍ୱାଧୀନତା ଦିବସରେ ହିଁ ଅର୍ଡର ଅଧିକ ଆସିଥାଏ। ସାଧାରଣତନ୍ତ୍ର ଦିବସରେ ସେତେ ମାତ୍ରାରେ ଅର୍ଡର ଆସେନି। ଚଳିତ ବର୍ଷ ଅର୍ଡର ଅନୁସାରେ ପାଖାପାଖି ୨ ହଜାର ପତକା ବିଭିନ୍ନ କର୍ମ ସଂସ୍ଥା ଗୁଡିକ ପାଇଁ ଆସିଥିବାବେଳେ ଆହୁରି ୫ ଶହ ପତାକା ସାଧାରଣ ଲୋକଙ୍କ ପାଇଁ ଆସିବାର ଅଛି ବୋଲି ସୂଚନା ରହିଛି।



### ପ୍ଲାଷ୍ଟିକ୍ ତ୍ରିରଙ୍ଗାକୁ ନା' କୁହନ୍ତୁ

ସରକାରଙ୍କ ନିଷିଦ୍ଧ ସତ୍ତ୍ୱେ ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଖୁଲମ୍‌ଖୁଲା ରୂପେ ବିକ୍ରି ଚାଲିଛି ବଣ୍ଡଲ୍ ବଣ୍ଡଲ୍ ପ୍ଲାଷ୍ଟିକ୍ ତ୍ରିରଙ୍ଗା। ବ୍ୟବସାୟୀମାନେ ନିୟମକୁ ଫୁ କରିଚାଲିଥିଲେ ସୁଦ୍ଧା ସେମାନଙ୍କର ତଦାରଖ କରାଯାଉ ନ ଥିବା କୁହାଯାଉଛି। ସୂଚନା ଅନୁସାରେ, ୨୦୧୯, ଅକ୍ଟୋବର ୨ ତାରିଖ ଦିନ ରାଜ୍ୟ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏକକ ବ୍ୟବହାର ପ୍ଲାଷ୍ଟିକ୍ ଓ ଏହାର ଉତ୍ପାଦନ, ବିକ୍ରି ଓ ବ୍ୟବହାର ଉପରେ ନିଷିଦ୍ଧ ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ଏହି ନିୟମ କେବଳ କାଗଜ କଲମରେ ପାଳନ ହେଉଥିବା ଦର୍ଶାଇ ପରିବେଶକର୍ମୀ ସୁଶାନ୍ତ ସାହୁ ପ୍ଲାଷ୍ଟିକ୍ ତ୍ରିରଙ୍ଗା ବିକ୍ରିକୁ ବିଭାଗୀୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଦାବି କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୦.୨୫ ● ପାଉଣ୍ଡ ୧୧୮.୨୯
- ୟୁରୋ ୧୦୧.୩୫ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୭୪୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୨୩୫.୦୦
- ନିଫ୍ଟି ୨୪,୪୮୭.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ଟଳିଲା ଚୀନ-ଆମେରିକା ଶୁଳ୍କ ଯୁଦ୍ଧ**

# ପୁଣି ୯୦ ଦିନ ସମୟ ଦେଲେ ଟ୍ରମ୍ପ୍



ନୂଆଦିଲ୍ଲୀ,୧୨ା୮ (ଏଜେନ୍ସି): ଆମେରିକା ପୁଣିଥରେ ଚୀନ୍ ପ୍ରତି ଦୟା ଦେଖାଇଛି। ଚୀନ୍ ସହିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ ଆମେରିକା ତାକୁ ପୁଣି ଥରେ ଏକ ବଡ଼ ଆଶ୍ୱସ୍ତି ଦେଇଛି। ଶୁଳ୍କ ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚୀନକୁ ଏହି ଆଶ୍ୱସ୍ତି ଦେଇଛନ୍ତି। ପ୍ରକୃତରେ ଚୀନ୍ ଉପରେ ଲାଗିବାକୁ ଥିବା ଟାରିଫ୍ ବା ଶୁଳ୍କକୁ ୯୦ ଦିନ ପାଇଁ ଘୁଞ୍ଚାଇଛନ୍ତି ଟ୍ରମ୍ପ୍। ମଙ୍ଗଳବାର ଟ୍ରମ୍ପ ନିଜ ଟ୍ରୁଥ୍ ସୋସିଆଲ ଆକାଉଣ୍ଟରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ତେବେ ଏହା ବାଦ୍ ଦୁଇ ଦେଶ ମଧ୍ୟରେ ପୂର୍ବରୁ ହୋଇଥିବା ସହମତିକୁ ପୂର୍ବଭଳି ରହିବ ବୋଲି କହିଛନ୍ତି ଟ୍ରମ୍ପ। ଏହି ଘୋଷଣା ଫଳରେ ଦୁନିଆର ଦୁଇ ବଡ଼ ଆର୍ଥିକ ଶକ୍ତି ମଧ୍ୟରେ ଟାରିଫ୍‌କୁ ନେଇ ଯେଉଁ ଯୁଦ୍ଧ ହେବାର ଅନୁମାନ କରାଯାଉଥିଲା ତାହା ଏବେ ଟଳିବା ପରି ମନେହେଉଛି।

ଚୀନ ଉପରେ ପୁଣି ୯୦ ଦିନର ଟାରିଫ୍ ବିରାମ ଆମେରିକା ଏବଂ ଚୀନ ମଧ୍ୟରେ ନିକଟରେ ହୋଇଥିବା ଆଲୋଚନା ପରେ ହୋଇଥିବା ନେଇ ଅନୁମାନ କରାଯାଉଛି। ଜୁଲାଇରେ ସ୍ୱିଡେନ୍‌ରେ ହୋଇଥିବା ଆଲୋଚନା ପରେ ଚୀନ ଉପରେ ବାଣିଜ୍ୟ ଶୁଳ୍କ ଅଗଷ୍ଟ ୧୨ରୁ ଲାଗିବାର ଥିଲା। ଅର୍ଥାତ୍ ୧୨ରୁ ଚୀନ୍‌କୁ ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ପୁଣି ଉଚ୍ଚ ଟିକସ ଲାଗିଥାନ୍ତା। ସୂଚନାଥାଉକି, ଟ୍ରମ୍ପ୍ ଏପ୍ରିଲରେ ଦୁନିଆର ୧୦୦ରୁ ଅଧିକ ଦେଶ ଉପରେ ବଡ଼ ଆକାରର ଶୁଳ୍କ ଲଗାଇଥିଲେ। ଏହି ଶୁଳ୍କ ଚୀନ୍ ଏବଂ ଭାରତ ଉପରେ ମଧ ଲାଗିଥିଲା। ଅବଶ୍ୟ ଅଧିକାଂଶ ଦେଶ ପାଇଁ ଏଥିରେ ୯୦ ଦିନର ବିରାମ ଦିଆଯାଇଛି। ଅବଶ୍ୟ କେବଳ ଉପରେ ଟ୍ରମ୍ପଙ୍କ ଆକ୍ରୋଶ ଅଧିକ ଦେଖିବାକୁ ମିଳିଥିଲା। କାରଣ ଟ୍ରମ୍ପ ଚୀନରୁ ଆସୁଥିବା ସାମଗ୍ରୀ ଉପରେ ଆମେରିକାର ୧୪୫ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲଗାଯିବ ବୋଲି କହିଥିଲେ। ସେହିଭଳି ଚୀନ୍ ମଧ ଆମେରିକା ଉପରେ ଜବାବୀ ଶୁଳ୍କ ୧୨୫%କୁ ବଢ଼ାଇଥିଲା। ଏଥିରେ ବିଶ୍ୱ ବଜାରରେ ଅସ୍ଥିରତା ଉତ୍ପନ୍ନ ହୋଇଥିଲା। ହେଲେ ପରେ ଉଭୟ ଦେଶ ଆଲୋଚନା ମାଧ୍ୟମରେ ଶୁଳ୍କ ଉପରେ ରୋକ ଲଗାଇଥିଲେ। ଆମେରିକା ଚୀନ୍ ଉପରେ ଶୁଳ୍କ ୩୦%କୁ ଆଣିଥିବାବେଳେ, ଚୀନ୍ ଆମେରିକାରୁ ଆମଦାନୀ ଉପରେ ଶୁଳ୍କ ୧୦%କୁ କମାଇଛି।

**ଟ୍ରମ୍ପଙ୍କ ସୂଚନା**

## ସୁନା ଉପରେ ଲାଗିବନି କୌଣସି ଶୁଳ୍କ

ୱାଶିଂଟନ୍,୧୨ା୮ (ଏଜେନ୍ସି): ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଏବଂ ବ୍ରାଜିଲ ସମେତ ଅନେକ ଦେଶ ଉପରେ ୫୦ ପ୍ରତିଶତ ବାଣିଜ୍ୟ ଶୁଳ୍କ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରମ୍ପଙ୍କ ନିର୍ଦ୍ଦେଶ ପରେ ସୁନା ଆମଦାନୀ ଉପରେ ଶୁଳ୍କ ଲାଗିବା ନେଇ ସଂଶୟ ରହିଥିଲା। ଏବେ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ସୁନା ଉପରେ ଲାଗିବନି କୌଣସି ଶୁଳ୍କ ଲାଗିବ ନାହିଁ। ସୁନାକୁ ଶୁଳ୍କ ଯୁଦ୍ଧରୁ ବାହାରେ ରଖାଯିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ ସୁନା ଉପରେ କୌଣସି ଶୁଳ୍କ ଲାଗିବନାହିଁ। ଟ୍ରମ୍ପଙ୍କ ଏହି ଘୋଷଣା ପରେ ତୁରନ୍ତ, ଏମ୍‌ସିଏକ୍ସରେ ସୁନା ମୂଲ୍ୟରେ ସିଧାସଳଖ ପ୍ରାୟ ୧୪୦୦ ଟଙ୍କା ହ୍ରାସ ପାଇଥିଲା। ଆଜି ସୁନା ମୂଲ୍ୟ ମଧ ହ୍ରାସ ଘଟିଛି। ଟ୍ରମ୍ପଙ୍କ ଦ୍ୱାରା ସୁନା ଉପରେ ଶୁଳ୍କ ଲାଗୁ ନ କରିବାର ଘୋଷଣା ଆମେରିକା କଷ୍ଟମ୍ସ ଏବଂ ସୀମା ସୁରକ୍ଷା (ସିବିପି)ର ନିଷ୍ପତ୍ତି ପରେ ସୃଷ୍ଟି ହୋଇଥିବା ଅନିଶ୍ଚିତତାର ଅନ୍ତ ଘଟାଇଛି। ପୂର୍ବରୁ ଏକ କିଲୋଗ୍ରାମ ଏବଂ ୧୦୦ ଆଉନ୍ସର ମାନକ ସୁନା ବାର୍ ଉପରେ ଶୁଳ୍କ ଲାଗୁ ହେବାର ସମ୍ଭାବନା ପ୍ରକାଶ ପାଇଥିଲା। ଟ୍ରମ୍ପଙ୍କ ଘୋଷଣା ପରେ, ଆମେରିକାର ସୁନା ଫ୍ୟୁଚର୍ସ (ଡିସେମ୍ବର ଡେଲିଭରି) ର ମୂଲ୍ୟ ୨.୪ ରୁ ୨.୫ ପ୍ରତିଶତ ହ୍ରାସ ପାଇ ଆଉନ୍ସ ୩,୪୦୪ ରୁ ୩,୪୦୭ ଟଙ୍କାରେ ପହଞ୍ଚିଛି। ସେହି ସମୟରେ, ସ୍ପଟ୍ ସୁନାର ମୂଲ୍ୟ ୧.୨ ପ୍ରତିଶତ ହ୍ରାସ ପାଇ ୩,୩୫୭ରୁ ୩,୩୫୮.୩୩ ଟଙ୍କାରେ ସ୍ଥିର ହୋଇଛି। ଗତ ଗୋଟିଏ ସପ୍ତାହ ଧରି କଳ୍ପନାଜଳ୍ପନା କରାଯାଉଥିଲା ଯେ ସୁନା ଉପରେ ଶୁଳ୍କ ଲଗାଯିବ କି ନାହିଁ। ସୀମା ଶୁଳ୍କ ଏବଂ ସୀମା ସୁରକ୍ଷା ବିଭାଗ ମଧ୍ୟ ସୁନା ଉପରେ ଭାରୀ ଶୁଳ୍କ ଲାଗିବା ନେଇ ଆଶଙ୍କା ପ୍ରକାଶ କରିଥିଲା। ସୁନା ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଯିବାର ଗୁଜବ ଯୋଗୁଁ ଏହାର ମୂଲ୍ୟରେ ଏକ ବଡ଼ ବୃଦ୍ଧି ଦେଖିବାକୁ ମିଳିଥିଲା। ତଥାପି, ପୋଷ୍ଟ ସେୟାର କରି



ନିଜେ ଟ୍ରମ୍ପ ସମସ୍ତ ଗୁଜବର ଅନ୍ତ ଘଟାଇଛନ୍ତି। ଟ୍ରମ୍ପ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ସୁନା ଉପରେ କୌଣସି ଶୁଳ୍କ ଲାଗିବ ନାହିଁ। ଟ୍ରମ୍ପ ଏହା ବ୍ୟତୀତ ଅନ୍ୟ କୌଣସି ସୂଚନା ସେୟାର କରିନାହାଁନ୍ତି। ଟ୍ରମ୍ପଙ୍କ ଏହି ପୋଷ୍ଟ ପରେ ସୁନା ମୂଲ୍ୟ ହ୍ରାସ ପାଇପାରେ। ସୂଚନାଯୋଗ୍ୟ ଯେ ଟ୍ରମ୍ପ ରୁଷରୁ ତେଲ କିଣିବା ନେଇ ଭାରତ ସମେତ ଅନେକ ଦେଶ ଉପରେ ୫୦% ଶୁଳ୍କ ଲାଗୁ କରିଛନ୍ତି। ଭାରତ, ରୁଷ ଏବଂ ବ୍ରାଜିଲ ଭଳି ଅନେକ ଦେଶ ସହିତ ଉତ୍ତେଜନା ମଧ୍ୟରେ ଟ୍ରମ୍ପ ଏହି ଆଶ୍ୱସ୍ତିକର ଖବର ଦେଇଛନ୍ତି।

## ଆଇସିଆଇସିଆଇ ପରେ ସର୍ବନିମ୍ନ ବାଲାନ୍ସ ସୀମା ବଢ଼ାଇଲା ଏଚ୍‌ଡିଏଫ୍‌ସି ବ୍ୟାଙ୍କ

ନୂଆଦିଲ୍ଲୀ,୧୨ା୮ (ଏଜେନ୍ସି): ଆଇସିଆଇସିଆଇ ପରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏହାର ଗ୍ରାହକଙ୍କୁ ଝଟ୍‌କା ଦେଇଛି। ଦେଶର ସବୁଠୁ ବଡ଼ ଘରୋଇ ବ୍ୟାଙ୍କ ଏଚ୍‌ଡିଏଫ୍‌ସି ଏବେ ଜମା ଖାତା ଉପରେ ସର୍ବନିମ୍ନ ବାଲାନ୍ସ ସୀମାରେ ବୃଦ୍ଧି ଘଟାଇଛି। ରିପୋର୍ଟ ଅନୁସାରେ ଏଣିକି ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ଗ୍ରାହକମାନେ ୧୦,୦୦୦ ଟଙ୍କା ପରିବର୍ତ୍ତେ ୨୫୦୦୦ ଟଙ୍କା ସବୁବେଳେ ରଖିବାକୁ ପଡ଼ିବ, ନଚେତ୍ ଏଥିପାଇଁ ଚାର୍ଜ ଦେବାକୁ ପଡ଼ିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଚଳିତବର୍ଷ ଅଗଷ୍ଟ ପହିଲାରୁ ଏହି ନିୟମ ଲାଗୁ କରିଛି।

ଯାହାଫଳରେ ନୂଆ ନିୟମାନୁଯାୟୀ, ଅଗଷ୍ଟ ପହିଲାରୁ ନୂଆ ସଞ୍ଚୟ ଖାତା ଗ୍ରାହକଙ୍କୁ ସର୍ବନିମ୍ନ ୨୫ ହଜାର ଟଙ୍କା ଜମା ରଖିବାକୁ ପଡ଼ିବ। ଏଥିରୁ କମ ରଖିଲେ ବ୍ୟାଙ୍କ ଚାର୍ଜ କାଟିବ।

**ସର୍ବନିମ୍ନ ବାଲାନ୍ସ ୨୫୦୦୦ ଟଙ୍କା ହେଲା**

ଏହି ନିୟମ ସବୁ ବଡ଼ ମେଟ୍ରୋ ଓ ମହାନଗର ନିଗମରେ ଲାଗୁ ହେବ। ଅନ୍ୟପଟେ ସହରାଞ୍ଚଳରେ ସର୍ବନିମ୍ନ ବାଲାନ୍ସ ୧୦ ହଜାର ଟଙ୍କା ରଖିବା ଜରୁରୀ ହୋଇଛି। ଗୋଟିଏ ପଟେ ସରକାରୀ ବ୍ୟାଙ୍କ ଜମା ଖାତାରେ ସର୍ବନିମ୍ନ ବାଲାନ୍ସ ରଖିବା ନିୟମକୁ ହଟାଉଛନ୍ତି, ଅନ୍ୟପଟେ ଘରୋଇ ବ୍ୟାଙ୍କ ଆକାଉଣ୍ଟରେ ସର୍ବନିମ୍ନ ବାଲାନ୍ସ ରଖିବା ସୀମାକୁ ବଢାଉଛନ୍ତି। କିଛି ଦିନ ପୂର୍ବେ ଦେଶର ଅନ୍ୟ ଏକ ବୃହତ ଘରୋଇ ବ୍ୟାଙ୍କ ଆଇସିଆଇସିଆଇ ଜମା ଖାତା ନିୟମ ଓ ସେବା ଚାର୍ଜରେ କିଛି ପରିବର୍ତ୍ତନ କରିଥିଲା। ଆଇସିଆଇସିଆଇରେ ନୂଆ ସେଭିଂ ଆକାଉଣ୍ଟ ଖୋଲିରେ ଏଣିକି ୫୦ ହଜାର ଟଙ୍କାର ସର୍ବନିମ୍ନ ବାଲାନ୍ସ ରଖିବାକୁ ପଡ଼ିବ। ଏହି ନିୟମ କେବଳ ନୂଆ ଖୋଲିବାକୁ ଥିବା ଜମା ଖାତା ଉପରେ ଲାଗୁ ହେବ।

**ଉଦ୍ୟୋଗୀ ସଶକ୍ତୀକରଣର ୪୦ବର୍ଷ ପୂର୍ତ୍ତି ପାଳିଲା ଓସ୍ମି**

## 'ବୃହତ୍ ଶିଳ୍ପ ଏମ୍‌ଏସ୍‌ଏମ୍‌ଇକୁ ପ୍ରାଥମିକତା ଦିଅନ୍ତୁ'



ଭୁବନେଶ୍ୱର ୧୨ା୮ (ସମିସ): ୨୦୨୪-୨୫ରେ ଓଡ଼ିଶା ଭାରତରେ ମୋଟ ନିବେଶର ୪୦% ଆକର୍ଷଣ କରିବା ସହ ୧୨ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ବା ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି। ଦ୍ରୁତ ଶିଳ୍ପାୟନ ଏବଂ ଦୂରଦୃଷ୍ଟିସମ୍ପନ୍ନ ପୂର୍ବୋଦୟ ପ୍ରକଳ୍ପ ସହିତ, ଏମ୍‌ଏସ୍‌ଏମ୍‌ଇ ଏବଂ ଡାଉନଷ୍ଟ୍ରିମ୍ କ୍ଷେତ୍ର ପାଇଁ ଅପାର ସମ୍ଭାବନା ଉନ୍ମୁକ୍ତ ହୋଇଛି। ଅନ୍ତର୍ଭୁକ୍ତ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ବଡ଼ ଶିଳ୍ପଗୁଡ଼ିକ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ପ୍ରାଥମିକତା ଦେବା ଉଚିତ୍ ବୋଲି ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଗଠନ(ଓସ୍‌ମି) ପକ୍ଷରୁ ଏହାର ୪୦ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରି ଶିଳ୍ପ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ କହିଥିଲେ ଯେ , ଓସ୍‌ମି ସମସ୍ତ ୩୧୪ ବ୍ଲକରେ ତାଲିମ ଶିବିର ଆୟୋଜନ କରିବା ସହ କର୍ପୋରେଟଗୁଡ଼ିକୁ ଆଗକୁ ଆସିବା, ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସମର୍ଥନ କରି ସେମାନଙ୍କଠାରୁ କ୍ରୟକୁ ପ୍ରାଥମିକତା ଦିଅନ୍ତୁ। ଏଥିରେ ମୁଖ୍ୟ ଅତିଥି ଭାବେ ଇସ୍ରାଏଲ ଦୂତାବାସ (ନୂଆଦିଲ୍ଲୀ)ର ବରିଷ୍ଠ ଅଧିକାରୀ ମାୟା ଶର୍ମାନ୍ ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ବଢୁଥିବା ଭୂମିକା ଅନୁସନ୍ଧାନ କରିବାରେ ଶିଳ୍ପମୁଖ୍ୟଙ୍କ ସହ ଯୋଗ ଦେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଏବଂ କେନ୍ଦ୍ର ଏମଏସଏମଇ ମନ୍ତ୍ରଣାଳୟର ଏମଏସଏମଇ-ଡିଏଫଓ, ଯୁଗ୍ମ ନିର୍ଦ୍ଦେଶକ ତଥା ଏଚ୍‌ଯୁ ଆଇଇଡିଏସ ପି.କେ ଗୁପ୍ତା ଉପସ୍ଥିତ ଥିଲେ। ଓସ୍‌ମି ପତାକା ଉତ୍ତୋଳନ ପରେ ଓସ୍‌ମି ଅଧକ୍ଷ ଗୌରୀ ଶଙ୍କର ଦାଶ ସଦସ୍ୟ, ସହଯୋଗୀ ଓ ସରକାରୀ ସଂସ୍ଥାଗୁଡ଼ିକର ନିରନ୍ତର ସହଯୋଗ ପାଇଁ ଧନ୍ୟବାଦ ଦେଇଥିବାବେଳେ ଓସ୍‌ମି ମହାସଚିବ ସାତ୍ୱିକ ସ୍ୱାଇଁ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ୫୦୦ରୁ ଅଧିକ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଯୋଗଦେଇଥିଲେ।

## ଅନିଲ ଅମ୍ବାନୀଙ୍କ ସେଟଲମେଣ୍ଟ ଆବେଦନ ଖାରଜ

■ ଲାଗିପାରେ ୧୮୨୮ କୋଟି ଜୋରିମାନା

ନୂଆଦିଲ୍ଲୀ,୧୨ା୮ (ଏଜେନ୍ସି): ଋଣଦାତା ୟେସ୍ ବ୍ୟାଙ୍କରେ କରାଯାଇଥିବା ନିବେଶ ସହିତ ଜଡିତ ଅଭିଯୋଗର ସମାଧାନ ପାଇଁ ଶିଳ୍ପପତି ଅନିଲ ଅମ୍ବାନୀ କରିଥିବା ଆବେଦନକୁ ଆଜି ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ପ୍ରତ୍ୟାଖ୍ୟାନ କରିଛି। ଯାହାଫଳରେ ତାଙ୍କ ଉପରେ ଅତି କମ୍‌ରେ ୧୮୨୮ କୋଟି (୨୦୮.୪ ନିୟୁତ ଡଲାର) ଜୋରିମାନା ଲାଗିପାରେ। ଏହି ମାମଲା ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ମ୍ୟୁଚୁଆଲ୍ ଫଣ୍ଡ ଦ୍ୱାରା ୨୦୧୬-୧୯ ମଧ୍ୟରେ ୟେସ୍ ବ୍ୟାଙ୍କର ଅତିରିକ୍ତ ଟାୟାର-୧ ବଣ୍ଡରେ ୨୧୫୦ କୋଟି (୨୪୫.୩ ନିୟୁତ ଡଲାର) ନିବେଶ ସହିତ ଜଡିତ, ଯାହାକୁ ୨୦୨୦ରେ ବ୍ୟାଙ୍କ ଦେବାଳିଆ ଘୋଷଣା କରିବା ସମୟରେ ରାଇଟ୍ ଅଫ୍ କରାଯାଇଥିଲା। ରିଲାଏନ୍ସ ମ୍ୟୁଚୁଆଲ୍ ଫଣ୍ଡକୁ ୨୦୧୯ରେ ନିପ୍ପନ୍ ଲାଇଫ୍ ଇନସ୍ୟୁରାନ୍ସକୁ ବିକ୍ରି କରାଯାଇଥିଲା ଏବଂ ଅଭିଯୋଗଗୁଡ଼ିକ ଏହି ବିକ୍ରି ପୂର୍ବରୁ ହୋଇଥିଲା। ସେବି ନୋଟିସ୍ ଅନୁଯାୟୀ, ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ ଏହାର ତଦନ୍ତରେ କହିଛି ଯେ ୟେସ୍ ବ୍ୟାଙ୍କରୁ ଅନ୍ୟ ଅନିଲ ଅମ୍ବାନୀ ଗ୍ରୁପର କମ୍ପାନୀଗୁଡ଼ିକୁ ଦିଆଯାଇଥିବା ଋଣ ବଦଳରେ ନିବେଶ କରାଯାଇଥିଲା।

**ହୁରୁନ୍ ଭାରତୀୟ ଦାମୀ ବ୍ୟବସାୟିକ ପରିବାର**

# ଅମ୍ବାନୀ ପରିବାର ସବୁଠୁ ଧନୀ

ନୂଆଦିଲ୍ଲୀ,୧୨ା୮ (ଏଜେନ୍ସି): ଭାରତରେ ପାରିବାରିକ ବ୍ୟବସାୟର ଶକ୍ତି ନିରନ୍ତର ବୃଦ୍ଧି ପାଉଛି। ହୁରୁନ୍ ଇଣ୍ଡିଆର ସବୁଠାରୁ ମୂଲ୍ୟବାନ ପାରିବାରିକ ବ୍ୟବସାୟ (ମୋଷ୍ଟ ଭାଲୁଏବଲ ବିଜନେସ୍) ତାଲିକା ୨୦୨୫ରେ ସେହି ପରିବାରଗୁଡ଼ିକର ସୂଚୀ ପ୍ରକାଶ କରିଛି ଯେଉଁମାନେ କେବଳ ସେମାନଙ୍କର ବ୍ୟବସାୟକୁ ଉଚ୍ଚତାରେ ପହଞ୍ଚାଇ ନ ଥିଲେ, ବରଂ ଭାରତର ଅର୍ଥନୀତିରେ ମଧ ଏକ ବଡ଼ ଯୋଗଦାନ ରଖିଛନ୍ତି। ଏଥିରେ ବିଶେଷ କଥା ହେଉଛି ଯେ ଏହି ତାଲିକାରେ ଅମ୍ବାନୀ ପରିବାର ଚଳିତବର୍ଷ ପୁଣିଥରେ ଶୀର୍ଷ ସ୍ଥାନରେ ରହିଛି। ଏହି ପରିବାରର ପାରିବାରିକ ବ୍ୟବସାୟ ମୂଲ୍ୟ ୨୮ ଲକ୍ଷ କୋଟି ଟଙ୍କା। ଯାହା ଭାରତର ଜିଡିପିର ପ୍ରାୟ ୧୨ ଭାଗ ସହିତ ସମାନ। ଗତବର୍ଷ ମଧ ଅମ୍ବାନୀ ପରିବାର ତାଲିକାର ପ୍ରଥମ ସ୍ଥାନରେ ରହିଥିଲା। ଅନ୍ୟପଟେ କୁମାର ମଙ୍ଗଳମ୍ ବିର୍ଲା ପରିବାର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ପରିବାରର ବ୍ୟବସାୟିକ ମୂଲ୍ୟ ୬.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଜିନ୍ଦଲ ପରିବାର ମଧ ଶ୍ରେଷ୍ଠ ତିନି ସ୍ଥାନ ପାଇଥିବାବେଳେ ସେମାନଙ୍କ ବ୍ୟବସାୟର ମୂଲ୍ୟ ୫.୭ ଲକ୍ଷ କୋଟି ଟଙ୍କା ହୋଇଛି। ବିର୍ଲା ପରିବାର ସିମେଣ୍ଟ ଏବଂ ଧାତୁ ଶିଳ୍ପରେ ଏକ ବଡ଼ ନାମ। ୧୮୫୦ ଦଶକରେ ଆରମ୍ଭ ହୋଇଥିବା ଏହି ବ୍ୟବସାୟକୁ ଏବେ ଚତୁର୍ଥ ପିଢ଼ି ଆଗକୁ ନେଉଛନ୍ତି। ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ସଜ୍ଜନ ଜିନ୍ଦଲଙ୍କ ନେତୃତ୍ୱରେ ଜିନ୍ଦଲ ପରିବାର ୫.୭ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହିତ ତୃତୀୟ ସ୍ଥାନ ହାସଲ କରିଛି। ଧାତୁ ଏବଂ ଖଣି କ୍ଷେତ୍ରରେ ସେମାନଙ୍କର ଦବ୍‌ଦବା ରହିଛି।



**ଭାରତର ୧୦ ଶ୍ରେଷ୍ଠ ଧନୀ ଶିଳ୍ପ ପରିବାର**

| ଶିଳ୍ପ ପରିବାର | ସମ୍ପତ୍ତି ପରିମାଣ (ଲକ୍ଷ କୋଟି ଟଙ୍କାରେ) |
|---|---|
| ଅମ୍ବାନୀ | ୨୮.୨ |
| ବିର୍ଲା | ୬.୫ |
| ଜିନ୍ଦଲ | ୫.୭ |
| ବଜାଜ୍ | ୫.୬ |
| ମହିନ୍ଦ୍ରା | ୫.୪ |
| ନାଦର | ୪.୭ |
| ମୁରୁଗାପ୍ପା | ୨.୯ |
| ପ୍ରେମଜୀ | ୨.୮ |
| ଅନିଲ ଅଗ୍ରୱାଲ୍ | ୨.୬ |
| ଦାନି, ଚୋକସି, ଭାକିଲ୍ | ୨.୨ |

**ରାଜ୍ୟ ଖବର**

# ଟ୍ରକ୍ ପଛରେ ପିଟି ହୋଇ ଜଳିଗଲା କାର୍

ମଙ୍ଗୁଳି/ଟାଙ୍ଗୀ, ୧୨ା୮ (ସମିସ): କାର୍ ପଛରେ ପିଟି ହୋଇ ଜଳିଗଲା କାର୍। ୧୬ନଂ ଜାତୀୟ ରାଜପଥ ନିର୍ଗୁଣ୍ଡି ଓଭରବ୍ରିଜ୍ ଉପରେ ଆଜି ଏହି ଅଘଟଣ ଘଟିଛି। ତେବେ ସୌଭାଗ୍ୟକୁ କାର୍‌ରେ ଥିବା ଗୋଟିଏ ପରିବାରର ୫ଜଣ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି।



**ଅଳ୍ପକେ ବର୍ତ୍ତିଲେ ପରିବାରର ୫ ସଦସ୍ୟ**

ସୂଚନାନୁଯାୟୀ, କୋଲକାତା ପୁରୀଲିଆରୁ ଗୋଟିଏ ପରିବାରର ୫ଜଣ ସଦସ୍ୟ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଆସୁଥିଲେ। କାର୍‌ଟି ନିର୍ଗୁଣ୍ଡି ଓଭରବ୍ରିଜ୍ ଦେଇ ପୁରୀ ଅଭିମୁଖେ ଯାଉଥିବା ବେଳେ ସାମ୍ନାରେ ଥିବା ଏକ ଟ୍ରକ୍‌ଟି ହଠାତ୍ ବ୍ରେକ୍ ମାରିଦେଇଥିଲା। ଫଳରେ କାର୍‌ଟି ଟ୍ରକ୍‌କୁ ପଛପଟୁ ଜୋର୍‌ରେ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଗାଡ଼ି ବୋନେଟ୍‌ରୁ ନିଆଁ ବାହାରି ଗାଡ଼ିଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। କାର୍ ଚାଳକ ଦେବଦତ୍ତ ଦାସ ସେଥିରେ ଗୋଟିଏ ପରିବାରର ୪ ସଦସ୍ୟଙ୍କୁ ଗାଡ଼ିରୁ ଓହ୍ଲାଇବା ସହ ଗାଡ଼ିରେ ଥିବା ତାଙ୍କର ସମସ୍ତ ଜିନିଷପତ୍ର କାଢ଼ି ପକାଇଥିଲେ। ଖବର ପାଇ ଚୌଦ୍ୱାର ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

ଗାଡ଼ିଟି ୫ଶହରୁ ଊର୍ଦ୍ଧ୍ୱ କିଲୋମିଟର ଅତିକ୍ରମ କରିଥିବାରୁ ଇଞ୍ଜିନ୍ ଗରମ ହୋଇଯାଇଥିଲା ଏବଂ ଦୁର୍ଘଟଣା ଯୋଗୁଁ ନିଆଁ ଲାଗିଥାଇପାରେ ବୋଲି ଟ୍ରାଫିକ୍ ଇନ୍ସପେକ୍ଟର୍ ରଞ୍ଜନ କୁମାର ଦୋରା କହିଛନ୍ତି। ଅପରପକ୍ଷେ, ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆମେ ଏକ ବଡ଼ ବିପଦରୁ ଉଦ୍ଧାର ପାଇଛୁ ଏବଂ ଯାହା ହେଲେ ବି ଜଗନ୍ନାଥ ଦର୍ଶନ କରି ଫେରିବୁ ବୋଲି ଆହତ ପରିବାର ସଦସ୍ୟ କହିଛନ୍ତି।

**ଅସହ୍ୟ ଗୁଳୁଗୁଳି**

## ନନ୍ଦନକାନନରେ ୪ ପର୍ଯ୍ୟଟକ ଅସୁସ୍ଥ

ବାରଙ୍ଗ, ୧୨ା୮ (ସମିସ): ମଙ୍ଗଳବାର ଦିନ ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୪ଜଣ ପର୍ଯ୍ୟଟକ ଅସୁସ୍ଥ ହୋଇଛନ୍ତି। ଦୁଇଜଣଙ୍କୁ ନନ୍ଦନକାନନ କର୍ମଚାରୀ ଆଶୁଚିକିତ୍ସା କରିଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, କୋଲକାତାରୁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହ କିଛି ଛାତ୍ରଛାତ୍ରୀ ନନ୍ଦନକାନନ ବୁଲିବାକୁ ଆସିଥିଲେ। ଅପରାହ୍ଣ ପ୍ରାୟ ୨ଟାରେ ପ୍ରାଣୀ ଉଦ୍ୟାନ ବୁଲାବୁଲି କରୁଥିବା ବେଳେ ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁଁ ହଠାତ୍ ୪ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କ ଆଶୁ ଚିକିତ୍ସା କରିଥିଲେ।

■ ଓଡ଼ଗାଁ ଡବଲ ମର୍ଡର ମାମଲା

# ଫାଶୀଦଣ୍ଡ କୋହଳ କଲେ ହାଇକୋର୍ଟ

କଟକ,୧୨ା୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଦୁଇଜଣଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ନିରଞ୍ଜନ ମଲ୍ଲିକକୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଫାଶୀ ଦଣ୍ଡାଦେଶକୁ ଆଜି ହାଇକୋର୍ଟ କୋହଳ କରିଛନ୍ତି। ଅଭିଯୁକ୍ତକୁ ଭାରତୀୟ ପିଙ୍ଗଳ କୋଡ୍(ଆଇପିସି) ଧାରା ୩୦୭/୩୨୫/୩୨୬ ଓ ୪୫୮ରେ ଓଡ଼ଗାଁ ଅତିରିକ୍ତ ଦୌରା ଅଦାଲତଙ୍କ ୨୦୨୪ ଏପ୍ରିଲ୨୪ର ଦଣ୍ଡାଦେଶ ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଅନ୍ୟପଟରେ ଆଇପିସିର ଦଫା ୩୦୨ରେ ଫାଶୀ ଦଣ୍ଡ ବଦଳରେ ଅଭିଯୁକ୍ତକୁ ଯାବତ୍‌ଜୀବନ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ଅଭିଯୁକ୍ତ ଓଡ଼ଗାଁ କୁଶଡ଼ିପି ଗ୍ରାମର ନିରଞ୍ଜନ ମଲ୍ଲିକ ପକ୍ଷରୁ ଓଡ଼ଗାଁ ଅତିରିକ୍ତ ଦୌରାଜଜ୍‌ଙ୍କ ଦୋଷୀ ସାବ୍ୟସ୍ତ ଓ ଫାଶୀ ଦଣ୍ଡାଦେଶକୁ ଚାଲେଞ୍ଜ କରି ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି ରାଉତରାୟ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଆବେଦନକାରୀ ପାଇଁ ଜୀବନକାଳର ଅନ୍ତ ପର୍ଯ୍ୟନ୍ତ ଆଜୀବନ ଜେଲଦଣ୍ଡ ଉଦ୍ଦିଷ୍ଟ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଅନ୍ୟପଟରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଲେଖାଁଏ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି।

**ଯାବତ୍‌ଜୀବନ ଜେଲ୍‌ରେ ରହିବେ ଦୋଷୀ**

ମାମଲାରୁ ପ୍ରକାଶ, ଗତ ୨୦୧୯ ଜାନୁଆରି ୧୭ତାରିଖ ରାତିରେ ଓଡ଼ଗାଁ ପରିବା ମାର୍କେଟ୍‌ରେ ରାତ୍ର ଜଗୁଆଳ ଥିବା ଲୋଚନ ସେଠୀ ଓ ଓଡ଼ଗାଁର ଏକ ଘରୋଇ କ୍ଲିନିକ ପରିସରରେ ଅନ୍ୟ ଜଣେ ବୃଦ୍ଧା ବଦାନୀ ପ୍ରଧାନଙ୍କୁ ନିଶାସକ୍ତ ଅବସ୍ଥାରେ ନିରଞ୍ଜନ କାଠଫାଳିଆରେ ପିଟି ହତ୍ୟା କରିବା ସହ ବଦାନିଙ୍କ ଗର୍ଭବତୀ ଝିଅଙ୍କ ସମେତ ଆଉ ଦୁଇ ଜଣଙ୍କୁ ଆହତ କରିଥିବା ନେଇ ଅଭିଯୋଗ ହୋଇଥିଲା। ୨୦୨୪ ଏପ୍ରିଲ୨୪ରେ ଅଭିଯୁକ୍ତକୁ ୨୭ଜଣ ସାକ୍ଷୀଙ୍କ ବୟାନ ଓ ୯୨ଟି ଦସ୍ତାବିଜ୍ ପ୍ରମାଣ ଆଧାରରେ ଓଡ଼ଗାଁ ଅତିରିକ୍ତ ଦୌରାଜଜ୍ ଫାଶୀଦଣ୍ଡ ପ୍ରଦାନ କରିଥିଲେ।

**ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକାରୀ ପ୍ରସଙ୍ଗ**

# ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ ବଳବତ୍ତର

କଟକ, ୧୨ା୮ (ସମିସ): ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକାରୀ ପ୍ରସଙ୍ଗରେ ରୁଜୁ ମାମଲାରେ ଆଜି ହାଇକୋର୍ଟରେ ରାଜ୍ୟ ସରକାରଙ୍କ ତରଫରୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରାଯାଇଛି। ଏହି ସତ୍ୟପାଠ ଉପରେ ପ୍ରତିଜବାବ ଦାଖଲ ପାଇଁ ଆବେଦନକାରୀଙ୍କୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଏଥିସହ ହାଇକୋର୍ଟ ଗତ ଜୁଲାଇ ୨୨ରେ ଯୋଜନା କାର୍ଯ୍ୟକାରୀ ଉପରେ ଜାରି କରିଥିବା ଅନ୍ତରୀଣ ରହିତାଦେଶ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି। ପୁରୀ ଜିଲ୍ଲା କଣାସ ବ୍ଲକ ଅଞ୍ଚଳର ପ୍ରତାପ ପରିଡ଼ାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆର.କେ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୯କୁ ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ।

ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ସଂପର୍କିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୨୦୨୫, ଜାନୁଆରି ୨୮ର ମୂଳ ବିଜ୍ଞପ୍ତି ଓ ମାର୍ଚ୍ଚ ୨୫ର ଅତିରିକ୍ତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ଏହି ମାମଲା ଦାୟର କରାଯାଇଥିଲା। ଏଥିରେ ଦର୍ଶାଯାଇଛି ଯେ ଏହି ଯୋଜନା କାର୍ଯ୍ୟକାରୀ ପାଇଁ ରଖାଯାଇଥିବା ସର୍ତ୍ତ ସମ୍ବିଧାନର ଧାରା ୨୪୩-କ ଓ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଉଲ୍ଲଂଘନ କରୁଛି। ଏହି ଯୋଜନାରେ ହେଉଥିବା କାର୍ଯ୍ୟରେ ପଞ୍ଚାୟତ ଓ ଗ୍ରାମସଭାର ଭୂମିକାକୁ ଅଣଦେଖା କରାଯାଇଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ଗ୍ରାମସଭାର କ୍ଷମତା ଅପସାରଣ କରାଯାଇଛି। ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅନୁମୋଦନ ଜିଲ୍ଲାପାଳଙ୍କ ସ୍ତରରେ ନିଆଯାଉଛି, ଯାହା ଓଡ଼ିଶା ପଞ୍ଚାୟତ ଆଇନର ମଧ ଉଲ୍ଲଂଘନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ମାମଲାରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଅର୍ଥ ବିଭାଗ ସଚିବ, ପୁରୀ ଜିଲ୍ଲାପାଳ, କଣାସ ବିଡିଓ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବଦେନକାରୀଙ୍କ ତରଫରୁ ଆଇନଜୀବୀ ପ୍ରଣୟ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ବନ୍ଧୁତା ବଦଳରେ ବିବାଦ ବଢ଼ାଉଛି ଚୀନ

## ଏଲ୍ଏସି ନିକଟରେ ନିର୍ମାଣ କରିବ ରେଲ ଲାଇନ୍

ବେଜିଂ, ୧୨।୮(ଏଜେନ୍ସି): ଭାରତ ବନ୍ଧୁତାର ହାତ ବଢ଼ାଉଥିବାବେଳେ ଚୀନ୍ ଏହାକୁ ବିଗାଡିବାକୁ ଚାହୁଁଛି। ଏହି କମ୍ୟୁନିଷ୍ଟ ରାଷ୍ଟ୍ର ପୁଣି ବିବାଦୀୟ ପଦକ୍ଷେପ ନେଇଛି। ସୀମାରେ ଥିବା ଲାଇନ୍ ଅଫ୍ ଆକଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ନିକଟରେ ଚୀନ୍ ଦେଶର ଦୀର୍ଘତମ ରେଳ ଲାଇନ୍ ବିଛାଇବାକୁ ଯୋଜନା କରୁଛି ବୋଲି ଏକ ରିପୋର୍ଟରୁ ଜଣା ପଡ଼ିଛି। ଏହି ରେଳ ଲାଇନ୍ ଦ୍ୱାରା ସିନଜିଆଙ୍ଗ୍ ରାଜ୍ୟର ହୋତାନ ସହ ତିବ୍ବତର ଲାସାକୁ ଯୋଡା ଯିବ। ଚଳିତ ବର୍ଷ ଚୀନ୍ ତା'ର ଏହି ମହତ୍ତ୍ୱାକାଂକ୍ଷୀ ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ। ଲାସାକୁ କେନ୍ଦ୍ର କରି ନିର୍ମାଣ କରାଯିବାକୁ ଥିବା ଏହି ୫ ହଜାର କିମିର ରେଳ ପ୍ରକଳ୍ପ ୨୦୩୫ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି। ଏଥିପାଇଁ ୧୩.୨ ବିଲିୟନ ଡଲାରର ବ୍ୟୟ ବରାଦ କରାଯାଇଛି। ଜିନଜିଆଙ୍ଗ-ତିବ୍ବତ ରେଲୱେ କମ୍ପାନୀ ଏହାର ଠିକା ନେଇଛି।

ପ୍ରସ୍ତାବିତ ଏହି ରେଳ ଲାଇନ୍‌ର ଏକ ଅଂଶ ଅକ୍ସାଇ ଚୀନ୍ ଦେଇଯିବ। ଫଳରେ ଭାରତ ସହିତ ଚୀନ୍‌ର ସମ୍ପର୍କରେ ପୁଣି ତିକ୍ତତା ଦେଖା ଦେବ ବୋଲି ଆଶଙ୍କା କରାଯାଉଛି। ଏହି ପ୍ରକଳ୍ପ ବେଶ୍ ଆହ୍ୱାନପୂର୍ଣ୍ଣ ହେବ। କାରଣ ରଣନୈତିକ ଦୃଷ୍ଟିରୁ ଦୁଇ ଦେଶ ଏଲଏସିକୁ ପ୍ରାଧାନ୍ୟ ଦେଉଛନ୍ତି। ୨୦୦୮ରେ ଏହି ରେଳ ଲାଇନ୍ ବିଛାଇବାକୁ ପ୍ରଥମେ ଯୋଜନା କରାଯାଇଥିଲା। ଅକ୍ସାଇ ଚୀନ୍‌କୁ ନେଇ ଭାରତ ଓ ଚୀନ୍ ମଧ୍ୟରେ ବିବାଦ ରହିଆସିଛି। ତେଣୁ ଏହି ପ୍ରକଳ୍ପ ଭାରତ ପାଇଁ ଡବଲ୍ ଝଟ୍‌କା ସାବ୍ୟସ୍ତ ହୋଇଛି। କାରଣ ଏହି ରେଳ ଅକ୍ସାଇ ଚୀନ୍ ମଧ୍ୟ ଦେଇଯିବ ଏବଂ ଏଲଏସି ନିକଟରେ ରେଳଧାରଣା ବିଛାଯିବ। ଚୀନ୍ ଏହା ମାଧ୍ୟମରେ ସୀମାକୁ ଦ୍ରୁତବେଗରେ ପ୍ରତିରକ୍ଷା ଉପକରଣଠାରୁ ଆରମ୍ଭ କରି ସେନା ପଠାଇ ପାରିବ। ଏହା ପୂର୍ବରୁ ଅକ୍ସାଇ ଚୀନ ଦେଇ ଚୀନ୍‌ର ମେଗା ଭିତ୍ତିଭୂମି ପ୍ରକଳ୍ପ ଜିନଜିଆଙ୍ଗ-ତିବ୍ବତ ହାଇୱେ ଯାଇଥିଲା। ଏହା ଜି୨୧୯ ରାଜପଥ ଭାବେ ପରିଚିତ। ୧୯୬୨ ଯୁଦ୍ଧର ଏହା ପ୍ରମୁଖ କେନ୍ଦ୍ର ଥିଲା।

ଭାରତ ଅକ୍ସାଇ ଚୀନକୁ ନିଜର ଅବିଚ୍ଛେଦ୍ୟ ଅଙ୍ଗ କହୁଛି। ଏ ନେଇ ଐତିହାସିକ ତଥ୍ୟ ଏବଂ ଅତୀତରେ ହୋଇଥିବା ଚୁକ୍ତି ମଧ୍ୟ ପ୍ରମାଣ ରହିଛି। ମାତ୍ର ୧୯୫୦ରୁ ଏହି ଅଞ୍ଚଳ ଚୀନ୍ କବ୍‌ଜାରେ ରହିଛି। ସେହିପରି ଚୀନ୍ ମଧ୍ୟ ଏହି ଅଞ୍ଚଳକୁ ନିଜର ବୋଲି ଦାବି କରିଆସୁଛି। ଗଲୱାନ ସଂଘର୍ଷ ପରଠାରୁ ବିଗିଡ଼ି ଯାଇଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ପାଇଁ ଦିଲ୍ଲୀ-ବେଜିଂ



ପଦକ୍ଷେପ ନେଉଥିବାବେଳେ ଏହି ରେଳ ପ୍ରକଳ୍ପ ରିପୋର୍ଟ ସାମ୍ନାକୁ ଆସିଛି। ଗତ ବର୍ଷ ରୁଷ୍‌ରେ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ଦ୍ୱିପାକ୍ଷିକ ସମ୍ବନ୍ଧକୁ ନେଇ ଆଲୋଚନା ଆରମ୍ଭ କରିଥିଲେ। ଏହା ପରଠାରୁ ଦ୍ୱିପାକ୍ଷିକ ସମ୍ବନ୍ଧରେ ଅଗ୍ରଗତି ଆସିଥିଲା। ଆସନ୍ତା ୩୧ରେ ଏସ୍‌ସିଓ ସମ୍ମିଳନୀରେ ସାମିଲ ହେବାକୁ ମୋଦୀ ବେଜିଂ ଯିବେ। ଅରୁଣାଚଳ ପ୍ରଦେଶ ସୀମାକୁ ଲାଗି ବ୍ରହ୍ମପୁତ୍ର ନଦୀରେ ଚୀନ୍ ବିଶ୍ୱର ବୃହତ୍ତମ ବନ୍ଧ ନିର୍ମାଣ କରୁଥିବାବେଳେ ଅକ୍ସାଇ ଚୀନ୍ ଦେଇ ରେଳ ପ୍ରକଳ୍ପ ଯିବା ପ୍ରସଙ୍ଗ ଦୁଇ ଦେଶର ସମ୍ପର୍କକୁ କି ଦିଗ ଦେଉଛି ତାହା ଦେଖିବା ବାକି ରହିଲା।




ବିହାର ଏସ୍ଆଇଆରକୁ ବିରୋଧ କରି ମିନ୍‌ଟା ଦେବୀଙ୍କ ଫଟୋ ଥିବା ଟିସାର୍ଟ ପିନ୍ଧି ସଂସଦ ବାହାରେ ବିରୋଧୀ ସାଂସଦଙ୍କ ବିକ୍ଷୋଭ

# ମୁନୀରଙ୍କ ପରେ ବିଲାୱଲଙ୍କ ଧମକ



### ସିନ୍ଧୁରେ ବନ୍ଧ ବାନ୍ଧିଲେ ଯୁଦ୍ଧ

### ଫେରାଇ ଆଣିବୁ ୬ ନଦୀ

ଇସଲାମାବାଦ, ୧୨।୮ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ଆମେରିକାରେ ରହି ଭାରତକୁ ପରମାଣୁ ଯୁଦ୍ଧ ଧମକ ଦେଇଛନ୍ତି। ଏପରି କରି ସେ ଆମେରିକାର ପରମାଣୁ ଅସ୍ତ୍ର ଅପସାରଣ ନିୟମକୁ ଭଙ୍ଗ କରିଥିଲେ ହେଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ମୁହଁ ଖୋଲୁ ନାହାନ୍ତି। ଭାରତକୁ ଚିଡ଼ାଇବା ପାଇଁ ଆମେରିକା ଏପରି କରୁଥିବା କୁହାଯାଉଥିବାବେଳେ ଏବେ ପାକିସ୍ତାନର ପୂର୍ବତନମନ୍ତ୍ରୀ ତଥା ପିପୁଲ୍ସ ପାର୍ଟି ନେତା ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଭାରତକୁ ଯୁଦ୍ଧ ଧମକ ଦେଇଛନ୍ତି। 'ଅପରେସନ ସିନ୍ଦୂର'କୁ ନେଇ ଛାନିଆ ହୋଇ ଯାଇଥିବା ପାକିସ୍ତାନ ସିନ୍ଧୁ ନଦୀ ଜଳ ଛାଡିବା ପାଇଁ ଭାରତକୁ ଅନୁରୋଧ କରିଥିବାବେଳେ ବିଲାୱଲ ବନ୍ଧ ନିର୍ମାଣ ନ କରିବା ପାଇଁ କହିଛନ୍ତି। ଯଦି ଭାରତ ସିନ୍ଧୁ ନଦୀରେ ବନ୍ଧ କରେ ତେବେ ସ୍ଥିତି ଯୁଦ୍ଧ ପର୍ଯ୍ୟନ୍ତ ପହଞ୍ଚି ଯିବ ବୋଲି ସେ ଧମକ ଦେଇଛନ୍ତି। କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତ ସରକାର ପାକିସ୍ତାନର ଅଶେଷ କ୍ଷତି ଘଟାଇଛନ୍ତି। ତେଣୁ ଭାରତ ବିରୋଧରେ ଏକାଠି ହେବାକୁ ବିଲାୱଲ ପାକିସ୍ତାନୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରି ଦେଇଥିଲା। ବନ୍ଧ ନିର୍ମାଣ ପାଇଁ ମଧ୍ୟ ଘୋଷଣା କରାଯାଇଛି। ପାଣି ବନ୍ଦ ହୋଇଯିବା ଯୋଗୁଁ ପାକିସ୍ତାନରେ ଏହି ନଦୀର ଜଳସ୍ତର ୮୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ଜଳ ଯୋଗାଣ ଏବଂ କୃଷି କ୍ଷେତ୍ରରୁ ଜଳସେଚନ ପ୍ରଭାବିତ ହୋଇଛି। ଏହାକୁ ନେଇ ପାକିସ୍ତାନ ବିଚଳିତ ହୋଇଯାଇଛି। ତେଣୁ ପାକିସ୍ତାନ ନେତା କ୍ରମାଗତ ଭାବେ ଭାରତକୁ ଏଭଳି ବୃଥା ଧମକ ଦେଇ ଚାଲିଛନ୍ତି। ସିନ୍ଧ ସରକାରଙ୍କ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଲାୱଲ କହିଛନ୍ତି ଯେ ଯଦି ସିନ୍ଧୁ ଚୁକ୍ତିକୁ ଭାରତ ସ୍ଥଗିତ ରଖେ ତେବେ ପାକିସ୍ତାନ ପାଖରେ ଯୁଦ୍ଧ ବ୍ୟତୀତ, କୌଣସି ବିକଳ୍ପ ରହିବ ନାହିଁ। ଭାରତ ବିରୋଧରେ ସ୍ୱର ଉଠାଇ ଅତ୍ୟାଚାରକୁ ବନ୍ଦ କରିବାକୁ ସେ ପାକିସ୍ତାନୀଙ୍କୁ ନିବେଦନ କରିଛନ୍ତି। ଏକାଠି ହୋଇ ଭାରତ ବିରୋଧରେ ଯୁଦ୍ଧ ଲଢିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧ ହେଲେ ଲଢ଼ି ଭାରତ ଠାରୁ ଛଅଟି ନଦୀକୁ ଫେରାଇ ଆଣିବା ବୋଲି ବିଲାୱଲ କହିଛନ୍ତି। ଅନ୍ୟପକ୍ଷରେ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀ ବିଲାୱଲଙ୍କୁ ଜବାବ ଦେଇଛନ୍ତି। ଯଦି ବାରମ୍ବାର ଏପରି ବୟାନ ଆସେ ତେବେ ଆମ ମୁଣ୍ଡ ଖରାପ ହୋଇଯିବ ଏବଂ ପାକିସ୍ତାନ ଉପରେ ଗୋଟିଏ ପରେ ଗୋଟିଏ ବ୍ରହ୍ମୋସ ଛଡ଼ାଯିବ। ଏହା ବ୍ୟତୀତ ଏପରି ଏକ ବନ୍ଧ ନିର୍ମାଣ କରାଯିବ ଯେଉଁଥିରେ ୧୪୦ କୋଟି ଲୋକ ପରିସ୍ରା କରିବେ। ପରେ ଏହି ବନ୍ଧକୁ ଖୋଲିବୁ ଏବଂ ସୁନାମି ଆସିବ। ଏ ସବୁ କେବଳ ବିଲାୱଲଙ୍କ ପାଇଁ କହିଥିବା ମିଥୁନ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ପାକିସ୍ତାନ ସେନାମୁଖ୍ୟ ଅସିମ ମୁନୀର କ୍ରମାଗତ ଭାବେ ଆମେରିକାରୁ ଭାରତ ବିରୋଧରେ ବିଷ ଓଗାଳିବା ଜାରି ରଖିଛନ୍ତି। ସେ ପୁଣି ଭାରତକୁ ଧମକ ଦେଇଛନ୍ତି। ଏବେ ଦେଶର ତୈଳ ଭିତ୍ତିଭୂମିକୁ ନିଶାଣ କରିଛନ୍ତି। ଯଦି ଭବିଷ୍ୟତରେ କୌଣସି ସଂଘର୍ଷ ହୁଏ ତେବେ ଗୁଜରାଟ ଜାମନଗର ସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ରିଫାଇନାରୀକୁ ଆକ୍ରମଣ କରାଯିବ ବୋଲି କହିଛନ୍ତି। ପ୍ରଥମ ଥର ପାଇଁ ପାକିସ୍ତାନର କୌଣସି ସେନା ଅଧିକାରୀ ଭାରତର ତୈଳ ଭିତ୍ତିଭୂମିକୁ ନିଶାଣ କରିବାକୁ ଧମକ ଦେଇଛନ୍ତି। ଫ୍ଲୋରିଡ଼ାର ଟାମ୍ପାରେ ଅନୁଷ୍ଠିତ ଏକ ଘରୋଇ କାର୍ଯ୍ୟକ୍ରମରେ ସେ ଏହି ଟିପ୍ପଣୀ ଦେଇଥିଲେ ବୋଲି ସୂଚନା ମିଳିଛି। ଏଠାରେ ସେ ଭବିଷ୍ୟତର ଯୋଜନା ବିଷୟରେ ବର୍ଣ୍ଣନା କରିଥିଲେ। ସେହିପରି ସେ ବ୍ରୁସେଲ୍ସରେ କହିଛନ୍ତି ଯେ ତାଙ୍କ ପୁଅ ଯଦି ଭାରତ ବିରୋଧରେ ଲଢି ପ୍ରାଣ ହରାଏ ତେବେ ତାଙ୍କ ନାତି ମଧ୍ୟ ଲଢିବ। ସେ ପୁଣିଥରେ କଶ୍ମୀରକୁ ଅନ୍ତର୍ଜାତୀୟ ପ୍ରସଙ୍ଗ କହିଛନ୍ତି। ଏହାକୁ ନେଇ ବ୍ରୁସେଲ୍ସରେ ମୁନୀରଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି।

ରାଜ୍ୟଗୁଡିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଦଣ୍ଡ ଭୋଗି ସାରିଥିବା କଏଦୀଙ୍କୁ ତୁରନ୍ତ ମୁକ୍ତ କର



ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି):ଅନେକ କଏଦୀ ଦଣ୍ଡ ଭୋଗି ସାରିବା ପରେ ବି ଜେଲ୍‌ରେ ଅଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ରାଜ୍ୟ ସରକାରମାନଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡ ଭୋଗି ସାରି ଅନ୍ୟ କୌଣସି ମାମଲାରେ ଦୋଷୀ ନ ହୋଇ ଜେଲ୍‌ରେ ଥିବା କଏଦୀଙ୍କୁ ତୁରନ୍ତ ମୁକ୍ତ କରିବା ନିମନ୍ତେ ରାଜ୍ୟ ସରକାରମାନଙ୍କୁ କହିଛନ୍ତି। ୨୦୦୨ର ନୀତୀଶ କଟାରା ହତ୍ୟାକାଣ୍ଡର ଦୋଷୀ ସୁଖଦେବ ଯାଦବ ଓରଫ ପହଲୱାନଙ୍କୁ ମୁକ୍ତି ନିର୍ଦ୍ଦେଶ ଦେଇ କୋର୍ଟ ଏହି ରାୟ ଶୁଣାଇଛନ୍ତି। ବିଚାରପତି ବିଭି ନାଗାରତ୍ନା ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି ଯେ ୨୦୨୪ ମାର୍ଚ୍ଚରେ ଯାଦବ ୨୦ ବର୍ଷର ଜେଲ୍ ଦଣ୍ଡ ଭୋଗି ସାରିଥିଲେ। ତେଣୁ ତାଙ୍କୁ ସେହି ସମୟରେ ମୁକ୍ତ କରାଯିବା ଉଚିତ ଥିଲା। ଏହି ନିର୍ଦ୍ଦେଶର ନକଲ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବମାନଙ୍କୁ ପଠାଇବାକୁ କୋର୍ଟ କହିଛନ୍ତି। ଯାଞ୍ଚ କରି ଏଭଳି କୌଣସି କଏଦୀ ଜେଲ୍‌ରେ ଅଛନ୍ତି କି ନାହିଁ ଦେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କେହି ଥିଲେ ତୁରନ୍ତ ମୁକ୍ତ କରିବାକୁ କହିଛନ୍ତି। ଦଣ୍ଡ ଭୋଗି ସାରିବା ପରେ କଏଦୀଙ୍କୁ ଜେଲ୍‌ରେ ରଖିବା ଅନୁଚିତ। ତେଣୁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ରାଷ୍ଟ୍ରୀୟ ଏବଂ ଜିଲ୍ଲାର ଆଇନ ସେବା କର୍ତ୍ତୃପକ୍ଷ ନିକଟକୁ ପଠାଇବାକୁ କହିଛନ୍ତି।

କୋର୍ଟ ଜୁଲାଇ ୨୯ ତାରିଖରେ ସୁଖଦେବ ପହଲୱାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଚରଣ ଆଳରେ ଦଣ୍ଡ ସମୀକ୍ଷା ବୋର୍ଡ ତାଙ୍କ ମୁକ୍ତି ଉପରେ ରୋକ ଲଗାଇଥିଲା। ସୁପ୍ରିମକୋର୍ଟ ଏଥିରେ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଥିଲେ ଯେ ଏସ୍ଆରବି କୋର୍ଟ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ କିପରି ଅଣଦେଖା କରିପାରିବେ? ୨୦ ବର୍ଷ ଜେଲଦଣ୍ଡ ପୂରଣ କରିବା ପରେ ଯାଦବଙ୍କୁ ମୁକ୍ତ କରାଯିବା ଉଚିତ ଥିଲା। ଏହାପରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ ଅର୍ଚ୍ଚନା ପାଠକ ଡେଭ ଯୁକ୍ତି ଦେଇଥିଲେ ଯେ ୨୦ ବର୍ଷ ଜେଲ୍‌ଦଣ୍ଡ ପରେ ଆପେ ମୁକ୍ତି ହୋଇପାରିବ ନାହିଁ ଏବଂ ଆଜୀବନ କାରାଦଣ୍ଡ ଅର୍ଥ ସ୍ୱାଭାବିକ ଜୀବନ ପାଇଁ ଜେଲ୍‌ରେ ରହିବା।

## ଲାଡେନର ନୂଆ ଚେହେରା ମୁନୀର

ୱାଶିଂଟନ, ୧୨।୮ (ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀରଙ୍କୁ ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟର ପୂର୍ବତନ ଅଧିକାରୀ ମାଇକେଲ ରବିନ ଆତଙ୍କବାଦୀଙ୍କ ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଅସିମ ମୁନୀର ହେଉଛନ୍ତି ସୁଟ୍ ପିନ୍ଧା ଓସାମା ବିନ୍ ଲାଡେନ। ସେ ନିକଟରେ ଦେଇଥିବା ପରମାଣୁ ଧମକରୁ ପାକିସ୍ତାନ ଗୁଣ୍ଡା ରାଷ୍ଟ୍ର ବୋଲି ଜଣାପଡୁଛି। ଏହା ପୂର୍ବରୁ ଗତ ସପ୍ତାହରେ ଆମେରିକାର ସେନା ଅଧିକାରୀଙ୍କୁ ଭେଟିବା ଅବସରରେ ମୁନୀର କହିଥିଲେ ଯେ ପାକିସ୍ତାନ ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର। ଯଦି ପାକିସ୍ତାନ ବୁଡିବ ତେବେ ନିଜ ସାଥିରେ ଅଧା ଦୁନିଆକୁ ନେଇ ବୁଡିବ। ରୁବିଓ ଏହି ଟିପ୍ପଣୀକୁ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ଏବଂ ଲାଡେନର ବିପଜ୍ଜନକ ବୟାନ ସହ ତୁଳନା କରିଛନ୍ତି। ପାକିସ୍ତାନଠାରୁ ତୁରନ୍ତ ଅଣ-ନାଟୋ ସହଯୋଗୀ ରାଷ୍ଟ୍ର ମାନ୍ୟତା ପ୍ରତ୍ୟାହାର କରିବାକୁ ଆମେରିକା ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହା ସହିତ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ ଘୋଷଣା, ମୁନୀରଙ୍କ ଭିସା ରଦ୍ଦ ପାଇଁ ବିଚାର କରିବା ଉଚିତ। ଆମେରିକାରେ ରହି ଏଭଳି ମନ୍ତବ୍ୟ ଦେଉଥିବା ମୁନୀରଙ୍କୁ ତୁରନ୍ତ ଦେଶରୁ ବାହାର କରିବାର ଥିଲା ବୋଲି ରୁବିଓ କହିଛନ୍ତି।

# ପୁନଃ ପ୍ରତିଷ୍ଠା ହେବନି ଧରାଳି ଗାଁ

### ସମ୍ବେଦନଶୀଳ ଅଞ୍ଚଳରେ ହେବନି ନୂଆ ନିର୍ମାଣ

### ୪୩ ଜଣ ଏବେ ବି ନିଖୋଜ: ସରକାର



ଡେରାଡୁନ, ୧୨।୮ (ଏଜେନ୍ସି): ବାଦଲ ଫଟା ବର୍ଷା ପରେ ଅଚାନକ ଆସିଥିବା ବନ୍ୟାରେ ଧ୍ୱଂସ ଉତ୍ତରକାଶୀ ଧରାଳି ଗାଁର ପୁନଃ ପ୍ରତିଷ୍ଠା ହେବ ନାହିଁ। ଏହି ଗାଁକୁ ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନଦୀ କୂଳରେ ଏବଂ ଭୂସ୍ଖଳନ ସମ୍ବେଦନଶୀଳ ଅଞ୍ଚଳରେ କୌଣସି ନୂଆ ନିର୍ମାଣ କାର୍ଯ୍ୟ ମଧ୍ୟ କରାଯିବ ନାହିଁ। ଏଭଳି ବିପଜ୍ଜନକ କ୍ଷେତ୍ରରେ ଥିବା ଗାଁକୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ସୂଚନା ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ଧରାଳି ତିନି ଥର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲାଣି। ପ୍ରତି ଥର ଗାଁ ଧ୍ୱଂସ ହୋଇଯାଇଛି। କିନ୍ତୁ ଗ୍ରାମବାସୀ ପୁଣିଥରେ ନୂତନ ଗାଁ ନିର୍ମାଣ କରି ରହିଛନ୍ତି।

ଗତ ୫ ତାରିଖରେ ଦ୍ୱିପହରେ ଧରାଳି ନିକଟସ୍ଥ ପାହାଡ଼ରେ ବାଦଲ ଫଟା ବର୍ଷା ପରେ ଗଙ୍ଗା ନଦୀରେ ବନ୍ୟା ଆସିବା ଯୋଗୁଁ ୩୪ ସେକେଣ୍ଡ ମଧ୍ୟରେ ଧରାଳି ମାଟିରେ ମିଶି ଯାଇଥିଲା। ୭ ଦିନ ବିତି ଯାଇଥିଲେ ମଧ୍ୟ ଗାଁରେ ଏବେ ବି ଲକ୍ଷ ଲକ୍ଷ ଟନ ଅବଶେଷ ଗଦା ହୋଇ ରହିଛି। ସ୍ଥିତି ଏଭଳି ହୋଇଛି ଯେ ପୂର୍ବରୁ ଏଠାରେ କୌଣସି ଜନବସତି ନ ଥିଲା ପରି ଲାଗୁଛି। ଆହୁରି ୪୩ ଲୋକ ନିଖୋଜ ଅଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ତେବେ ୬୦ରୁ ଅଧିକ ଏବେ ବି ନିଖୋଜ ଅଛନ୍ତି ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି। ଏହା ମଧ୍ୟରେ ବିସ୍ଥାପନ ପାଇଁ ଲୋକଙ୍କ ସହ ଆଲୋଚନା ଆରମ୍ଭ କରାଯାଇଛି ବୋଲି ଅନୁ ସଚିବ ବଂଶୀଧର ତିୱାରୀ କହିଛନ୍ତି। ୮ରୁ ୧୨ କିମି ଦୂର ଲଙ୍କା, କୋପାଙ୍ଗ କିମ୍ବା ଜାଙ୍ଗଲାରେ ଗାଁ ନିର୍ମାଣ କରାଯାଉ ବୋଲି ଲୋକେ ଚାହୁଁଛନ୍ତି। ସେହିପରି ହର୍ଷିଲରେ ଆସିଥିବା ବିପର୍ଯ୍ୟୟରେ ସେନା କ୍ୟାମ୍ପ ଭାସି ଯାଇଛି। ତେଣୁ ନୂଆ କ୍ୟାମ୍ପ ପ୍ରତିଷ୍ଠା ଲାଗି ସେନା ଶ୍ରୀଖଣ୍ଡ ପର୍ବତ ଏବଂ ଏହାର ଆଖପାଖରେ ଥିବା ଗ୍ଲାସିୟର, ହ୍ରଦର ରେକି କରିବ।

ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା

## ମହାଭିଯୋଗ ପାଇଁ ୩ ଜଣିଆ କମିଟି ଗଠିତ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ମଞ୍ଜୁରି ଦେଇଛନ୍ତି। ରବିଶଙ୍କର ପ୍ରସାଦ ଏବଂ ବିରୋଧୀ ନେତାଙ୍କ ସମେତ ମୋଟ ୧୪୬ ସଦସ୍ୟଙ୍କ ପ୍ରସ୍ତାବ ମିଳିଛି ବୋଲି ସେ କହିଛନ୍ତି। ଏଥିରେ ଜଷ୍ଟିସ ବର୍ମାଙ୍କୁ ପଦରୁ ହଟାଇବାକୁ ଦାବି କରାଯାଇଛି। ଏହି ମାମଲାର ଯାଞ୍ଚ ପାଇଁ ବାଚସ୍ପତି ତିନି ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଏହି କମିଟିରେ ସୁପ୍ରିମକୋର୍ଟ ବିଚାରପତି ଅରବିନ୍ଦ କୁମାର, ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି ମନିନ୍ଦର ମୋହନ ଶ୍ରୀବାସ୍ତବ ଏବଂ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଓକିଲ ବିଭି ଆଚାର୍ଯ୍ୟ ସାମିଲ ଅଛନ୍ତି। ଯାଞ୍ଚ କମିଟିର ରିପୋର୍ଟ ଆସିବା ପର୍ଯ୍ୟନ୍ତ ଏହି ମହାଭିଯୋଗ ପ୍ରସ୍ତାବକୁ ସ୍ଥଗିତ ରହିବ।

## ସ୍ୱାଧୀନତା ଦିବସ ପୂର୍ବରୁ ବଡ଼ ଧରଣର ବିସ୍ଫୋରଣ ଯୋଜନା ପଣ୍ଡ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ସ୍ୱାଧୀନତା ଦିବସ ପୂର୍ବରୁ ନୂଆଦିଲ୍ଲୀ ଏବଂ ମଧ୍ୟପ୍ରଦେଶ ଗ୍ୱାଲିୟରରେ ବୋମା ବିସ୍ଫୋରଣ ଯୋଜନାକୁ ରାଜସ୍ଥାନ ପୁଲିସ ପଣ୍ଡ କରିଦେଇଛି। ମୁମ୍ବାଇର ବାବା ସିଦ୍ଦିକି ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ଜୀଶାନ ଅଖତରର ନିର୍ଦ୍ଦେଶରେ ଏହି ଷଡ଼ଯନ୍ତ୍ର କରାଯାଇଥିଲା। ସେ କାନାଡ଼ାରୁ ଏହି ନିର୍ଦ୍ଦେଶ ଦେଇଥିଲା। ଏହି ଷଡ଼ଯନ୍ତ୍ର କରିଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଛଅ ଜଣ ସଦସ୍ୟଙ୍କୁ ପୁଲିସ ଗିରଫ କରିଛି। ଏମାଙ୍କ ମଧ୍ୟରେ ତିନି ଜଣ ନାବାଳକ ସାମିଲ ଅଛନ୍ତି। ଏହି ଅଭିଯୁକ୍ତମାନେ ଜୁଲାଇ ୬ରେ ପଞ୍ଜାବରେ ଗ୍ରେନେଡ୍ ବିସ୍ଫୋରଣ କରି ରାଜସ୍ଥାନରେ ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ଏହି ଅପରାଧୀ ଅଗଷ୍ଟ ୧୫ରେ ନୂଆଦିଲ୍ଲୀ ଏବଂ ଗ୍ୱାଲିୟରରେ ବୋମା ବିସ୍ଫୋରଣ ଷଡ଼ଯନ୍ତ୍ର କରିଥିଲେ।

## ଆସନ୍ତା ମାସରୁ ଭାରତ-ଚୀନ୍ ମଧ୍ୟରେ ପ୍ରତ୍ୟକ୍ଷ ବିମାନ ସେବା

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଆସନ୍ତା ମାସ ପ୍ରାରମ୍ଭରୁ ଭାରତ ଏବଂ ଚୀନ୍ ପ୍ରତ୍ୟକ୍ଷ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ବ୍ଲୁମବର୍ଗ ରିପୋର୍ଟରେ ଏହି ଦାବି କରାଯାଇଛି। ଏହି ପଦକ୍ଷେପକୁ ଦୁଇ ଦେଶ ମଧ୍ୟରେ ସମ୍ବନ୍ଧର ସୁଧାରର ସଙ୍କେତ ଭାବେ ଦେଖାଯାଉଛି। ରିପୋର୍ଟ ଅନୁଯାୟୀ ଚୀନ୍‌କୁ ତୁରନ୍ତ ଉଡ଼ାଣ ସେବା ଆରମ୍ଭ ପାଇଁ ପ୍ରସ୍ତୁତି କରିବାକୁ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଭଳି ଏୟାରଲାଇନ୍ସଙ୍କୁ ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। କରୋନା ସମୟରୁ ଏହି ସେବା ବନ୍ଦ ରହିଥିଲା।

## ବଲୋଚ ବିଦ୍ରୋହୀଙ୍କୁ ଆତଙ୍କବାଦୀ ଘୋଷଣା କଲା ଆମେରିକା

ୱାଶିଂଟନ, ୧୨।୮ (ଏଜେନ୍ସି): ପାକିସ୍ତାନ ସହ ଆମେରିକା ସମ୍ବନ୍ଧ ବଢ଼ାଇ ଚାଲିଛି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଏକ ନିଷ୍ପତ୍ତିରୁ ଏହାର ଆଭାସ ମିଳିଛି। ଆମେରିକା ଗୃହ ବିଭାଗ ସୋମବାର ପାକିସ୍ତାନର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ବଲୋଚ ଲିବରେସନ ଆର୍ମୀ (ବିଏଲଏ) ତଥା ମାଜିଦ ବ୍ରିଗେଡକୁ ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ଏହା ୱାଶିଂଟନର ଆତଙ୍କବାଦୀ ବିରୋଧୀ ଲଢେଇକୁ ଦର୍ଶାଉଛି ବୋଲି କୁହାଯାଇଛି। ବିଏଲଏ ପାକିସ୍ତାନ ସରକାର ଏବଂ ସେନାର ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଏହି ସଂଗଠନ ବଲୋଚିସ୍ତାନର ସ୍ୱାଧୀନତା ପାଇଁ ଲଢେଇ କରୁଛି।

## ଝିଅ ଜନ୍ମ ହେବାରୁ ୨୧ ଗାଁକୁ ଭୋଜିଦେଲେ ବାପା

ଜିନ୍ଦ, ୧୨।୮ (ଏଜେନ୍ସି): ଘରେ ଝିଅ ଜନ୍ମ ହେବାରୁ ହରିୟାଣା ଜିନ୍ଦର ଥୁଆ ଗ୍ରାମର ଏକ ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ଘରକୁ ଲକ୍ଷ୍ମୀ ଆସିଥିବା ଖୁସିରେ ବାପାମାଆ ଭବ୍ୟ ଆୟୋଜନ କରିଛନ୍ତି। ଏହା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ଗାଁ ନୁହେଁ, ଆଖପାଖର ୨୧ ଖଣ୍ଡ ଗାଁକୁ ଦମ୍ପତି ଭୋଜି ଦେଇଛନ୍ତି। ୨୪ ଗାଁର ମୁଖ୍ୟଙ୍କ ସହିତ ୮ ହଜାରରୁ ଅଧିକ ଲୋକ ଭୋଜି ଖାଇ ଶିଶୁକନ୍ୟାକୁ ଆଶୀର୍ବାଦ କରିଛନ୍ତି। ଶିଶୁକନ୍ୟାର ବାପା ସୁରେନ୍ଦ୍ର କାଲିରମଣ ସମାଜକୁ ବଡ଼ ବାର୍ତ୍ତା ଦେଇଛନ୍ତି। ପୁଅ ଏବଂ ଝିଅ ଉଭୟେ ସମାନ ବୋଲି କହିଛନ୍ତି। ସୂଚନା ଅନୁଯାୟୀ ଦୀର୍ଘ ୧୯ ବର୍ଷ ପରେ କାଲିରମଣ ବାପା ହୋଇଛନ୍ତି।

## ସୁପ୍ରିମକୋର୍ଟଙ୍କ 'ବୁଲା କୁକୁର' ନିର୍ଦ୍ଦେଶକୁ ତୀବ୍ର ବିରୋଧ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରୁ ସବୁ ବୁଲା କୁକୁରଙ୍କୁ ହଟାଇବା ପାଇଁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, ପୂର୍ବତନ ବିଜେପି ସାଂସଦ ମେନକା ଗାନ୍ଧୀଙ୍କ ସହିତ ଜାହ୍ନବୀ କପୁର, ବରୁଣ ଧାୱନ, ଜନ୍ ଆବ୍ରାହାମ, ମଲାଇକା ଆରୋରା ଏବଂ କ୍ରିକେଟର ରୋହିତ ଶର୍ମାଙ୍କ ପତ୍ନୀ ରିତିକା ସାଜଦେ ପ୍ରମୁଖ ବିରୋଧ କରିଛନ୍ତି। ନିରୀହ ପଶୁ କୌଣସି ସମସ୍ୟା ନୁହଁନ୍ତି ଏବଂ କୁକୁରଙ୍କୁ ହଟାଇବା କ୍ରୂରତା ବୋଲି ରାହୁଲ କହିଛନ୍ତି। ମେନକା କହିଛନ୍ତି ଯେ ପ୍ୟାରିସ ସରକାର ବି ଦିନ ଏଭଳି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସ୍ଥିତି ବିଗିଡ଼ା ମୂଷା ଉତ୍ପାତ ଆରମ୍ଭ କରିବାରୁ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଇଥିଲା। ସେହିପରି ଜାହ୍ନବୀଙ୍କ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ପାଇଁ କୁକୁର ବିପଦ, କିନ୍ତୁ ଆମେ ହୃତ୍‌ସ୍ପନ୍ଦନ। କୁକୁରଙ୍କୁ ଦଣ୍ଡ ଦେବା ବଦଳରେ କାମୁଡା ରୋକିବା ପାଇଁ ଉଚିତ ବ୍ୟବସ୍ଥା କରିବା ଉଚିତ। ଏ ନେଇ ଜନ୍ ଆବ୍ରାହାମ ସିଜେଆଇଙ୍କୁ ଚିଠି ଲେଖିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ବିରୋଧରେ ବିକ୍ଷୋଭ କରୁଥିବା ୪୦ ଜଣଙ୍କୁ ମଙ୍ଗଳବାର ଦିଲ୍ଲୀ ପୁଲିସ ଗିରଫ କରିଛି।

# ବିଶ୍ୱ ଅଙ୍ଗଦାନ ଦିବସ



କଥାରେ ଅଛି ଅଙ୍ଗଦାନ, ମହତ ଦାନ। କାହାର ଆଖି ଆଉ କାହାକୁ ଦେଖାଇପାରେ ଦୁନିଆ। କାହାର ଅଙ୍ଗ ଆଉ କାହାର ଜୀବନ ବଞ୍ଚାଇପାରେ। ଅଙ୍ଗଦାନ ସମ୍ପର୍କରେ ସଚେତନା ସୃଷ୍ଟି କରିବା ଏବଂ ଅଙ୍ଗଦାନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରି ଅନ୍ୟର ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖକୁ 'ବିଶ୍ୱ ଅଙ୍ଗଦାନ ଦିବସ' ଭାବେ ପାଳନ କରାଯାଉଛି। ରକ୍ତ ଦାନ ପରେ ଅଙ୍ଗ ଦାନ ସବୁଠାରୁ ବଡ଼ ଦାନ ଭାବରେ ବିବେଚନା କରାଯାଏ। ତେବେ ଅଙ୍ଗଦାନକୁ ନେଇ ଲୋକଙ୍କ ମଧ୍ୟରେ ଥିବା ଭ୍ରାନ୍ତଧାରଣାକୁ ଦୂର କରିବା ହେଉଛି ଏହି ଦିବସର ଲକ୍ଷ୍ୟ। ଦାନ କରାଯାଇଥିବା ଅଙ୍ଗ ଜଣକ ଜୀବନ ବଞ୍ଚାଇଥାଏ। ଯଦିଓ ୧୮ ରୁ ୬୫ ବର୍ଷ ବୟସ୍କ ସ୍ୱଇଚ୍ଛାରେ ଅଙ୍ଗଦାନ କରିପାରିବେ, ତଥାପି ଅଙ୍ଗଦାନ କରୁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ଥିବା ଆବଶ୍ୟକ। ସେହିପରି କ୍ୟାନସର, ଏଚ୍ଆଇଭି ଏବଂ ହୃଦ୍‌ରୋଗରେ ପୀଡ଼ିତ ଲୋକ ଅଙ୍ଗଦାନ କରିପାରିବେ ନାହିଁ। ଅଙ୍ଗଦାନ ଦୁଇ ପ୍ରକାରର। ଗୋଟିଏ ଅଙ୍ଗଦାନ ଏବଂ ଦ୍ୱିତୀୟରେ ଟିସୁ ଦାନ। ତେବେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ହିଁ ଅଙ୍ଗଦାନ କରାଯାଇଥାଏ। କିନ୍ତୁ କିଛି ଅଙ୍ଗଦାନ ଏବଂ ଟିସୁଦାନ ଜୀବିତ ରହି ମଧ୍ୟ କରାଯାଇଥାଏ। ଯକୃତ, ଅଗ୍ନାଶୟ, ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ ଭଳି ଆଦି ଅଙ୍ଗ ଦାନ କରାଯାଇଥାଏ। ସେହିଭଳି ଆଖି, ତ୍ୱଚା ହାଡ଼, ମସ୍ତିଷ୍କ, କାନ ପରଦା, କାନ ହାଡ଼ ଆଦିର ଟିସୁ ଦାନ କରାଯାଏ। ପ୍ରଥମେ ଏହି ଦିବସକୁ ୨୦୦୫ ମସିହାରେ ପାଳନ କରାଯାଇଥିଲା। ସେହିଭଳି ପ୍ରଥମଥର ପାଇଁ ୧୯୫୪ ମସିହାରେ ଆମେରିକାର ସଫଳ ଅଙ୍ଗ ପ୍ରତ୍ୟାରୋପଣ ହୋଇଥିଲା। ରୋନାଲ୍ଡ ଲି ହେରିକ୍ ନାମକ ଜଣେ ବ୍ୟକ୍ତି ତାଙ୍କର ଯାଆଁଳା ଭାଇକୁ ତାଙ୍କ ବୃକ୍‌କ ଦାନ କରିଥିଲେ। ଏହି କାର୍ଯ୍ୟକୁ ସଫଳ କରିଥିବା ଫିଜିଓଲୋଜି ଏବଂ ମେଡିସିନ ବିଭାଗର ଡାକ୍ତର ଜୋସେଫ ମୁରେଙ୍କୁ ୧୯୯୦ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମା'ର ଦାୟିତ୍ୱ ତୁଲାଉଛି ଏଆଇ



ଦିନକୁ ଦିନ ଟେକ୍ନୋଲୋଜିର ଦ୍ରୁତ ବିକାଶ ମଣିଷ ଜୀବନକୁ ସହଜ କରୁଛି। ଏହି କ୍ରମରେ ଜଣେ ମହିଳା ନିଜ ପିଲା ପାଇଁ ଏଆଇକୁ ଦ୍ୱିତୀୟ ମା' ଭାବେ ଘୋଷଣା କରିଛନ୍ତି। ମହିଳା ଜଣକ ଟେକ୍ନୋଲଜିକୁ ବେଶ୍ ଅଦ୍ଭୁତ ଭାବେ ବ୍ୟବହାର କରିଥିବା ଦେଖାଯାଇଛି। ସେ ଚାଟ୍‌ଜିପିଟିକୁ ନିଜର କୋ-ପ୍ୟାରେଣ୍ଟ କରିଛନ୍ତି। ସୁଇଜରଲ୍ୟାଣ୍ଡର ୩୩ ବର୍ଷୀୟା ଲିଲିୟନ ଶ୍ମିଟ୍ କର୍ପୋରେଟ୍ ବ୍ରାଣ୍ଡ ଷ୍ଟ୍ରାଟେଜିଷ୍ଟ ଭାବେ କାର୍ଯ୍ୟ କରନ୍ତି। ତାଙ୍କର ତିନି ବର୍ଷ ବୟସର ଝିଅ ଓ ୧୪ ବର୍ଷ ବୟସ ପୁଅଟିଏ ଅଛନ୍ତି। ଚାକିରି ସାଙ୍ଗକୁ ପିଲାଙ୍କ ଦାୟିତ୍ୱ ଯୋଗୁ ସେ ସବୁଦିନ ଥକ୍କାପଣ ଓ ମାନସିକ ଅଶାନ୍ତିକୁ ନେଇ ଚିନ୍ତାରେ ରହୁଥିଲେ। ଏଭଳି ସ୍ଥିତିରେ ସେ ଟେକ୍ନୋଲୋଜିର ସାହାଯ୍ୟ ନେବା ପାଇଁ ନିଷ୍ପତ୍ତି ନେଲେ। ଏ ଲାଗି ଚାଟ୍‌ଜିପିଟିକୁ ସେ ଏମିତି ଭାବେ ତାଲିମ ଦେଲେ ଯେ, ଯେମିତି ସେ ପିଲା ଦୁହିଁଙ୍କର ଦ୍ୱିତୀୟ ମା' ଭାବେ କାର୍ଯ୍ୟ କରିବ। ଚାଟ୍ ଜିପିଟିକୁ ସେ ପିଲାଙ୍କ ସଫିଂ, ଖାଦ୍ୟ ତାଲିକା ପ୍ରସ୍ତୁତ କରିବା ଜନ୍ମଦିନ ଓ ଛୁଟି ଯୋଜନା ସମେତ ଶୋଇବା ସମୟର ତାଲିକା ପ୍ରସ୍ତୁତ କରିବାକୁ କହି ସେ ତାଙ୍କ କାମକୁ ସହଜ କରିବାକୁ ଚାହିଁଲେ। ଅବଶ୍ୟ ଲିଲିୟନ୍ ଏହାର ଉପଯୋଗ ଜଣେ ଭଲ ମା' ହେବା ଲାଗି କରୁଥିବା କହିଛନ୍ତି। ତେବେ ତାଙ୍କ ପରି ଅନେକ ବାପା, ମାଆ ମାନସିକ, ଶାରୀରିକ ଏବଂ ଭାବନାତ୍ମକ ଥକ୍କାପଣକୁ ନେଇ ଚିନ୍ତିତ ଅଛନ୍ତି। ଓହିଓ ଷ୍ଟେଟ୍ ୟୁନିର୍ଭସିଟିର ଏକ ଅଧ୍ୟୟନ ଅନୁସାରେ, ଆମେରିକାରେ ୫୭ ପ୍ରତିଶତ ଅଭିଭାବକ ଏଭଳି ସ୍ଥିତିକୁ ସାମ୍ନା କରୁଛନ୍ତି। ତେବେ ଲିଲିୟନ କେବେ ବି ଚାଟ୍‌ଜିପିଟି ମାଧ୍ୟମରେ ନିଷ୍ପତ୍ତି ନେଇ ନ ଥାନ୍ତି, ବରଂ ଏହାଠାରୁ ପରାମର୍ଶ ନିଅନ୍ତି। ଗତ ଫେବୃଆରୀ ମାସରୁ ସେ ଚାଟ୍‌ଜିପିଟିର ସାହାଯ୍ୟ ନେବା ଆରମ୍ଭ କଲେ। ହେଲେ ତାଙ୍କୁ ପ୍ରାରମ୍ଭିକ ପରାମର୍ଶଗୁଡ଼ିକ ସେତେ ବେଶି ଠିକ୍ ଲାଗିଲା ନାହିଁ। ତା'ପରେ ଲିଲିୟନ ଏକ କଷ୍ଟମ୍ ବଟ୍ ତିଆରି କରିବା ଶିଖିଲେ। ଏହା ତାଙ୍କ ଚିନ୍ତାଧାରା ଅନୁସାରେ ପ୍ରତିକ୍ରିୟା ଦିଏ। ସେହିପରି ଲିଲିୟନ କେତେବେଳେ ଏହାକୁ ଛୋଟ ପିଲାର ପ୍ରଶିକ୍ଷକ ଭାବେ ତ ଆଉ କେତେବେଳେ ନ୍ୟୁଟ୍ରିସନିଷ୍ଟ ଭାବେ ବ୍ୟବହାର କରିଥାନ୍ତି। ଏଆଇକୁ ସେ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତିଠୁ ଆରମ୍ଭ କରି ଶୋଇବା ରୁଟିନ୍‌ରେ ଗାଇଡ୍ କରିବା ନେଇ ପ୍ରଶ୍ନ କରନ୍ତି ଏବଂ ଚାଟ୍‌ଜିପିଟି ଏହାର ସମାଧାନ ମଧ୍ୟ କରୁଥିବା ସେ କହିଛନ୍ତି।

## ଆଜିର ଇତିହାସ

- ୧୬୪୫- ସ୍ୱିଡେନ ଓ ଡେନ୍‌ମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୭୯୫- ମହାରାଣୀ ଅହଲ୍ୟାବାଇ ହୋଲକରଙ୍କ ପରଲୋକ।
- ୧୯୩୬- ଭାରତୀୟ ମହିଳା କ୍ରାନ୍ତିକାରୀ ଭିକାଜି କାମାଙ୍କ ପରଲୋକ।
- ୧୯୫୬- ଲୋକସଭାରେ ରାଷ୍ଟ୍ରୀୟ ରାଜମାର୍ଗ ବିଧେୟକ ପାରିତ ହେଲା।
- ୨୦୦୪-ଏଥେନ୍ସରେ ୨୮ତମ ଅଲିମ୍ପିକ୍ସ ଖେଳ ଆରମ୍ଭ।

# ସୋନାକ୍ଷୀଙ୍କ ରୌଦ୍ର ରୂପ



ନିକଟରେ ତେଲୁଗୁ ସୁପର୍ ନାଚୁରାଲ ଆକ୍ସନ୍ ଥ୍ରିଲର୍ ଫିଲ୍ମ 'ଜଟାଧାରା'ର ଟିଜର୍ ଜାରି ହୋଇଛି। ଏହି ଫିଲ୍ମ ମାଧ୍ୟମରେ ସୋନାକ୍ଷୀ ସିହ୍ନା ପ୍ରଥମଥର ପାଇଁ ତେଲୁଗୁ ସିନେମାରେ ପାଦ ରଖିଛନ୍ତି। ଏଥିରେ ସୋନାକ୍ଷୀ ଏବଂ ସୁଧୀର ବାବୁ ମୁଖ୍ୟ ଚରିତ୍ରରେ ନଜର ଆସିବେ। ୧ ମିନିଟ୍ ୧୨ ସେକେଣ୍ଡର ଏହି ଟିଜର୍‌ରେ ସୁଧୀର ବାବୁ ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିଛନ୍ତି। ସେହିଭଳି ସୋନାକ୍ଷୀ ଏକ ସୁନା ଭଣ୍ଡାରର ରାକ୍ଷସୀ ରକ୍ଷକ ଭାବେ ଦେଖାଯାଇଛନ୍ତି। ଟିଜର୍‌ରେ ଉଭୟଙ୍କ ମଧ୍ୟରେ ଏକ ଶକ୍ତ ମୁକାବିଲା ହେବାକୁ ଯାଉଛି ବୋଲି ସଙ୍କେତ ମିଳିଛି। ଏଥିରେ ସୋନାକ୍ଷୀଙ୍କ ଲୁକ୍‌କୁ ଦର୍ଶକେ ପସନ୍ଦ କରିଛନ୍ତି। ଭାରି ଗହଣା ସହ ମଥାରେ ବିନ୍ଦି ଓ ଆଖିରେ କଜଳ ଲଗାଇ ସୋନାକ୍ଷୀ ରୌଦ୍ର ଅବତାରରେ ଦେଖାଯାଇଛନ୍ତି। କହିବାକୁ ଗଲେ ଏହି ସିନେମାରେ ସୋନାକ୍ଷୀଙ୍କୁ ସମ୍ପୂର୍ଣ୍ଣ ଅଲଗା ରୂପରେ ଦେଖିବାକୁ ମିଳିବ। ଅଭିଷେକ ଜଏସୱାଲ ଓ ଭେଙ୍କଟ କଲ୍ୟାଣଙ୍କ ନିର୍ଦ୍ଦେଶିତ ଏହି ସିନେମାକୁ ତେଲୁଗୁ ସିନେମା ଇଣ୍ଡଷ୍ଟ୍ରୀର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି।

# ଶରୀର ଥଣ୍ଡା ପାଇଁ ପାଣିକଖାରୁ ଆଲିଙ୍ଗନ

ଅସହ୍ୟ ଗରମରୁ ରକ୍ଷା ପାଇବାକୁ ଲୋକେ ବିଭିନ୍ନ ଉପାୟ ଆପଣାନ୍ତି। ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଲୋକେ ଏସି, କୁଲର ନଚେତ୍ ପଙ୍ଖାର ବନ୍ଦୋବସ୍ତ କରିଥାନ୍ତି। ଏବେ ଚୀନ୍‌ର ଲୋକେ ଅସହ୍ୟ ଗରମରୁ ଶରୀରକୁ ଥଣ୍ଡା ରଖିବାକୁ ଏକ ଭିନ୍ନ ଉପାୟ ଖୋଜିଛନ୍ତି। ଶରୀରକୁ ଥଣ୍ଡା ରଖିବା ଉଦ୍ଦେଶ୍ୟରେ ଏଠାକାର କୁନି କୁନି ପିଲାମାନେ ଏବଂ ପୋଷାଜୀବମାନେ ବଡ଼ ବଡ଼ ପାଣି କଖାରୁକୁ ଧରି ଶୋଉଛନ୍ତି। ଉତ୍ତରଚୀନ୍, ତିୟାନଜିନ୍ ନଗର ପାଳିକା ନିବାସୀ ଲୋଙ୍ଗମା ଏହି ଟ୍ରେଣ୍ଡ ପ୍ରଥମେ ଆରମ୍ଭ କରିଥିବା ସେ ଦାବି କରନ୍ତି। ଲୋଙ୍ଗମା ନିଜ ସନ୍ତାନ ପାଇଁ ୧୪ କେଜି ଓଜନର ଧଳା କଖାରୁ କିଣିଥିଲେ। ତାଙ୍କ ପିଲା ପାଣି କଖାରୁକୁ ଆଲିଙ୍ଗନ କରି ଶୋଇବା ଦ୍ୱାରା ଅଧିକ ଗରମ ଅନୁଭବ କରିପାରିନଥିବା ସେ କହିଥିଲେ। ଏନେଇ ଲୋଙ୍ଗମା କୁହନ୍ତି, 'ସେ ତାଙ୍କ ପିଲାକୁ ଥଣ୍ଡା-ଜ୍ୱରରୁ ସୁରକ୍ଷିତ ରହିବା ପାଇଁ ଘରେ ଏସି ବ୍ୟବହାର କରୁ ନ ଥିଲେ। ଏହା ବଦଳରେ ପାଣିକଖାରୁକୁ ଆଲିଙ୍ଗନ କରିବାର ପୁରୁଣା ପରମ୍ପରାକୁ ଆପଣାଇବାକୁ ସେ ସ୍ଥିର କରିଥିଲେ। ସାଧାରଣତଃ ପାଣିକଖାରୁରେ ୯୫ ପ୍ରତିଶତ ପାଣି ଥାଏ। ଏହା ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ।' ସେହିପରି ପାରମ୍ପରିକ ଚୀନା ଚିକିତ୍ସା ପଦ୍ଧତି (ଟିଏମ୍‌ସି)ରେ ଶରୀରକୁ ଗରମରୁ ଥଣ୍ଡା ପ୍ରଦାନ ରଖିବାକୁ ପାଣି କଖାରୁ ଚୋପା ଖାଇବାକୁ ପରାମର୍ଶ ଦିଆଯାଏ। ଏହା ଗର୍ଭବତୀ ମହିଳା, ପିଲା ଏବଂ ବୟସ୍କଙ୍କ ପାଇଁ ସବୁଠୁ ଭଲ ବିକଳ୍ପ ବୋଲି ମଧ୍ୟ କୁହାଯାଏ। ସାମାଜିକ ଗଣମାଧ୍ୟମରେ ଏହି ଟ୍ରେଣ୍ଡକୁ ନେଇ ଚର୍ଚ୍ଚା ଲାଗିଥିବାବେଳେ କୁନି କୁନି ପିଲାମାନେ ପାଣିକଖାରୁକୁ ଆଲିଙ୍ଗନ କରି ଶୋଉଥିବାର ଫଟୋଗୁଡ଼ିକ ସେୟାର କରାଯାଉଛି। ୨୬ ଦିନ ପରେ ବି ପାଣିକଖାରୁ ଥଣ୍ଡା ପ୍ରଦାନ କରୁଥିବା କଥା ସ୍ଥାନୀୟ ଲୋକେ କହୁଛନ୍ତି। ଅନ୍ୟପଟେ ଡାକ୍ତର ପରାମର୍ଶ ଦିଅନ୍ତି, ଯେଉଁମାନଙ୍କର ପାଚନତନ୍ତ୍ର ଦୁର୍ବଳ ରହିଛି ସେମାନେ ଦୀର୍ଘ ସମୟ ଧରି ପାଣିକଖାରୁକୁ ଆଲିଙ୍ଗନ କରି ଶୋଇବା ଅନୁଚିତ। ଏପରି କରିବା ଦ୍ୱାରା ପେଟ ଯନ୍ତ୍ରଣା କିମ୍ବା ପତଳାଝାଡ଼ା ହେବାର ଆଶଙ୍କା ବୃଦ୍ଧି ପାଏ।



# କଫିରେ କ୍ଷୀର ନୁହେଁ ମିଶାଯାଏ ପନିର

ଅନେକ ଲୋକ ସକାଳୁ ଉଠିବା ମାତ୍ରେ କଫି ପିଇବାକୁ ପସନ୍ଦ କରନ୍ତି। କିଛି ଲୋକ ଚିନି ଯୁକ୍ତ କଫି ପିଇବାକୁ ପସନ୍ଦ କରୁଥିବା ବେଳେ ଆଉ କିଛି ଜଣ ବିନା ଚିନିର କଫି ପିଇବାକୁ ଭଲ ପାଆନ୍ତି। ସେହିଭଳି କିଛି ଲୋକ ଗରମ କଫି ପସନ୍ଦ କରୁଥିବାବେଳେ ଆଉ କିଛି କୋଲ୍ଡ କଫି ପିଇଥାନ୍ତି। କଫିରେ ଅଳ୍ପ ମାତ୍ରାର କ୍ଷୀର କିମ୍ବା କ୍ରିମ୍ ମିଶାଇ ପିଇବା ସାଧାରଣ କଥା। ହେଲେ ବିଶ୍ୱର ଏମିତି ଏକ ସ୍ଥାନ ରହିଛି ଯେଉଁଠି ଲୋକେ କଫିରେ ପନିର ପକାଇ ପିଇବାକୁ ଅଧିକ ପସନ୍ଦ କରନ୍ତି। ଉତ୍ତର ସ୍ୱିଡେନରେ ଲୋକମାନେ କଫିରେ ପନିର ପକାଇ ପିଇଥାନ୍ତି। ଏହି କଫି 'କାଫେଓଷ୍ଟ' ନାଁରେ ପରିଚିତ। ଏଥିରେ ଗରମ ପାଣିରେ ଏକ ସ୍ୱତନ୍ତ୍ର ଧରଣର ପନିରକୁ ମିଶା ଯାଇଥାଏ। ଏହି ପନିରକୁ ସ୍ଥାନୀୟ ଭାଷାରେ ଲେଇପାକ୍ସୁସ୍ତୋ କୁହାଯାଏ। ସେହିଭଳି ଏହି ପନିର୍ ଅଧିକ ସ୍ୱଞ୍ଜି ହେବା ସହ ଅଧିକ ମିଠା ମଧ୍ୟ ହୋଇଥାଏ। ତେଣୁ ଏଥିରେ ଗରମ କଫି ଢାଳିଲେ ଏଥିରେ କ୍ରିମ୍, କ୍ଷୀର ଓ ଚିନି ମିଶାଇବା ଭଳି ଲାଗେ। ସେହିଭଳି ଏହା ଅଧିକ ମିଠା ଲାଗୁଥିବାରୁ ଅଧିକ ଲୋକ ଏହାକୁ ପସନ୍ଦ କରନ୍ତିନି। କଫି ପ୍ରେମୀ କିନ୍ତୁ ଏହି କଫିର ସ୍ୱାଦ ଚାଖିବାକୁ କେବେ ବି ଭୁଲନ୍ତିନି। ଏହି କଫି ପିଇବା ଦ୍ୱାରା ଶରୀରରେ ସୋଡିୟମ୍ ଅଭାବ ଦୂର ହୋଇଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହା ଶରୀରକୁ ଗରମ ମଧ୍ୟ ରଖିଥାଏ। ତେଣୁ ଶୀତଦିନେ ଏଠାକାର ଲୋକେ ଏହି କଫି ପିଇବାକୁ ଅଧିକ ପସନ୍ଦ କରନ୍ତି।



# ୫ଜି ସମୟରେ ରେଡିଓ ପ୍ରେମ

ଆଜିର ସ୍ମାର୍ଟଫୋନ୍ ଜମାନାରେ ଟେଲିଭିଜନ ଓ ରେଡିଓର ଲୋକପ୍ରିୟତା ପୂର୍ବାପେକ୍ଷା ହ୍ରାସ ପାଇଛି। ହେଲେ ଏଥିରୁ ବ୍ୟତିକ୍ରମ ଛତିଶଗଡ଼ ରାୟପୁର ଆଦର୍ଶନଗରର ବିଜୁ ତାଣ୍ଡି। ସେ ତିନି ଦଶନ୍ଧି ହେଲାଣି ନିୟମିତ ରେଡିଓ ଶୁଣି ଆସୁଛନ୍ତି। ବିଜୁଙ୍କର ଏକ ସାଇକଲ ମରାମତି ଦୋକାନ ଅଛି। ଏବର ଡିଜିଟାଲ ଯୁଗରେ ସେ ରେଡିଓକୁ ସୂଚନା ଏବଂ ମନୋରଞ୍ଜନର ମାଧ୍ୟମ କରିଛନ୍ତି। ତାଙ୍କ କହିବାନୁଯାୟୀ, ସେ ପଢ଼ାଲେଖା ଜାଣି ନ ଥିଲେ ମଧ୍ୟ, ରେଡିଓ ତାଙ୍କୁ ସବୁ ପ୍ରକାର ସୂଚନା ପ୍ରଦାନ କରିବାରେ ସହାୟକ ହୋଇଛି। ରେଡିଓରେ ପ୍ରସାରିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମଗୁଡ଼ିକ ତାଙ୍କ ମୁହଁରେ ରହିଛି। ତାଙ୍କ ଦିନର ଆରମ୍ଭ ରେଡିଓରେ ପ୍ରସାରିତ କାର୍ଯ୍ୟକ୍ରମ 'ବନ୍ଦେ ମାତରମ୍'ରୁ ହୋଇଥାଏ। ଏହାପରେ ସେ ସକାଳ ସାଢ଼େ ଛଅଟା ଯାଏ ଭଜନ ଶୁଣନ୍ତି। ପରେ ପରେ 'ଆଜ୍ କା ଚିନ୍ତନ', 'ମାନସ କାଣ୍ଡ', ଏବଂ 'କୃଷି ଚର୍ଚ୍ଚା' ଭଳି କାର୍ଯ୍ୟକ୍ରମ ଶୁଣନ୍ତି। ସେହିପରି ସକାଳ ୭-୮ଟା ମଧ୍ୟରେ ପ୍ରସାରିତ ହେଉଥିବା 'ନମସ୍କାର ରାୟପୁର' କାର୍ଯ୍ୟକ୍ରମ ବିଜୁଙ୍କର ସବୁଠୁ ପ୍ରିୟ କାର୍ଯ୍ୟକ୍ରମ। ଏନେଇ ବିଜୁଙ୍କ କହିବା କଥା, 'ଏହି କାର୍ଯ୍ୟକ୍ରମରେ ରାୟପୁରର ତାଜା ଖବର, ବିଭିନ୍ନ ସାମାଜିକ କାର୍ଯ୍ୟ ସମେତ ଅନେକ ଶିକ୍ଷଣୀୟ କଥା ଶୁଣିବାକୁ ଓ ଜାଣିବାକୁ ମିଳିଥାଏ। ରେଡିଓ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଦେଶବିଦେଶରେ ହେଉଥିବା ଘଟଣା ସାଥିରେ ଲୋକଙ୍କୁ ଯୋଡ଼ି ରଖିଥାଏ।' ସେହିପରି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ 'ମନ୍ କି ବାତ୍' କୁ ସବୁବେଳେ ଶୁଣିଥାନ୍ତି। ଏହାଦ୍ୱାରା ସେ ଦେଶରେ ହେଉଥିବା ପରିବର୍ତ୍ତନ ଓ ଯୋଜନା ବିଷୟରେ ଜାଣିଥାନ୍ତି ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, 'ରେଡିଓ ଶୁଣି ଶୁଣି ସେ ଏତେ ଜିନିଷ ଜାଣିଛନ୍ତି, ଯାହା ଜଣେ ପାଠୁଆ ଲୋକ ବି ଜାଣି ନଥିବେ।' ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ, ରେଡିଓର ସୂଚନାର ସରଳତା, ଘନିଷ୍ଠତା ଏବଂ ନିର୍ଭରଯୋଗ୍ୟତା ଏହାକୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ ବୋଲି ଏହାକୁ ପ୍ରମାଣିତ କରିଛନ୍ତି ବିଜୁତାଣ୍ଡି।



## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଦୂର ଯାତ୍ରା ଯୋଗ ରହିଛି। ପୁରୁଣା ସମସ୍ୟାର ସମାଧାନ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେଇପାରେ। ଧନ ପ୍ରାପ୍ତି ହେବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ। ପ୍ରେମ ସମ୍ପର୍କ ସୁଖମୟ ହେବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଋଣ ସମସ୍ୟା ସମାଧାନ ହେବ। କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ। ଚିନ୍ତାମୁକ୍ତ ରହିବେ। ଅଚାନକ ଖୁସି ଖବର ମିଳିବ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ ବିତିବ। ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ। ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧନ ଆଗମନର ଯୋଗ ରହିଛି। ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଧନ ଆଗମନ। ପରିବାର ସହିତ ସମ୍ପର୍କ ମଧୁର ହେବ। କୋର୍ଟ କଚେରି ମାମଲାର ଶୁଣାଣି ହୋଇପାରେ।

**ବିଛା:** ସମସ୍ୟାକୁ ସାମ୍ନା କରିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ମନ ଉଦାସ ରହିବ। କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ। କ୍ୟାରିୟରରେ ଉନ୍ନତି ହେବ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ। ପୂଜାକାର୍ଯ୍ୟରେ ସମୟ କଟିବ। ଘରେ ସମସ୍ୟା ଦେଖା ଦେବ। ବିଦ୍ୟାର୍ଥୀଙ୍କୁ ଶୁଭ ଖବର ମିଳିପାରେ।

**ମକର:** ମନୋରଞ୍ଜନରେ ସମୟ ବିତିବ। ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଜମି କ୍ରୟଯୋଗ ରହିଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ ନାହିଁ। ବ୍ୟବସାୟ ଓ ଚାକିରିରୁ ଲାଭ ମିଳିପାରେ। ନୂତନ ପ୍ରୋଜେକ୍ଟରେ ସଫଳତା ମିଳିବ। ପଡୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ। ଆୟ କମ୍ ଓ ବ୍ୟୟ ଅଧିକ ହେବ। ଅଯଥା କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ। ଭାବି ଚିନ୍ତି ନିଷ୍ପତ୍ତି ନେବା ଭଲ।

ୟୁଏଇରେ ଏସିଆ କପ୍ ଟି-୨୦ ସେପ୍ଟେମ୍ବର ୯ରୁ ୨୮

# ଖେଳାଳି ଚୟନ ନେଇ ଦ୍ୱନ୍ଦ୍ୱରେ ଭାରତ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ରୋମାଞ୍ଚକ ଟେଷ୍ଟ ସିରିଜ୍ ଡ୍ର ରହିବା ପରେ ଭାରତର ପରବର୍ତ୍ତୀ କ୍ରିକେଟ କାର୍ଯ୍ୟକ୍ରମ ଏସିଆ କପ୍‌ରୁ ଆରମ୍ଭ ହେବ। ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଟି-୨୦ ବିଶ୍ୱକପ୍ ଆୟୋଜନ କରୁଥିବାରୁ ଏଥର ଏସିଆ କପ୍‌କୁ ଟି-୨୦ ଫର୍ମାଟରେ ଆୟୋଜନ କରିବାକୁ ଏସୀୟ କ୍ରିକେଟ ପରିଷଦ ନିଷ୍ପତ୍ତି ନେଇଛି। ଏହା ଫଳରେ ପ୍ରତିଭାରେ ଭରପୂର ଭାରତୀୟ କ୍ରିକେଟ ଦଳ ଟି-୨୦ ଫର୍ମାଟରେ ଖେଳାଳି ଚୟନ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ସିନିଅର ଚୟନ କମିଟି ଦଳ ଚୟନ ନେଇ ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେଉଥିବାରୁ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ୍। ଏସିଆ କପ୍ ଲାଗି ଭାରତୀୟ ଦଳ କେବେ ଘୋଷଣା କରାଯିବ ତାହା ବିସିସିଆଇ ଏଯାଏ ପ୍ରକାଶ କରି ନାହିଁ। ସେପ୍ଟେମ୍ବର ୯ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଥିବାରୁ ଅତିକମ୍‌ରେ ୧୫ ଦିନ ଆଗରୁ ଭାରତୀୟ ଦଳ ଘୋଷଣା କରାଯିବ ବୋଲି ବିଶ୍ୱାସ କରାଯାଉଛି। ପୂର୍ବ ଟୁର୍ଣ୍ଣାମେଣ୍ଟ ଭଳି ଦଳରେ ୧୫ଜଣ ଖେଳାଳି ଓ ଆଉ କିଛି ରିଜର୍ଭ ଖେଳାଳିଙ୍କ ନାମ ଚୟନ କରାଯିବ। କିନ୍ତୁ ଚୟନ କମିଟି କିଛି ଚିନ୍ତା କରିବା ପୂର୍ବରୁ ଭାରତୀୟ ଗଣମାଧ୍ୟମ ବିଭିନ୍ନ ରିପୋର୍ଟ ପ୍ରକାଶ କରି ସମର୍ଥକଙ୍କୁ ସତେଜ କରି ରଖିଛି। ସେହିପରି ସମର୍ଥକମାନେ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ପସନ୍ଦର ଖେଳାଳିଙ୍କୁ ନେଇ ରିପୋର୍ଟମାନ ପ୍ରକାଶ କରୁଛନ୍ତି। ଏହା ମଧ୍ୟରେ କେଉଁ ଖେଳାଳି ଦଳରେ ସ୍ଥାନ ପାଇବେ କିମ୍ବା ନ ପାଇବେ ତାହାକୁ ନେଇ ସମର୍ଥକଙ୍କ ମନରେ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ୍। କିନ୍ତୁ ଚୟନକର୍ତ୍ତା ଯେ ଦୃଢ଼ତାର ସହ ଦଳ ଚୟନ କରିବେ ଏଥିରେ ସନ୍ଦେହର ଅବକାଶ ନାହିଁ।



୨୦୨୫-୨୬ ସିଜନରେ ଭାରତ ଏକାଧିକ ସୀମିତ ଓଭର ସିରିଜ୍ ଓ ଟୁର୍ଣ୍ଣାମେଣ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଣୁ ଏହି ଲମ୍ବା ସିରିଜ୍‌ରେ ସମସ୍ତ ଖେଳାଳି ଫିଟ୍ ରହିବା ସମ୍ଭବ ନୁହେଁ। ଏଣୁ ଯେଉଁ କେତେକ ଖେଳାଳି ଆଶାୟୀ ଅଛନ୍ତି ସେମାନଙ୍କୁ ଫିଟ୍ ରହିବା ଲାଗି ବିସିସିଆଇ ସମସ୍ତ ପ୍ରକାର ଚେଷ୍ଟା ଚଳାଇଛି। ବର୍ତ୍ତମାନ ଅନ୍‌ଫିଟ୍ ଖେଳାଳିମାନଙ୍କୁ ଫିଟ କରାଇବା ଲାଗି ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପ୍ରଶିକ୍ଷଣ ଦିଆଯାଉଛି। ଯାହା ଫଳରେ ଭାରତ ଦିନିକିଆ ଓ ଟି-୨୦ ଲାଗି ଅଲଗା ଅଲଗା ଦଳ ଗଠନ କରିବ ବୋଲି ସ୍ପଷ୍ଟ ହୋଇଛି। ଦିନିକିଆ କ୍ରିକେଟ ଫର୍ମାଟରୁ ଅବସର ନେଇ ନ ଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ନେଇ ଅଧିକ ଅଡୁଆ ବଢ଼ୁଛି। ଏହା ଫଳରେ ଚୟନ କମିଟି କାହାକୁ ଖୁସି କରିବେ ବା କାହାକୁ ଦଳରେ ନେବେ ତାହା କଷ୍ଟକର ବ୍ୟାପାର। ଏବେ ଏସିଆ କପ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଦଳ ଚୟନ କରିବାକୁ ପଡ଼ିବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଦଳ ଗଠନ କରାଯିବ। କିନ୍ତୁ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅସ୍ତ୍ରୋପଚାର ପରେ ସୂର୍ଯ୍ୟକୁମାର ଏଯାଏ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିନାହାନ୍ତି। ଏଣୁ ତାଙ୍କୁ ଏସିଆ କପ୍‌ରେ ସିଧାସଳଖ ସୁଯୋଗ ଦେବାକୁ ଅନେକ ବିରୋଧ କରୁଛନ୍ତି। କିନ୍ତୁ ସେ ଯଦି ଫିଟ୍ ରୁହନ୍ତି ତେବେ ତାଙ୍କୁ ଅଧିନାୟକ ପଦରୁ କେହି ହଟାଇ ପାରିବେ ନାହିଁ। ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଗସ୍ତରେ ଶୁବମନ ଗିଲ୍ ଓ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଅକ୍ଷର ପଟେଲ ଉପଅଧିନାୟକ ରହିଥିଲେ। ଗିଲଙ୍କୁ ଯଦି ନେତୃତ୍ୱ ପ୍ରଦାନ କରାଯାଏ ତେବେ ଏଥିରେ ବିଶେଷ କିଛି ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ତାଙ୍କ ନେତୃତ୍ୱ ନେବାର ଦକ୍ଷତା ପ୍ରଦର୍ଶନ କରିସାରିଛନ୍ତି। ଓପନର ଭାବେ ବିଶ୍ୱର ନଂ-୧ ବ୍ୟାଟର ଅଭିଷେକ ଶର୍ମା ଓ ୱିକେଟରକ୍ଷକ ସଞ୍ଜୁ ସାମସନଙ୍କ ଯୋଡ଼ିକୁ ଅଲଗା କରିବାକୁ ଚୟନକର୍ତ୍ତା ଆଦୌ ଚାହିଁବେ ନାହିଁ। ଏପରି ସମୟରେ ଯଶସ୍ୱୀ ଜୟସ୍ୱାଲ, ୱିକେଟରକ୍ଷକ ବ୍ୟାଟର ଲୋକେଶ ରାହୁଲଙ୍କ କଥା ଚାପ ସୃଷ୍ଟି କରିଛି। ଏତେ ସଂଖ୍ୟକ ଖେଳାଳିଙ୍କୁ ଦଳରେ ସ୍ଥାନ ଦେବା ସମ୍ଭବ ନୁହେଁ। ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ ଅଲରାଉଣ୍ଡର ଭୂମିକାରେ ରହିପାରନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଆୟୋଜିତ ହେଉଥିବାରୁ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଦଳରେ ନିଆଯାଇପାରେ। ଅର୍ଶଦୀପ ସିଂ ଦ୍ୱିତୀୟ ପସନ୍ଦର ହେବେ। ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ତୃତୀୟ ପେସ ବୋଲର ରହିବେ। ଦୁବାଇ ଓ ଶାରଜାରେ ପିଚ୍ ସ୍ପିନରଙ୍କୁ ସହାୟତା କରୁଥିବାରୁ ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ୩ଜଣ ସ୍ଥାନ ପାଇବା ନିଶ୍ଚିତ। ଅନ୍ୟ ଏକ ସୂଚନା ଅନୁଯାୟୀ ଅଗଷ୍ଟ ୧୯ କିମ୍ବା ୨୦ରେ ଏସିଆ କପ୍ ଲାଗି ଭାରତୀୟ ଦଳ ଚୟନ କରାଯିବ। ଏହା ପୂର୍ବରୁ ଭାରତର ଚୟନ କମିଟି ସବୁ ଦିଗକୁ ବିଚାରକୁ ନେଇ ଦଳ ଚୟନ କରିବେ ବୋଲି ଆଶା କରାଯାଉଛି।

## ୮ ବର୍ଷର ଡେଟିଂ ଓ ୨ ସନ୍ତାନ ପରେ ରୋନାଲ୍ଡୋଙ୍କ ନିର୍ବନ୍ଧ

ଲିସବନ୍, ୧୨।୮ (ଏଜେନ୍ସି): ବିଶ୍ୱର ମହାନ ଫୁଟ୍‌ବଲ ଖେଳାଳି ତଥା ପର୍ତ୍ତୁଗାଲ ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ୮ ବର୍ଷର ଲମ୍ବା ଡେଟିଂ ପରେ ୪୦ ବର୍ଷୀୟ ରୋନାଲ୍ଡୋ ବାନ୍ଧବୀ ଜର୍ଜିନା ରୋଡ୍ରିଗ୍ୱେଜଙ୍କୁ ନିର୍ବନ୍ଧ ମୁଦି ପିନ୍ଧାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଜର୍ଜିନା ନିର୍ବନ୍ଧ ମୁଦି ପିନ୍ଧିଥିବାର ଏକ ଫଟୋ ପୋଷ୍ଟ କରି ଏହି ଖୁସି ଖବରକୁ ରୋନାଲ୍ଡୋଙ୍କ ଅଗଣିତ ପ୍ରଶଂସକଙ୍କୁ ଜଣାଇଛନ୍ତି।



୯ ବର୍ଷ ତଳେ ଲା ଲିଗା ଟୁର୍ଣ୍ଣାମେଣ୍ଟ ଖେଳୁଥିବାବେଳେ ରୋନାଲ୍ଡୋ ଓ ୩୧ ବର୍ଷୀୟା ଜର୍ଜିନାଙ୍କ ମଧ୍ୟରେ ପ୍ରଥମେ ସାକ୍ଷାତ୍ ହୋଇଥିଲା। ଏହାପରଠାରୁ ଉଭୟଙ୍କ ମଧ୍ୟରେ ଡେଟିଂ ଚାଲିଥିଲା ଓ ଏକାଠି ରହୁଥିଲେ। ରୋନାଲ୍ଡୋଙ୍କର ୫ଟି ସନ୍ତାନ ରହିଛନ୍ତି। ଜର୍ଜିନାଙ୍କ ଔରସରୁ ୨ଟି ଓ ସରୋଗେସି ମାଧ୍ୟମରେ ଆଉ ୨ଟି ସନ୍ତାନର ଜନକ ହୋଇଥିଲେ ରୋନାଲ୍ଡୋ। ଏହାବାଦ୍ ପୂର୍ବତନ ବାନ୍ଧବୀଙ୍କ ଔରସରୁ ଏକ ୧୫ ବର୍ଷୀୟ ପୁତ୍ର ସନ୍ତାନ ମଧ୍ୟ ରହିଛି। ସେ ବର୍ତ୍ତମାନ ପର୍ତ୍ତୁଗାଲ ୧୫ ବର୍ଷରୁ କମ୍ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି।

## ସେପ୍ଟେମ୍ବର ପର୍ଯ୍ୟନ୍ତ ସଭାପତି ରହିବେ ବିନ୍ନୀ

ମୁମ୍ବଇ, ୧୨।୮ (ଏଜେନ୍ସି): ଆସନ୍ତା ସେପ୍ଟେମ୍ବରରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହେବ। ଏହି ସମୟ ପର୍ଯ୍ୟନ୍ତ ରୋଜର ବିନ୍ନୀ ବିସିସିଆଇର ସଭାପତି ପଦ ବଜାୟ ରଖିବେ। ଗତ ମାସରେ ବିନ୍ନୀ ୭୧ ବର୍ଷରେ ପାଦ ଥାପିଥିଲେ। କିନ୍ତୁ ମଙ୍ଗଳବାର ସଂସଦରେ ବହୁପ୍ରତୀକ୍ଷିତ ନ୍ୟାସନାଲ ସ୍ପୋର୍ଟ୍ସ ବିଲ୍ ପାରିତ ହେବା ପରେ ବିନ୍ନୀ ସଭାପତି ପଦ ବଜାୟ ରଖିବା ସ୍ପଷ୍ଟ ହୋଇଛି। ନୂଆ କ୍ରୀଡ଼ା ବିଲ୍‌ରେ ଦେଶର ଜାତୀୟ କ୍ରୀଡ଼ା ମହାସଂଘର କର୍ମକର୍ତ୍ତାଙ୍କ ଲାଗି ସର୍ବାଧିକ ବୟସ ସୀମା କଟ୍-ଅଫ୍ ୭୫ ବର୍ଷ ରହିଛି। ତେଣୁ ଯଦି ବିସିସିଆଇର ବିଭିନ୍ନ ରାଜ୍ୟ ସଂଘର ସଦସ୍ୟମାନେ ରାଜି ହୁଅନ୍ତି ତେବେ ବିନ୍ନୀ ୭୫ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ବିସିସିଆଇର ସଭାପତି ପଦରେ ରହିପାରିବେ। ବିସିସିଆଇର ଜନୈକ ଅଧିକାରୀ ଏକ ଖବର ସରବରାହ ସଂସ୍ଥାକୁ ଏହି ସୂଚନା ଦେଇଛନ୍ତି।



● ଦୁଇ ବକ୍ସରଙ୍କ ମୃତ୍ୟୁ ପରେ ଚିନ୍ତା

## ଲଢ଼େଇ ଲାଗି ହେବ କଡ଼ା ନିୟମ

ଟୋକିଓ, ୧୨।୮ (ଏଜେନ୍ସି): ଘରୋଇ ଟୁର୍ଣ୍ଣାମେଣ୍ଟରେ ଲଢ଼େଇ କରି ଆହତ ହେବା ଓ ଚିକିତ୍ସା ଲାଗି ମସ୍ତିଷ୍କ ଅସ୍ତ୍ରୋପଚାର ପରେ ଦୁଇ ଜଣ ବକ୍ସରଙ୍କ ମୃତ୍ୟୁ ପରେ ଜାପାନୀ ବକ୍ସିଂ କର୍ମକର୍ତ୍ତାଙ୍କ ଚିନ୍ତା ବଢ଼ିଯାଇଛି। ଏହା ଫଳରେ ଜାପାନ ବକ୍ସିଂ ଆସୋସିଏସନ, ଜାପାନ ବକ୍ସିଂ କମିଶନ ଓ ଜିମ୍ ମାଲିକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବେ ଲଢ଼େଇ ପୂର୍ବରୁ ବକ୍ସରଙ୍କ ଲାଗି କଡ଼ା ନିୟମ ଲାଗୁ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବିତ ନିୟମ ମଧ୍ୟରେ ରହିଛି ଲଢ଼େଇ ପୂର୍ବରୁ ୟୁରିନ୍ ଟେଷ୍ଟ, ଓଜନ କମାଇଥିବା ପ୍ରତିଯୋଗୀଙ୍କୁ ସୁଯୋଗ ନ ଦେବା, ମେଡିକାଲ ଟେଷ୍ଟକୁ ବାଧ୍ୟତାମୂଳକ କରିବାକୁ ଏହି ବୈଠକରେ ସ୍ଥିର ହୋଇଛି। ଓଜନ କମାଇବା ଫଳରେ ଏହି ଅସୁବିଧା ଆରମ୍ଭ ହୋଇଛି। ଏଣୁ ଡିହାଇଡ୍ରେସନକୁ କିପରି ଏଡାଇଦିଆଯାଇ ପାରିବ ତାହା ଉପରେ ବୈଠକରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ନିକଟରେ ଘରୋଇ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଭାଗନେବା ପୂର୍ବରୁ ପ୍ରତିଯୋଗୀଙ୍କର ମେଡିକାଲ ଟେଷ୍ଟ କରିବା ବାଧ୍ୟତାମୂଳକ କରାଯାଇଛି। ଡିହାଇଡ୍ରେସନ ହୋଇଥିଲେ ସମ୍ପୃକ୍ତ ପ୍ରତିଯୋଗୀଙ୍କୁ ଲଢ଼େଇରୁ ବାସନ୍ଦ କରାଯିବ ବୋଲି ଏହି ବୈଠକରେ ସ୍ଥିର ହୋଇଛି। ସୂଚନାଯୋଗ୍ୟ ନିକଟରେ ଭିନ୍ନ ଭିନ୍ନ ଲଢ଼େଇରେ ଜାପାନର ଦୁଇ ଜଣ ବକ୍ସରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ସେମାନଙ୍କ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯାଇଥିଲା। ଏହା ପରେ ଉଭୟ ମୃତ୍ୟୁବରଣ କରିଥିଲେ।

## ଧୋନିଙ୍କ ୧୦୦ କୋଟିର ମାନହାନି ମାମଲା

ଶୁଣାଣି ଆରମ୍ଭ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ

ଚେନ୍ନଇ, ୧୨।୮ (ଏଜେନ୍ସି): ଦୀର୍ଘ ବର୍ଷର ବ୍ୟବଧାନ ପରେ ମହେନ୍ଦ୍ର ସିଂ ଧୋନିଙ୍କ ଦ୍ୱାରା ଦାୟର ୧୦୦ କୋଟି ଟଙ୍କାର ମାନହାନି ମାମଲାର ଶୁଣାଣି ପାଇଁ ପଥ ଖୋଲିଯାଇଛି।




ବହୁ ଚର୍ଚ୍ଚିତ ୨୦୧୩ ଆଇପିଏଲ୍ ବେଟିଂ ଦୁର୍ନୀତିରେ ତାଙ୍କ ନାମକୁ ଅଯଥାରେ ଟାଣିଥିବାରୁ ଧୋନି ୨ଟି ବଡ଼ ଗଣମାଧ୍ୟମ ଚ୍ୟାନେଲ, ସାମ୍ବାଦିକ ସୁଧୀର ଚୌଧୁରୀ ଓ ଅବସରପ୍ରାପ୍ତ ଆଇପିଏସ୍ ଜି. ସମ୍ପଥ କୁମାରଙ୍କ ନାମରେ ଏହି ମାମଲା ଦାୟର କରିଥିଲେ। ୧୧ ବର୍ଷ ପୂର୍ବେ ଦାୟର ମାନହାନି ମାମଲାର ଶୁଣାଣି କରିବାକୁ ମାଡ୍ରାସ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସିଭି କାର୍ତ୍ତିକେୟନ ଏହି ମାମଲାରେ ଜଣେ ଆଡଭୋକେଟ ଜେନେରାଲଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି। ଏହି ମାମଲାରେ ଧୋନିଙ୍କୁ କୋର୍ଟରେ ହାଜର ହେବାକୁ ପଡ଼ିବ ନାହିଁ। ସେ କୋର୍ଟକୁ ଆସିଲେ ଭିଡ଼ ହୋଇପାରେ। ଏହି କାରଣରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ତାଙ୍କର ବୟାନ ରେକର୍ଡ କରାଯିବ। ଏଠାରେ ସ୍ମରଣଯୋଗ୍ୟ, ୨୦୧୩ରେ ଆଇପିଏଲ୍‌ରେ ବହୁଚର୍ଚ୍ଚିତ ସ୍ପଟ୍ ଫିକ୍ସିଂ ଓ ବେଟିଂ ମାମଲା ସାମ୍ନାକୁ ଆସିଥିଲା। ଦ୍ରୁତ ବୋଲର ଏସ୍ ଶ୍ରୀସନ୍ଥଙ୍କ ସମେତ ୩ଜଣ କ୍ରିକେଟର୍ ଦୋଷୀ ସାବ୍ୟସ୍ତ ହୋଇ ବାସନ୍ଦ ହୋଇଥିଲେ। ସେହିଭଳି ଦୁଇ ଫ୍ରାଞ୍ଚାଇଜ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ରାଜସ୍ଥାନ ରୟାଲ୍ସ ଦୁଇ ବର୍ଷ ଲାଗି ଆଇପିଏଲ୍‌ରୁ ବାସନ୍ଦ ହୋଇଥିଲେ। ତେବେ ଧୋନି ଅଭିଯୋଗ କରିଥିଲେ, ଆଇପିଏଲ୍ ବେଟିଂ ଦୁର୍ନୀତି ଉପରେ ଏକ ଟିଭି ବିତର୍କ ସମୟରେ ତାଙ୍କ ବିରୁଦ୍ଧରେ ଅପମାନଜନକ ମନ୍ତବ୍ୟ ଦିଆଯାଇଥିଲା। ଯେଉଁଥି ପାଇଁ ତାଙ୍କ ଭାବମୂର୍ତ୍ତୀକୁ କ୍ଷତି ପହଞ୍ଚିଥିଲା।

## ସୋଫିଆ, ଶୁବମନ୍ ଜୁଲାଇର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୨।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଯୁବ ଅଧିନାୟକ ଶୁବମନ ଗିଲ୍ ଓ ଇଂଲଣ୍ଡର ସୋଫିଆ ଡଙ୍କଲୀ ଜୁଲାଇ ମାସ ଲାଗି ଯଥାକ୍ରମେ ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର୍ ପୁରସ୍କାର ଜିତିଛନ୍ତି। ନିକଟରେ ୨୫ ବର୍ଷୀୟ ଗିଲ୍ ପ୍ରଥମଥର ଲାଗି ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେଇ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିଥିଲେ। ଇଂଲଣ୍ଡ ମାଟିରେ ଖେଳାଯାଇଥିବା ଏହି ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ମଧ୍ୟ ସେ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ୭୫.୪୦ ହାରରେ ୭୫୪ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୪ଟି ଶତକ ଓ ଗୋଟିଏ ଦ୍ୱିଶତକୀୟ ପାଳି ସାମିଲ ରହିଛି। ଗିଲ୍ ତାଙ୍କ କ୍ୟାରିୟରରେ ୪ର୍ଥ ଥର ଲାଗି 'ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ' ପୁରସ୍କାର ଜିତି ମଧ୍ୟ ରେକର୍ଡ କରିଛନ୍ତି। ବିଶ୍ୱରେ ପ୍ରଥମ ପୁରୁଷ କ୍ରିକେଟର୍ ଭାବେ ସେ ସର୍ବାଧିକ ୪ ଥର ଆଇସିସିର ଏହି ପୁରସ୍କାର ଜିତିଛନ୍ତି। ମହିଳାରେ କିନ୍ତୁ ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଓ ୱେଷ୍ଟଇଣ୍ଡିଜ ଅଧିନାୟିକା ହେଲୀ ମାଥ୍ୟୁସ ୪ ଥର ଲେଖାଏ ଆଇସିସିର ଏହି ପୁରସ୍କାର ପାଇଛନ୍ତି। ଅପରପକ୍ଷରେ ୨୭ ବର୍ଷୀୟା ଡଙ୍କଲୀ ଭାରତ ବିପକ୍ଷ ଟି-୨୦ ସିରିଜରେ ୩୬ ହାରରେ ୧୪୪ ରନ ଓ ଦିନିକିଆରେ ୬୩ ହାରରେ ୨ଟି ମ୍ୟାଚରୁ ୧୨୬ ରନ କରିଥିଲେ। ଯେଉଁଥି ପାଇଁ ସେ ଜୁଲାଇର ଶ୍ରେଷ୍ଠ ମହିଳା କ୍ରିକେଟର୍ ବିବେଚିତ ହୋଇଛନ୍ତି।





## ଇଣ୍ଡିପେଣ୍ଡେନ୍ସ କପ୍ କରାଟେରେ ଓଡ଼ିଶାକୁ ୨୦ ପଦକ

ଭୁବନେଶ୍ୱର, ୧୨।୮ (ସମିସ): ନୂଆଦିଲ୍ଲୀର ତାଲକୋଟ ଇଣ୍ଡୋର ଷ୍ଟାଡିୟମରେ ଅଲ୍ ଇଣ୍ଡିଆ ଇଣ୍ଡିପେଣ୍ଡେନ୍ସ କପ୍ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୨୬ଜଣ ପ୍ରତିଯୋଗୀ ଭାଗନେଇ ମୋଟ୍ ୨୦ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଯେଉଁଥିରେ ୮ଟି ସ୍ୱର୍ଣ୍ଣ ପଦକ ରହିଥିବାବେଳେ ୨ ରୌପ୍ୟ ଓ ୧୦ କାଂସ୍ୟ ପଦକ ରହିଛି। ରାଜେଶ ମହାପାତ୍ର, ଲୋମା ସ୍ୱାଇଁ, ଅର୍ନାଦିତ୍ୟ ସ୍ୱାଇଁ, ଓର୍ଜା ସାମନ୍ତ, ଡି ଧନୁଷ, ରେୟାଂଶ ଚୌଧୁରୀ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ନିଶାନ ସିଂ ଦୁଇଟି ବର୍ଗରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଅପରପକ୍ଷରେ ଆର୍ଯ୍ୟବତ ବିଶ୍ୱାଳ ଓ ତ୍ରିଲୋଚନ ରଣା ରୌପ୍ୟ ପଦକ ଏବଂ ଭାରତୀ ବିଶ୍ୱପ୍ରଭା ପତି, ଯୋଗେଶ ବେରିହା, ଆଦିତ୍ୟ ବାରିକ, ବାସୁଦେବ ପଣ୍ଡା, ବିନ୍ଦୁ ଜାନା, ଆର୍ଯ୍ୟା ବଂଶିକା, ଅର୍ନାଦିତ୍ୟା ସ୍ୱାଇଁ, ଓର୍ଜା ସାମନ୍ତ, ରେୟାଂଶ ଚୌଧୁରୀ ଓ ଡି ଧନୁଷ କାଂସ୍ୟ ସଫଳତା ପାଇଥିଲେ।




୧୯୯୭ ଦିନ ପରେ ଅଷ୍ଟ୍ରେଲିଆକୁ ହରାଇଲା ଦକ୍ଷିଣ ଆଫ୍ରିକା

## ୪୧ ବଲ୍‌ରେ ବ୍ରେଭିସ୍‌ଙ୍କ ଶତକ

ଡାରୱିନ୍, ୧୨।୮ (ଏଜେନ୍ସି): ଯୁବ ବ୍ୟାଟର ଡିୱାଲ୍ଡ ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୫୩ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ପୂର୍ବରୁ ପ୍ରଥମ ଟି-୨୦କୁ ଅଷ୍ଟ୍ରେଲିଆ ୧୭ ରନ୍‌ରେ ଜିତିଥିଲା। ଶନିବାର ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ଅନୁଷ୍ଠିତ ହେବ। ମାତ୍ର ୪୧ ବଲ୍‌ରେ ଶତକ ଓ ୫୬ ବଲ୍‌ରେ ୧୨ ଚୌକା ଓ ୮ ଛକା ସହ ଅପରାଜିତ ୧୨୫ ରନ୍ କରିଥିବା ବ୍ରେଭିସ୍ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଦ୍ୱିତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୨୧୮ ରନ୍ କରିଥିଲା। ଦଳ ପକ୍ଷରୁ ବ୍ରେଭିସ୍‌ଙ୍କ ଶତକ ବ୍ୟତୀତ ଟ୍ରିଷ୍ଟାନ ଷ୍ଟବ୍ସ ଦ୍ୱିତୀୟ ସର୍ବାଧିକ ୩୧ ରନ୍ କରିଥିଲେ। ଘରୋଇ ଦଳର ଗ୍ଲେନ୍ ମ୍ୟାକ୍ସୱେଲ ଓ ବେନ୍ ଡ୍ୱାରଶୁଇସ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୪ ଓଭରରେ ୧୬୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଟିମ୍ ଡେଭିଡ୍ ସର୍ବାଧିକ ୫୦, ଆଲେକ୍ସ କ୍ୟାରୀ ୨୬ ଓ ଅଧିନାୟକ ମିଚେଲ ମାର୍ଶ ୨୨ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ୧୯ ବର୍ଷୀୟ ଫାଷ୍ଟ ବୋଲର କ୍ୱେନା ମାପାକା ଓ ଅଲରାଉଣ୍ଡର କର୍ବିନ ବୋଶ ୩ଟି ଲେଖାଏଁ ୱିକେଟ ନେଇ ଦଳକୁ ସହଜ ବିଜୟ ଭେଟିଦେଇଥିଲେ। ଏଥିସହ ଦକ୍ଷିଣ ଆଫ୍ରିକା ୧୯୯୭ ଦିନ ପରେ ଏକ ଟି-୨୦ ମ୍ୟାଚରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଛି। ଶେଷଥର ଲାଗି ୨୩ ଫେବୃଆରୀ ୨୦୨୦ରେ ଅଷ୍ଟ୍ରେଲିଆକୁ ହରାଇଥିଲା ଦକ୍ଷିଣ ଆଫ୍ରିକା। ଏହି ୫ ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ୬ଟି ଟି-୨୦ ଖେଳାଯାଇଥିବାବେଳେ ସମସ୍ତଥର ଅଷ୍ଟ୍ରେଲିଆ ବାଜିମାତ୍ କରିନେଇଥିଲା।



ଡିୱାଲ୍ଡ ବ୍ରେଭିସ୍
ରନ୍- ୧୨୫
ବଲ୍- ୫୬
ଚୌକା- ୧୨
ଛକା- ୮

## ଘରୋଇ ସିଜନ ପୂର୍ବରୁ ଖେଳାଳିଙ୍କ ଫିଟ୍‌ନେସ୍ ଟେଷ୍ଟ

ବେଙ୍ଗାଲୁରୁ,୧୨।୮ (ଏଜେନ୍ସି): ଘରୋଇ କ୍ରିକେଟ୍ ପୂର୍ବରୁ ଭାରତୀୟ ଖେଳାଳିଙ୍କୁ ଫିଟ୍ ରଖିବା ଲାଗି ବିସିସିଆଇ ପକ୍ଷରୁ ସମସ୍ତ ପ୍ରକାର ଚେଷ୍ଟା ଅବ୍ୟାହତ ରହିଛି। ଯେଉଁ ଖେଳାଳିମାନେ ଆହତ ହୋଇଛନ୍ତି କିମ୍ବା ଆହତ ପରେ ଫିଟ୍‌ନେସ ଲାଗି ସଂଘର୍ଷ କରୁଛନ୍ତି ସେମାନଙ୍କୁ ବେଙ୍ଗାଲୁରୁର ସେଣ୍ଟର ଫର ଏକ୍ସିଲେନ୍ସିରେ ଫିଟନେସ୍ ପରୀକ୍ଷା ଦେବାକୁ ଡକାଯାଇଛି। ସେଠାରେ ନିୟମିତ ଫିଟ୍‌ନେସ୍ ଟେଷ୍ଟ କରାଯାଇ ପରବର୍ତ୍ତୀ ମୁକାବିଲା ଲାଗି ଫିଟ୍ ରଖାଯାଉଥିବା ଜଣାଯାଉଛି। ନିକଟରେ ଭାରତର ୱିକେଟରକ୍ଷକ ବ୍ୟାଟର ଇଶାନ କିସାନ ଓ ଅଲରାଉଣ୍ଡର ରିୟାନ ପରାଗଙ୍କୁ ଫିଟନେସ ପରୀକ୍ଷା ଲାଗି ଏଠାରେ ଥିବା ସେଣ୍ଟର ଫର ଏକ୍ସିଲେନ୍ସିକୁ ଡକାଯାଇଛି। ଅଗଷ୍ଟ ୨୮ରୁ ଆରମ୍ଭ ହେବାକୁ ଥିବା ଦୁଲୀପ ଟ୍ରଫିରେ କିସାନ ପୂର୍ବାଞ୍ଚଳର ନେତୃତ୍ୱ ନେବେ। ଏହି ଦଳରେ ଅନ୍ୟତମ ସଦସ୍ୟ ଭାବେ ପରାଗ ଖେଳିବେ।

ନିକଟରେ ସ୍କୁଟିରୁ ପଡ଼ିଯାଇ ଆହତ ହୋଇଥିବା କିସାନ ଭାରତ ଲାଗି ୨ ଟେଷ୍ଟ, ୨୭ ଦିନିକିଆ ଓ ୩୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଆହତ ହେବା ଫଳରେ ସେ ଇଂଲଣ୍ଡକୁ ରିଜର୍ଭ ୱିକେଟରକ୍ଷକ ଭାବେ ଯାଇପାରିଲେ ନାହିଁ। ଟେଷ୍ଟ ଦଳର ୱିକେଟରକ୍ଷକ ଋଷଭ ପନ୍ତ୍ ଆହତ ହୋଇ ୫ମ ଟେଷ୍ଟରୁ ବାଦ୍ ପଡ଼ିଥିଲେ। ଫଳରେ ତାଙ୍କ ସ୍ଥାନରେ ତାମିଲନାଡୁର ଏନ୍ ଜଗଦୀଶନଙ୍କୁ ସାମିଲ କରାଯାଇଥିଲା। ସ୍କୁଟିରୁ ପଡ଼ି ଆହତ ହେବା ପରେ କିସାନଙ୍କର ଫିଟ୍‌ନେସ ପରୀକ୍ଷା କରାଯାଇ ନଥିଲା। ଆଇପିଏଲ୍ ଖେଳିଲାବେଳେ ମଧ୍ୟ ପରାଗ ପୂରା ଫିଟ୍ ଥିଲାପରି ଖେଳି ନ ଥିଲେ। ଏଣୁ ସେମାନେ କେତେ ଫିଟ୍ ଅଛନ୍ତି, ତାହା ଜାଣିବା ସକାଶେ ଏହି ପରୀକ୍ଷା କରାଯାଉଛି। ଏହା ପୂର୍ବରୁ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଟି-୨୦ ଓପନର ଅଭିଷେକ ଶର୍ମା ଏବେ ସେଣ୍ଟର ଅଫ ଏକ୍ସିଲେନ୍ସିରେ ଅଛନ୍ତି। ପୂର୍ବରୁ ଶ୍ରେୟସ ଆୟର ମଧ୍ୟ ଫିଟ୍‌ନେସ ପରୀକ୍ଷା ଦେବାକୁ ଆସିଥିଲେ। ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅସ୍ତ୍ରୋପଚାର ପରେ ଫିଟ୍ ହେବାକୁ ଏଠାରେ ଦୀର୍ଘ ସମୟ ରହିଛନ୍ତି। ଏବେ ସେ ବ୍ୟାଟିଂ ଅଭ୍ୟାସ ଆରମ୍ଭ କରିଛନ୍ତି।

ଇଂଲଣ୍ଡରେ ୫ ମ୍ୟାଚ୍ ଟେଷ୍ଟ ସିରିଜ୍ ଶେଷ ପରେ ଭାରତର ଅନ୍ତର୍ଜାତୀୟ କ୍ରିକେଟ ଏସିଆ କପ୍‌ରୁ ଆରମ୍ଭ ହେବ। ଏଥର ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ୨୦୨୫-୨୬ରେ ଭାରତର ଅନେକ ସୀମିତ ଓଭର କ୍ରିକେଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏସିଆ କପ ପରେ ଅକ୍ଟୋବରରେ ୩ ଦିନିକିଆ ଓ ୫ ଟି-୨୦ ମ୍ୟାଚ୍ ଖେଳିବାକୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ଯିବ। ଏହା ପରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ମଧ୍ୟ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ଖେଳିବ। ଏହି ସିରିଜ୍ ଡିସେମ୍ବରରେ ଖେଳାଯିବ। ଏହା ପରେ ୨୦୨୬ ଜାନୁଆରୀରେ ନ୍ୟୁଜିଲାଣ୍ଡ ଦଳ ଭାରତ ଗସ୍ତରେ ଆସିବ ଓ ସମାନ ୩ଟି ଲେଖାଏଁ ଦିନିକିଆ ଓ ୫ଟି ଲେଖାଏଁ ଟି-୨୦ ମ୍ୟାଚ୍ ଖେଳିବ। ଏହା ପରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଫେବୃଆରୀ ମାର୍ଚ୍ଚରେ ଅନୁଷ୍ଠିତ ହେବ। ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଫିଟ୍ ହେଉଥିବା ସମସ୍ତ ଖେଳାଳି ଭାରତୀୟ ସୀମିତ ଓଭର ଟିମ୍‌ରେ ଖେଳିବାର ସମ୍ଭାବନା ରହିଛି। ଏଣୁ ସେମାନଙ୍କୁ ବିସିସିଆଇ ଫିଟ୍ ରଖିବାକୁ ଉଦ୍ୟମ ଅବ୍ୟାହତ ରଖିଛି।

### ୨୦୨୫-୨୬ରେ ଭାରତର ସୀମିତ ଓଭର ଖେଳସୂଚୀ

| ପ୍ରତିଦ୍ୱନ୍ଦ୍ୱୀ | ଦିନିକିଆ | ଟି-୨୦ | ଟୁର୍ଣ୍ଣାମେଣ୍ଟ | ଭେନ୍ୟୁ | ମାସ |
|---|---|---|---|---|---|
| ଏକାଧିକ | — | ୩** | ଏସିଆ କପ୍ | ୟୁଏଇ | ସେପ୍ଟେମ୍ବର |
| ଅଷ୍ଟ୍ରେଲିଆ | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଅଷ୍ଟ୍ରେଲିଆ | ଅକ୍ଟୋବର-ନଭେମ୍ବର |
| ଦ. ଆଫ୍ରିକା | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଭାରତ | ଡିସେମ୍ବର |
| ନ୍ୟୁଜିଲାଣ୍ଡ | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଭାରତ | ଜାନୁଆରୀ-୨୬ |
| ଏକାଧିକ | — | ୪*** | ଟି-୨୦ ବିଶ୍ୱକପ୍ | ଭାରତ-ଶ୍ରୀଲଙ୍କା | ଫେବୃଆରୀ-ମାର୍ଚ୍ଚ |

ବିଦ୍ର: ** : ଏସିଆ କପ୍‌ରେ ପ୍ରଥମେ ୩ଟି ଲିଗ୍ ମ୍ୟାଚ୍ ଖେଳିବ। ପରବର୍ତ୍ତୀ ରାଉଣ୍ଡକୁ ଉନ୍ନିତ ହେଲେ ଆଉ ୧ଟି କିମ୍ବା ୨ଟି ମ୍ୟାଚ୍ ଖେଳିପାରିବ।
ବିଦ୍ର: ***: ଏସିଆ କପ୍‌ର ୩ଟି ଲିଗ୍ ମ୍ୟାଚ୍ ଖେଳାଯିବ। ଭାରତ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେଲେ ସୁପର-୮ରେ ଆଉ ୩ଟି ଓ ଫାଇନାଲକୁ ଗଲେ ଆଉ ୨ଟି ମ୍ୟାଚ୍ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS